


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-275 ◆FRIDAY ◆03 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୫ ◆ଶୁକ୍ରବାର ◆୦୩ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ସାଂଘାତିକ ଅଭିଯୋଗ ଆଣିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସ୍ୱାମୀ

# ଆନ୍ଧ୍ରରେ ରାତିଅଧିଆ ଭୋଟ

## ରାତି ୮ରୁ ୨ଟା ମଧ୍ୟରେ ୫୨ଲକ୍ଷ ମତଦାନ




**୨୦୨୪ ନିର୍ବାଚନରେ ସାଂଘାତିକ ଅନିୟମିତତା**

**୩୫୦୦ ବୁଥରେ ରାତି ୨ଟାରେ ହୋଇଛି ମତଦାନ**

**ରାତି ୧୧.୪୫ରୁ ୨ଟା ମଧ୍ୟରେ ୧୭ ଲକ୍ଷ ଭୋଟିଂ**

**ପ୍ରତି ୬ ସେକେଣ୍ଡରେ ପଡ଼ିଥିଲା ଗୋଟିଏ ଭୋଟ୍**

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା, ହରିଆଣା, ତେଲଙ୍ଗାନା ସହ ପ୍ରାୟ ୧୮ ଟି ରାଜ୍ୟର ୬୦ରୁ ଊର୍ଦ୍ଧ୍ୱ ସଂସଦୀୟ କ୍ଷେତ୍ରରେ ବିପୁଳ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ଓଡ଼ିଶାରୁ ବିଜେଡି ସବିଶେଷ ପ୍ରମାଣ ସହ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ଫଳ ମିଳିନାହିଁ। ଏହାକୁ ନେଇ ଜାତୀୟସ୍ତରରେ ସୂଚନାଧିକାର କର୍ମୀମାନେ ମଧ୍ୟ ଏହି ପ୍ରସଙ୍ଗରେ ନିର୍ବାଚନ କମିସନଙ୍କୁ ଘେରିଛନ୍ତି। ଏହି ସମୟରେ ଆନ୍ଧ୍ରରେ ୨୦୨୪ ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଯେଉଁ ତଥ୍ୟ ମିଳିଛି ତାହା ସବୁ ଅନିୟମିତତାକୁ ଅତିକ୍ରମ କରି କରିଯାଇଛି। ଏପରି ମତଦାନ 'ଅସ୍ୱାଭାବିକ' ଓ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସ୍ୱାମୀ ତଥା ଅର୍ଥନୀତିଜ୍ଞ ପରକଳା ପ୍ରଭାକର।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦେଇଥିବା ତଥ୍ୟ ଅନୁସାରେ ଆନ୍ଧ୍ରପ୍ରଦେଶରେ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ମତଦାନର ୪.୧୬ ପ୍ରତିଶତ ଭୋଟ ରାତି ୧୧.୪୫ରୁ ୨ଟା ମଧ୍ୟରେ ପୁଲିଂ ହୋଇଛି। ଏପରିକି ମଧ୍ୟରାତ୍ରି ପରେ ପ୍ରାୟ ୧୭ ଲକ୍ଷ ମତଦାନ ହୋଇଥିବା ଦର୍ଶାଯାଇଛି। ସେହିପରି ୩୫୦୦ ବୁଥରେ ରାତି ୨ଟାରେ ମତଦାନ ହୋଇଥିବା ଦର୍ଶାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସାଂଘାତିକ ବିଷୟ ହେଉଛି, ସାଧାରଣତଃ ଗୋଟିଏ ଭୋଟ ପରେ ଇଭିଏମ୍ ରିସେଟ୍ ବା ପୁନର୍ବାର ମତଗ୍ରହଣ ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ▶ପୃଷ୍ଠା-୭

### ଏସ୍ଆଇଆର୍ ଅଧିକାରୀ ପଣବନ୍ଦୀକୁ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

# ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର: ମମତା



**"ମୋ ପାଖରେ କ୍ଷମତା ନାହିଁ। ଅଧିକାରୀଙ୍କୁ ସୁରକ୍ଷା ଦେବାରେ ନିର୍ବାଚନ କମିସନ ବିଫଳ"**

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ଚଳିତ ମାସ ଶେଷ ଆଡ଼କୁ ପଶ୍ଚିମ ବଙ୍ଗରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତକାଲି ରାତିରେ ଦେଖିବାକୁ ମିଳିଛି ଅଭାବନୀୟ ପରିସ୍ଥିତି। ଏସ୍ଆଇଆରରେ ଜାଲିଆତି ଅଭିଯୋଗ ଆଣି ହଜାର ହଜାର ଲୋକ ଏସ୍ଆଇଆର ପ୍ରକ୍ରିୟାରେ ନିୟୋଜିତ ୭ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ୯ ଘଣ୍ଟା ଧରି ପଣବନ୍ଦୀ କରି ରଖିବା ଘଟଣା କୋଲକାତାରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି କରିଛି। ଏହି ଘଟଣା ନେଇ ସୁପ୍ରିମ କୋର୍ଟ ପଶ୍ଚିମବଙ୍ଗର ମମତା ସରକାର ଉପରେ ବର୍ଷିଥିଲା ବେଳେ ନିର୍ବାଚନ ପୂର୍ବରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ଲାଗି ବିଜେପିର ଏହା ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ଭୋଟର ତାଲିକାରୁ ପ୍ରାୟ ୬୩ ଲକ୍ଷ ନାମ କଟାଯିବା ଏବଂ ୬୦ ଲକ୍ଷ ନାମକୁ ଯାଞ୍ଚ ଅଧୀନ ରଖାଯିବାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଲାଗି ରହିଛି। ଅଭିଯୋଗ ହେଉଛି ଯେ ଏହି ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ବର୍ଗକୁ ତାଲିକାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ହଟାଇ ଦିଆଯାଉଛି। ଏଭଳି ଅସନ୍ତୋଷର ପ୍ରତିଫଳନ ମାଲଦା ଜିଲ୍ଲାରେ ଦେଖିବାକୁ ମିଳିଛି। ଜିଲ୍ଲାର କାଳିଆଚକ-୨ ବ୍ଲକ କାର୍ଯ୍ୟାଳୟରେ ଗତକାଲି ୭ ଜଣ ଅଧିକାରୀ ଯାଞ୍ଚ ଚଳାଇଥିଲେ। ବିଚାର ବିଭାଗୀୟ ଅଧିକାରୀ ସେମାନଙ୍କ କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରି ହଜାର ହଜାର ଲୋକ ବିକ୍ଷୋଭ କରିଥିଲେ। ଏହାପରେ ସେମାନେ ସଂପୃକ୍ତ ଅଧିକାରୀଙ୍କୁ ଘେରିଯାଇଥିଲେ। ଏହି ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ମହିଳା ଥିଲେ ଓ ଏମାନଙ୍କ ସହ ଜଣେ ୫ ବର୍ଷର ଶିଶୁ ମଧ୍ୟ ଥିଲଶ। ରାତି ପ୍ରାୟ ୧ଟାରେ ପୁଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ପୁଲିସ ଗାଡ଼ି ▶ପୃଷ୍ଠା-୭

# ୧୬ ତାରିଖ ପର୍ଯ୍ୟନ୍ତ ସଂସଦ ମୁଲତବୀ

### ମହିଳା ସଂରକ୍ଷଣ ବିଲ୍ ପାଇଁ ୧୬ରେ ପୁଣି ବୈଠକ

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ସଂସଦର ବଜେଟ ଅଧିବେଶନକୁ ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ୍ ପାଇଁ ୧୬ରୁ ସଂସଦର ଅଧିବେଶନ ପୁଣି ଆରମ୍ଭ ହେବ। ଏହା ଦୁଇ ତିନି ଦିନ ପର୍ଯ୍ୟନ୍ତ ଚାଲିପାରେ। ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ସହିତ ମହିଳାମାନଙ୍କ ପାଇଁ ୨୭୩ ଆସନ ସଂରକ୍ଷିତ ରଖିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

ନିର୍ଦ୍ଧାରତିକ କାର୍ଯ୍ୟସୂଚୀ ଅନୁଯାୟୀ ୨୮ ଜାନୁଆରୀରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଆଜି ଏପ୍ରିଲ ଦୁଇ ତାରିଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ହେବା କଥା। କିନ୍ତୁ ଉପରୋକ୍ତ ଦୁଇଟି ବିଲ୍ ପାଇଁ ସରକାର ୧୬ ତାରିଖରେ ପୁଣି ଅଧିବେଶନ ଡକାଇବାକୁ ନିଷ୍ପତ୍ତି ନେଇଛନ୍ତି। ଗୃହ ମୁଲତବୀ ହେବାପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ରାଜ୍ୟସଭାରେ କହିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ଲାଗି ସଂସଦ ବୈଠକ ପୁଣି ବସିବ। ସେ କହିଲେ, ଆମ ପାଖରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିଲ୍ ରହିଛି। ଆଗାମୀ ଦୁଇ ତିନି ସପ୍ତାହ ମଧ୍ୟରେ ଏହାକୁ ସଂସଦରେ ଆଗତ କରାଯିବ। କିନ୍ତୁ ସେ ଏହି ବିଲ୍ ବିଷୟରେ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇନଥିଲେ। କେବଳ ସେ ଏତିକି କହିଥିଲେ ଯେ ବିରୋଧୀ ଦଳର ନେତାମାନଙ୍କ ସହିତ ସରକାର ଏସଂପର୍କରେ ବିଚାରଆଲୋଚନା ଚଳାଇଛନ୍ତି। ମିଳିଥିବା ସୂଚନା ▶ପୃଷ୍ଠା-୭

# ବଦଳିଲା ସ୍କୁଲ ସମୟ: ସକାଳ ସାଢ଼େ ୬ରୁ ସାଢ଼େ ୧୦

**୨ତାରିଖରେ ବିଜ୍ଞପ୍ତି, ୨ରୁ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨।୪ (ସମିସ): ଏପ୍ରିଲ ଆରମ୍ଭରୁ ରାଜ୍ୟର କିଛି ସହରରେ ପାରଦ ୪୦ ଛୁଇଁଛି। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ସକାଳୁଆ ସ୍କୁଲ ନିମନ୍ତେ ବିଜ୍ଞପ୍ତି ଜାରି କରିଛି। ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ହେବ ବୋଲି ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଅଭିଭାବକ ସ୍ୱାଗତ କରିଥିଲେ ହେଁ ୨ ତାରିଖ ଅର୍ଥାତ୍ ଆଜିଠାରୁ ଏହାକୁ କାର୍ଯ୍ୟକାରୀ ନିମନ୍ତେ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ୨ ତାରିଖରେ ପ୍ରକାଶ ପାଇବା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଗୁଡ୍ ଫ୍ରାଇଡ଼େ ନିମନ୍ତେ ଆସନ୍ତାକାଲି ସ୍କୁଲ ଛୁଟିଥିବା ବେଳେ ▶ପୃଷ୍ଠା-୭

### ଶୀର୍ଷ ନେତୃତ୍ୱ ଅସନ୍ତୋଷ ପରେ ରାଜ୍ୟ ବିଜେପିରେ ତନାଘନା

# ଚୈତ୍ରରେ ନିଗମ; ବୈଶାଖରେ ମନ୍ତ୍ରିମଣ୍ଡଳ !

**ମନ୍ତ୍ରିମଣ୍ଡଳରେ ସାମିଲ ହେବେ ୮ ନୂଆ ମୁହଁ**

**ବଦଳିବ ୬ ମନ୍ତ୍ରୀଙ୍କ ବିଭାଗ, ବାଦ ପଡ଼ିବେ ୩**

■ ଭୁବନେଶ୍ୱର, ୨।୪ (ସମିସ): ୧୯ ମାସର ଦୀର୍ଘ ପ୍ରତୀକ୍ଷା ପରେ ମଙ୍ଗଳବାର ରାଜ୍ୟ ସରକାର ୩୦ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତି ପରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବାଟ ଫିଟିଥିବା ମଧ୍ୟ କୁହାଯାଉଛି। ଏହି ନିଯୁକ୍ତି ପଛରେ ନିକଟରେ ଦିଲ୍ଲୀରେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଭେଟଘାଟ ଥିବା ଏବେ ବିଜେପି ଅଳିନ୍ଦରେ ଆଲୋଚନା ହେଉଛି। ଗତ ଶନିବାର ମନ-ମୋହନ ଯୋଡ଼ି ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସଂଗଠନ ଓ ସରକାରଙ୍କ ମଧ୍ୟରେ ତାଳମେଳର ଅଭାବ ଓ ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଦଳୀୟ ନେତାଙ୍କୁ ଥଇଥାନ ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଏହାର ପ୍ରତିଫଳନ ସ୍ୱରୂପ ୩୦ ଜିଲ୍ଲାରେ ବିଭିନ୍ନ ବିଧାୟକମାନଙ୍କୁ ଜିଲ୍ଲା ଯୋଜନା କମିଟିରେ ଥଇଥାନ କରାଯାଇଛି। ୧୪ ତାରିଖ ପୂର୍ବରୁ ଚୈତ୍ରମାସରେ ନିଗମ ନିଯୁକ୍ତି ଚୂଡ଼ାନ୍ତ ହେବ ଓ ବୈଶାଖରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



15001/2/2627





ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)






ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002



# ପୁଣି ବିସ୍ଫୋରକ ହେବ ମଧ୍ୟପ୍ରାଚ୍ୟ

## ପଲଟିଲେ ଟ୍ରମ୍ପ, ଇରାନକୁ ଧ୍ୱଂସ କରିବାକୁ ଧମକ

ତେହରାନ/ୱାସିଂଟନ, ୨।୪(ଏଜେନ୍ସି): ଇରାନ ଯୁଦ୍ଧରୁ ଆମେରିକା ଖୁବଶୀଘ୍ର ଓହରିଯିବ ଏବଂ ଏଥିପାଇଁ କୌଣସି ଚୁକ୍ତିର ଆବଶ୍ୟକତା ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ



ଏଭଳି ଘୋଷଣା କରିବା ପରେ ମଧ୍ୟପ୍ରାଚ୍ୟରେ ଶାନ୍ତିର ଆଶା ସଂଚାର ହୋଇଥିଲା। କିନ୍ତୁ ଟ୍ରମ୍ପ ତାଙ୍କ କଥାରୁ ଓହରିଯାଇଛନ୍ତି। ସେ ଧମକ ଦେଇଛନ୍ତି ଯେ ଇରାନ ବୁଝାମଣା ନକଲେ ଏହାକୁ ଧ୍ୱଂସ କରିଦିଆଯିବ। ଆଗାମୀ ଦୁଇ ତିନି ସପ୍ତାହ ଭିତରେ ଏପରି ଆକ୍ରମଣ କରାଯିବ ଯେ ଇରାନ ପ୍ରସ୍ତର ଯୁଗକୁ ଫେରିଯିବ। ଏଥିରେ ଇରାନ ଭୀଷଣ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଇସ୍ରାଏଲ ରାଜଧାନୀ ତେଲ ଆଭିଭ ଉପରେ ଆଜି ପ୍ରଚଣ୍ଡ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହାସହିତ ଟ୍ରମ୍ପଙ୍କୁ ଧମକ ଦେଇଛି ଯେ ଆମେରିକାର ସେନା ଆତ୍ମସମର୍ପଣ ନକରିବା ପର୍ଯ୍ୟନ୍ତ ଉଭୟ ଆମେରିକା ଓ ଇସ୍ରାଏଲ ଉପରେ ବିଧ୍ୱଂସକାରୀ ଆକ୍ରମଣ କରାଯିବ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଟେଲିଭିଜନ ସମ୍ବୋଧନରେ କହିଛନ୍ତି ଯେ ଆଗାମୀ ୨ରୁ ୩ ସପ୍ତାହ ମଧ୍ୟରେ ଆମେରିକା ଇରାନକୁ ପ୍ରସ୍ତର ଯୁଗ (ଷ୍ଟୋନ ଏଜ୍) ଫେରାଇ ନେବ।

- ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଜବାବ ଦେଲା ଇରାନ
- ବିଧ୍ୱଂସକାରୀ ଆକ୍ରମଣ ପାଇଁ ପ୍ରସ୍ତୁତ ରହୁ ଆମେରିକା, ଇସ୍ରାଏଲ
- ଟ୍ରମ୍ପ ସେନା ଆତ୍ମସମର୍ପଣ ପରେ ବନ୍ଦ ହେବ ଯୁଦ୍ଧ: ଇରାନ

ସେ ଦାବି କରିଥିଲେ ଯେ ଆମେରିକୀୟ ଆକ୍ରମଣ ଯୋଗୁଁ ଇରାନର ମିସାଇଲ୍ ଉତ୍କ୍ଷେପଣ କ୍ଷମତା ଓ ଡ୍ରୋନ ଶକ୍ତି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇଯାଇଛି। ସେ କହିଲେ ଯେ ଦୁଇ ତିନି ସପ୍ତାହ ମଧ୍ୟରେ ଆମେରିକା ଏହାର ଲକ୍ଷ୍ୟ ହାସଲ କରିବ। ।ତେବେ ଏହି ସମୟ ମଧ୍ୟରେ ଅସ୍ତ୍ରବିରତି ପାଇଁ ଇରାନ ବୁଝାମଣା ନକଲେ ଏହା ଉପରେ ଆହୁରି ପ୍ରଚଣ୍ଡ ଆକ୍ରମଣ କରାଯିବ। ଟ୍ରମ୍ପଙ୍କ ଏହି ଧମକକୁ ଇରାନ ପ୍ରତ୍ୟାଖ୍ୟାନ କରିବା ସହ ଓଲଟା ଚେତାବନୀ ଦେଇଛି। ଇରାନର ଖାତମ-ଅଲ-ଅନବିୟ କନ୍ଦ୍ରୀୟ ମୁଖ୍ୟାଳୟର ମୁଖପାତ୍ର ଇବ୍ରାହିମ୍ ଜୋଲଫାଘାରୀ କହିଛନ୍ତି ଯେ ଆମେରିକାର ଗୁଇନ୍ଦା ତଥ୍ୟ ଅସମ୍ପୂର୍ଣ୍ଣ ଓ ଇରାନର ସାମରିକ ଶକ୍ତି ବିଷୟରେ କିଛି ଜାଣିନାହିଁ। ଇରାନ ଦାବି କରିଛି ଯେ ଆମେରିକା ଯେଉଁ ସ୍ଥାନଗୁଡ଼ିକରେ ଆକ୍ରମଣ କରିଛି ତାହା ଅତି ସାମାନ୍ୟ। ଇରାନର ମୁଖ୍ୟ ମିସାଇଲ ଉତ୍ପାଦନ କେନ୍ଦ୍ର, ଦୂରଗାମୀ ଡ୍ରୋନ ଏବଂ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏବେ ବି ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ରହିଛି। ଇରାନ କହିଛି ଯେପର୍ଯ୍ୟନ୍ତ ଆମେରିକା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିନାହିଁ, ସେ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଆଗକୁ ଆହୁରି ଭୟଙ୍କର ଏବଂ ବିନାଶକାରୀ ଆକ୍ରମଣ କରାଯିବ ବୋଲି ଇରାନ ଧମକ ଦେଇଛି। ଜୋଲଫାଘାରୀ କହିଛନ୍ତି ଯେ ଆମର ଗୁପ୍ତ ସାମରିକ କେନ୍ଦ୍ରଗୁଡ଼ିକ ବିଷୟରେ ଆମେରିକା କେବେବି ଜାଣିପାରିବ ନାହିଁ। ଆମେରିକା ଓ ଇସ୍ରାଏଲ ଆକ୍ରମଣର ବଦ୍‌ଲା ନେବା ପାଇଁ ଇରାନ ପ୍ରସ୍ତୁତ ରହିଛି। ପଶ୍ଚିମ ଏସିଆରେ ପରିସ୍ଥିତି ଏବେ ଅତି ଜଟିଳ ରହିଛି। ଆମେରିକା ନିଜର ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ଇରାନ ନିଜର ଅଜ୍ଞାତ ରଣନୈତିକ ଶକ୍ତି ବଳରେ ପାଲଟା ଜବାବ ଦେବାକୁ ପ୍ରସ୍ତୁତ ହେଉଛି।

ସୂଚନାଯୋଗ୍ୟ ଯେ ଗତ ଏକ ମାସରୁ ଅଧିକ ସମୟଧରି ଚାଲିଥିବା ଯୁଦ୍ଧ ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଗିଳିଦେଲାଣି। ଏହା ବିଶ୍ୱ ଅର୍ଥନୀତିକୁ ମଧ୍ୟ ଦୋହଲାଇଦେଲାଣି। ଏହାଦ୍ୱାରା ସାରା ବିଶ୍ୱରେ କୋଟି କୋଟି ଲୋକ ପ୍ରଭାବିତ ହେଲେଣି। ଗତକାଲି ଟ୍ରମ୍ପଙ୍କ ଆଶ୍ୱାସନା ପରେ ଅଶୋଧିତ ତେଲ ଦାମ ଖସିଥିବା ବେଳେ ଆଜି ପୁଣି ୧୧୦ ଡଲାର ପାର କରାଯାଇଛି। ସେୟାର ବଜାର ମଧ୍ୟ ଧରାଶାୟୀ ହୋଇଛି।

## ଆମେରିକା ଓ ଇରାନ ମଧ୍ୟରେ ଗୁପ୍ତ ଆଲୋଚନା: ଗଣମାଧ୍ୟମ ରିପୋର୍ଟ

ୱାସିଂଟନ, ୨।୪(ଏଜେନ୍ସି): ଜଣାଶୁଣା ଆମେରିକୀୟ ନ୍ୟୁଜ୍ ଓ ମିଡିଆ କମ୍ପାନୀ ଆକ୍ସିଅସ୍ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ଆଲୋଚନା ଚାଲିଛି। ଇରାନ ପୁଣି ଥରେ ହର୍ମୁଜ ପ୍ରଣାଳୀ ଖୋଲିବା ବଦଳରେ ଆମେରିକା ଯୁଦ୍ଧ ବିରତି ବା ଅସ୍ତ୍ରବିରତି ଘୋଷଣା କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଟ୍ରୁଥ ସୋସିଆଲ୍' ପୋଷ୍ଟରେ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ଖୋଲା ଏବଂ ସୁରକ୍ଷିତ ହୋଇନାହିଁ, ସେ ପର୍ଯ୍ୟନ୍ତ ଅସ୍ତ୍ରବିରତି ହେବ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ ଏହା ନହେଲେ ଇରାନକୁ ପ୍ରସ୍ତର ଯୁଗକୁ ପଠାଇ ଦେବେ। ଟ୍ରମ୍ପ ବୁଧବାର ସାଉଦି ପ୍ରିନ୍ସ ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍)ଙ୍କ ସହ ଆଲୋଚନା କରିଛନ୍ତି। ଚୀନ ଓ ପାକିସ୍ତାନ ମଧ୍ୟ ଅସ୍ତ୍ରବିରତିର ପ୍ରସ୍ତାବ ଆଣିଛନ୍ତି, ଯେଉଁଥିରେ ଅସ୍ତ୍ରବିରତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ବିଷୟରେ ଉଲ୍ଲେଖ ଅଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ବିଭିନ୍ନ ମଧ୍ୟସ୍ଥିଙ୍କ ସହ କଥାବାର୍ତ୍ତା ହେଉଛନ୍ତି। ସେ ଇରାନକୁ ବାର୍ତ୍ତା ଦେଇଛନ୍ତି ଯେ ଟ୍ରମ୍ପ ଏବେ ଧୈର୍ଯ୍ୟ ହରାଉଛନ୍ତି ଏବଂ ଯଦି ଶୀଘ୍ର ଚୁକ୍ତି ନ ହୁଏ, ତେବେ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ ବୃଦ୍ଧି ପାଇବ। ଅପରପକ୍ଷରେ ଆମେରକା ସହ କୌଣସି କୂଟନୈତିକ ସଫଳତାର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେରିକା ଉପରେ ଇରାନର ବିଶ୍ୱାସ ନାହିଁ ବୋଲି ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚୀ କହିଛନ୍ତି।



## ହର୍ମୁଜ ଖୋଲିବାକୁ ତନାଘନା

ଲଣ୍ଡନ/ ପ୍ୟାରିସ୍, ୨।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ବ୍ରିଟେନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବ୍ରିଟେନ ବୈଦେଶିକ ମନ୍ତ୍ରୀ ଇଭେଟ କୁପରଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, କାନାଡ଼ା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ୩୫ଟି ଦେଶ ଅଂଶଗ୍ରହଣ କରିବେ। ଆମେରିକା ରାଷ୍ଟ୍ରପତି ବୁଧବାର ସ୍ପଷ୍ଟ କରିଥିଲେ ଯେ ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ରଖିବା ସେହି ଦେଶମାନଙ୍କର ଦାୟିତ୍ୱ ଯେଉଁମାନେ ଏହି ମାର୍ଗ ଉପରେ ନିର୍ଭର କରନ୍ତି। ତେଣୁ ଏହି ବୈଠକରେ ଆମେରିକା ଯୋଗ ଦେଉନାହିଁ। ଟ୍ରମ୍ପ ଅନ୍ୟ ଦେଶଗୁଡ଼ିକୁ ସାହାସ ଜୁଟାଇ ନିଜେ ଏହି ଜଳପଥକୁ ସୁରକ୍ଷିତ ରଖିବାକୁ କହିଛନ୍ତି।

**ଲଣ୍ଡନ ବୈଠକରେ ସାମିଲ ହେବେ ଭାରତ ସମେତ ୩୫ଟି ଦେଶ**

ୟୁରୋପୀୟ ଅଧିକାରୀଙ୍କ ଅନୁଯାୟୀ, ଅସ୍ତ୍ରବିରତି ପରେ ଏହି ଜଳପଥକୁ ଖୋଲିବା ପାଇଁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟ କରାଯାଇପାରେ। ପ୍ରଥମ ପର୍ଯ୍ୟାୟରେ ସମୁଦ୍ର ମଧ୍ୟରେ ବିଛା ଯାଇଥିବା ମାଇନ୍ସଗୁଡ଼ିକୁ ହଟାଇ ଜଳପଥକୁ ସୁରକ୍ଷିତ କରିବା। ଦ୍ୱିତୀୟ ପର୍ଯ୍ୟାୟରେ ଏହି ମାର୍ଗ ଦେଇ ଯାଉଥିବା ତୈଳବାହୀ ଜାହାଜଗୁଡ଼ିକୁ ସାମରିକ ସୁରକ୍ଷା ପ୍ରଦାନ କରିବା। ସେପଟେ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ପୁଣିଥରେ ଖୋଲିବା ସହଜ ହେବ ନାହିଁ। ଏଥିପାଇଁ ସାମରିକ ଶକ୍ତି ସହ ଦୃଢ଼ କୂଟନୈତିକ ପ୍ରୟାସ ଓ ସିପିଂ ଇଣ୍ଡଷ୍ଟ୍ରୀ ସହ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଅସନ୍ତୋଷ ପ୍ରକାଶ କରିଛନ୍ତି। ହର୍ମୁଜ ପ୍ରଣାଳୀକୁ ସାମରିକ ଶକ୍ତି ବଳରେ ମୁକ୍ତ କରିବା ଏକ ଅବାସ୍ତବ କଳ୍ପନା ବୋଲି ସେ କହିଛନ୍ତି। ଦକ୍ଷିଣ କୋରିଆ ଗସ୍ତ ସମୟରେ ଗଣମାଧ୍ୟମକୁ ସୂଚନା ଦେଇ ମାକ୍ରୋନ କହିଛନ୍ତି ଯେ ବଳପୂର୍ବକ ଏହି ସାମୁଦ୍ରିକ ପଥକୁ ଖୋଲିବା ସମ୍ଭବ ନୁହେଁ। ଏହାଦ୍ୱାରା ସେହି ପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଇରାନର କ୍ଷେପଣାସ୍ତ୍ର ଓ ଆଇଆରଜିସିଙ୍କ ଆକ୍ରମଣର ଶିକାର ହେବାର ଭୟ ରହିଛି। ମାକ୍ରୋନଙ୍କ ଅନୁଯାୟୀ, ଇରାନ ସହ ଆଲୋଚନା ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଟ୍ରମ୍ପଙ୍କ ନାଟୋ ସହଯୋଗୀଙ୍କ ପ୍ରତି ସମାଲୋଚନା ଉପରେ ମାକ୍ରୋନ କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ନିଜ ନିଷ୍ପତ୍ତିରେ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି। ଅନ୍ୟଦେଶମାନେ ସେମାନଙ୍କୁ ସାହାଯ୍ୟ କରୁନାହାନ୍ତି ବୋଲି କହିବା ଅନୁଚିତ, କାରଣ ଏହା ଫ୍ରାନ୍ସର ମିଶନ ନୁହେଁ। ଅନ୍ୟପକ୍ଷରେ କହିବାକୁ ଗଲେ ଫ୍ରାନ୍ସ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେବାକୁ ଚାହୁଁ ନାହିଁ ଏବଂ କୂଟନୈତିକ ସ୍ତରରେ ସମାଧାନ ସପକ୍ଷରେ ଅଛି।

ସୂଚନାଯୋଗ୍ୟ ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିଦେଇଛି। ଭାରତ ସମେତ କିଛି ବନ୍ଧୁ ରାଷ୍ଟ୍ରଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ପାଇଁ ଇରାନ ଏହାକୁ ବନ୍ଦ ରଖିଛି। ଫଳରେ ଏଠାରେ ବିଭିନ୍ନ ଦେଶର ୭୦୦ରୁ ଅଧିକ ତୈଳବାହୀ ଜାହାଜ ଅଟକି ରହିଛି। ଏଥିରେ ଭାରତର ୪୦ରୁ ଅଧିକ ଜାହାଜ ମଧ୍ୟ ରହିଛି। ଫଳରେ ଉପସାଗରରୁ ତୈଳ ପରିବହନ ହୋଇପାରୁ ନାହିଁ।

## ରାଜ୍ୟସଭା ଉପନେତା ପଦରୁ ରାଘବ ଚଡ୍ଢାଙ୍କୁ ହଟାଇଲା ଆପ୍

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନିଜର ବରିଷ୍ଠ ନେତା ତଥା ସାଂସଦ ରାଘବ ଚଡ୍ଢାଙ୍କୁ ରାଜ୍ୟସଭାରେ ଦଳର ଉପନେତା ପଦରୁ ହଟାଇଛି। ଫଳରେ ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଘବଙ୍କ ସ୍ଥାନରେ ପଞ୍ଜାବ ସାଂସଦ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାର ନୂଆ ଉପନେତା କରାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟସଭା ସଚିବାଳୟକୁ ଚିଠି ଲେଖି ଆପ୍ ଜଣାଇଛି ଯେ, ରାଘବଙ୍କୁ ସଂସଦରେ କହିବା ପାଇଁ ସମୟ ଦିଆ ନଯାଉ। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବା ପରେ ମଧ୍ୟ ରାଘବ ଚଡ୍ଢା କୌଣସି ପ୍ରତିକ୍ରିୟା ରଖି ନଥିଲେ। ସେ ସାମାଜିକ ଗଣମାଧ୍ୟମରେ ମଧ୍ୟ ଚୁପ୍ ରହିଥିଲେ, ଯାହା ଦଳର ହାଇକମାଣ୍ଡକୁ ଅସନ୍ତୁଷ୍ଟ କରିଛି। କେଜ୍ରିୱାଲଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏବଂ ଯନ୍ତର ମନ୍ତରରେ ହୋଇଥିବା ଜନସଭାରେ ମଧ୍ୟ ରାଘବଙ୍କୁ ଦେଖିବାକୁ ମିଳି ନଥିଲା। ନୂଆ ଉପନେତା ଆଶୋକ ମିତ୍ତଲ କହିଛନ୍ତି ଯେ, ଦଳରେ ସବୁକିଛି ଠିକ୍ ଅଛି। ଏହା ଏକ ସାଧାରଣ ପ୍ରକ୍ରିୟା ଏବଂ ଦଳ ପ୍ରତ୍ୟେକ ସଦସ୍ୟଙ୍କୁ ସୁଯୋଗ ଦେବାକୁ ଚାହୁଁଛି। ସୂଚନାଯୋଗ୍ୟ ଯେ ୩୭ ବର୍ଷୀୟ ରାଘବ ଚଡ୍ଢା ୨୦୧୨ରୁ ଆପ ସହିତ ଜଡ଼ିତ ଅଛନ୍ତି ଏବଂ ତାଙ୍କୁ କେଜ୍ରିୱାଲଙ୍କ ଅତି ଘନିଷ୍ଠ ବୋଲି ବିଚାର କରାଯାଏ। ସେ ପଞ୍ଜାବ ସରକାରରେ ପରାମର୍ଶଦାତା ଏବଂ ଦିଲ୍ଲୀ ଜଳ ବୋର୍ଡର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିସାରିଛନ୍ତି। ତେବେ ହଠାତ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ହଟାଯିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦିଲ୍ଲୀରୁ ହଟିବ ୧.୪୦ ଲକ୍ଷ ଚୀନ୍ ସିସିଟିଭି କ୍ୟାମେରା

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଜାତୀୟ ସୁରକ୍ଷା ଓ ଡାଟା ଚୋରି ଭୟରେ ଦିଲ୍ଲୀ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦିଲ୍ଲୀର ପିଡବ୍ଲ୍ୟୁଡି ମନ୍ତ୍ରୀ ପ୍ରବେଶ ସାହିବ ସିଂ ସହରରେ ଲାଗିଥିବା ପ୍ରାୟ ୧.୪୦ ଲକ୍ଷ ଚୀନ୍ ସିସିଟିଭି କ୍ୟାମେରା ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଲାଗିଥିବା କ୍ୟାମେରାଗୁଡ଼ିକର ଲାଇଭ ଫୁଟେଜ ସୀମା ପାର ହୋଇ ପାକିସ୍ତାନକୁ ପଠାଯାଉଥିଲା। ଦିଲ୍ଲୀ ଓ ଗାଜିଆବାଦ୍‌ରୁ ଏକ ଗୁଇନ୍ଦା ର୍‌ୟାକେଟ୍‌ର ପର୍ଦ୍ଦାଫାସ୍ ହେବା ପରେ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ପିଡବ୍ଲ୍ୟୁଡି ପକ୍ଷରୁ ମୋଟ୍ ୨, ୭୪, ୩୮୯ ସିସିଟିଭି ଲଗାଯାଇଥିଲା, ଯେଉଁଥିରୁ ୧.୪୦ ଲକ୍ଷ କ୍ୟାମେରା ଚୀନ କମ୍ପାନୀ 'ହାଇକଭିଜନ'ର ଥିଲା। ଏହି କ୍ୟାମେରାଗୁଡ଼ିକରେ ଚୀନ ନିର୍ମିତ ଚିପସେଟ୍ ବ୍ୟବହାର କରାଯାଇଛି, ଯାହା ଇଣ୍ଟରନେଟ ସହ ସଂଯୁକ୍ତ ଥିଲା। ମନ୍ତ୍ରୀ କହିଛନ୍ତି ଯେ ଏହି କ୍ୟାମେରାଗୁଡ଼ିକ ଆମ ଆଦମୀ ପାର୍ଟି ଶାସନ ସମୟରେ ଲଗାଯାଇଥିଲା। ବର୍ତ୍ତମାନ ଏହାକୁ ହଟାଇବା ପାଇଁ ପିଡବ୍ଲ୍ୟୁଡିକୁ ଆଦେଶ ଦିଆଯାଇଛି। ଗୁପ୍ତଚରୀ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ଦେଶବ୍ୟାପୀ ସିସିଟିଭି ନେଟୱର୍କର ଯାଞ୍ଚ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ତଥ୍ୟ ଯେପରି ଶତ୍ରୁ ରାଷ୍ଟ୍ର ପାଖକୁ ନଯାଏ, ସେଥିପାଇଁ ଦିଲ୍ଲୀରୁ ଏହି ବିପଜ୍ଜନକ ଚୀନ୍ କ୍ୟାମେରାଗୁଡ଼ିକୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୦,୦୦୦ କ୍ୟାମେରା ବଦଳାଇବା ପାଇଁ ଅନୁମୋଦନ ମିଳିଛି।

## ୫୦ ବର୍ଷ ପରେ ପୁଣି ଚନ୍ଦ୍ର ଅଭିମୁଖେ ମଣିଷ

ଫ୍ଲୋରିଡ଼ା, ୨।୪(ଏଜେନ୍ସି): ଆମେରିକୀୟ ମହାକାଶ ସଂସ୍ଥା ନାସା ଗୁରୁବାର ସକାଳ ୪.୦୫ ମିନିଟ୍‌ରେ ଫ୍ଲୋରିଡ଼ାସ୍ଥିତ କେନେଡ଼ି ସ୍ପେସ୍ ସେଣ୍ଟରରୁ 'ଆର୍ଟେମିସ-୨' ମିଶନର ସଫଳ ଉତ୍‌କ୍ଷେପଣ କରିଛି। ୧୯୭୨ ପରେ ପ୍ରଥମ ଥର ପାଇଁ ମଣିଷ ପୃଥିବୀର ନିମ୍ନ କକ୍ଷ (ଏଲ୍‌ଇଓ) ଅତିକ୍ରମ କରି ଚନ୍ଦ୍ର ନିକଟକୁ ଯାତ୍ରା କରିଛି। ଏହି ମିଶନରେ ୪ ଜଣିଆ କ୍ରୁ ଅର୍ଥାତ ମହାକାଶଚାରୀ ଅଛନ୍ତି। ସ୍ପେସ ଲଞ୍ଚ୍ ସିଷ୍ଟମ (ଏସ୍‌ଏଲ୍‌ଏସ୍) ରକେଟ ସାହାଯ୍ୟରେ ୪



ଜଣ ମହାକାଶଚାରୀଙ୍କୁ ନେଇ 'ଓରିଅନ' ମହାକାଶଯାନ ଚନ୍ଦ୍ର ଅଭିମୁଖେ ଯାତ୍ରା କରିଛି। ଏହି ମହାକାଶଚାରୀମାନେ ହେଲେ, ମିଶନ କମାଣ୍ଡର ରିଡ୍ ୱାଇଜମ୍ୟାନ, ମିଶନ ସ୍ପେଶାଲିଷ୍ଟ ଖ୍ରୀଷ୍ଟିନା କୋଚ୍, ପାଇଲଟ ଭିକ୍ଟର ଗ୍ଲୋଭର ଓ ମିଶନ ସ୍ପେଶାଲିଷ୍ଟ କାନାଡ଼ାର ଜେରେମି ହାନସେନ। ଗ୍ଲୋଭର ହେଉଛନ୍ତି ଚନ୍ଦ୍ର ନିକଟରେ ପହଞ୍ଚିବା ପ୍ରଥମ କୃଷ୍ଣକାୟ ବ୍ୟକ୍ତି। ସେହିପରି ହାନସେନ୍ ଚନ୍ଦ୍ର ନିକଟକୁ ଯାଉଥିବା ପ୍ରଥମ ଅଣ ଆମେରିକୀୟ।

ଏହା ଏକ ୧୦ ଦିନିଆ ମିଶନ। ମହାକାଶଚାରୀମାନେ ଚନ୍ଦ୍ର ଚାରିପଟେ ବୁଲି ପୃଥିବୀକୁ ପୁଣି ଫେରିବେ, କିନ୍ତୁ ଏଥର ସେମାନେ ଚନ୍ଦ୍ରପୃଷ୍ଠରେ ଓହ୍ଲାଇବେ ନାହିଁ। ମହାକାଶରେ ରହିବା ପାଇଁ 'ଲାଇଫ୍ ସପୋର୍ଟ ସିଷ୍ଟମ' କେତେ ସୁରକ୍ଷିତ, ତାହା ପରୀକ୍ଷା କରିବା ଏହି ମିଶନର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଓରିଅନର ଉତ୍‌କ୍ଷେପଣ ଠିକ୍ ଏକ ଘଣ୍ଟା ପୂର୍ବରୁ 'ଲଞ୍ଚ୍ ଅର୍ବିଟ ସିଷ୍ଟମ'ରେ ସମସ୍ୟା ଦେଖାଦେଇଥିଲା ଓ ଏହାକୁ ଇଞ୍ଜିନିୟରମାନେ ତୁରନ୍ତ ଠିକ୍ କରିଥିଲେ। ପାଇଲଟ ଭିକ୍ଟର ଗ୍ଲୋଭର ପ୍ରଥମଥର ପାଇଁ ଓରିଅନ କ୍ୟାପସୁଲକୁ ମାନୁଆଲ କଣ୍ଟ୍ରୋଲ ବା ହାତରେ ଚଳାଇ ଇତିହାସ ରଚିଛନ୍ତି। ଯାତ୍ରା ଆରମ୍ଭ କରିବାର କିଛି ସମୟ

**ନାସାର 'ଆର୍ଟେମିସ-୨' ମିସନର ସଫଳ ଉତ୍କ୍ଷେପଣ**

ପରେ ଯୋଗଯୋଗ ବିଚ୍ଛିନ୍ନ ହୋଇଥିଲା। କିନ୍ତୁ ବର୍ତ୍ତମାନ ସବୁ ଠିକ୍ ଭାବେ କାର୍ଯ୍ୟ କରୁଛି। ଏହି ଓରିଅନ ମହାକାଶଯାନ ପୁରୁଣା ଆପୋଲୋ ଯାନ ତୁଳନାରେ ଅଧିକ ଆଧୁନିକ ଓ ଆରାମଦାୟକ। ଏଥିରେ ମହାକାଶଚାରୀଙ୍କ ରହିବା ପାଇଁ ୫୦ ପ୍ରତିଶତରୁ ଅଧିକ ସ୍ଥାନ ରହିଛି। ଶରୀର ବର୍ଜ୍ୟବସ୍ତୁ ସଫା କରିବା ପାଇଁ ଏଥିରେ ଏକ ସ୍ୱତନ୍ତ୍ର ସକ୍ସନ ବିଶିଷ୍ଟ ମୂଲ୍ୟବାନ ଟଏଲେଟ ଲଗାଯାଇଛି। ଏହାର ମେମୋରୀ ଓ ଡାଟା ପ୍ରକ୍ରିୟାକରଣ କ୍ଷମତା ତୁଳନାରେ ହଜାର ହଜାର ଗୁଣ ଅଧିକ। ଏହି ମିଶନ ସଫଳ ହେଲେ, ନାସା ଆର୍ଟେମିସ୍-୩ ଜରିଆର ୨୦୨୮ ସୁଦ୍ଧା ମଣିଷକୁ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବା ପାଇଁ ଯୋଜନା କରୁଛି। ଆପୋଲୋ ମିଶନର ଲକ୍ଷ୍ୟ କେବଳ ଚନ୍ଦ୍ରରେ ପହଞ୍ଚିବା ଥିବାବେଳେ, ଆର୍ଟେମିସର ଲକ୍ଷ୍ୟ ହେଉଛି ଚନ୍ଦ୍ରରେ ଏକ ସ୍ଥାୟୀ ବେସ୍ କ୍ୟାମ୍ପ ପ୍ରତିଷ୍ଠା କରିବା, ଯାହା ଭବିଷ୍ୟତରେ ମଙ୍ଗଳଗ୍ରହ ଯାତ୍ରା ପାଇଁ ସହାୟକ ହେବ।

## ୧୬୭.୨ କୋଟିରେ ବିକ୍ରି ହେଲା 'ଯଶୋଦା ଏବଂ କୃଷ୍ଣ' ପେଣ୍ଟିଂ

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଭାରତର ପ୍ରଖ୍ୟାତ ଚିତ୍ରଶିଳ୍ପୀ ରାଜା ରବି ବର୍ମାଙ୍କ ଦ୍ୱାରା ଅଙ୍କିତ ତୈଳ ଚିତ୍ର 'ଯଶୋଦା ଏବଂ କୃଷ୍ଣ' ଭାରତୀୟ କଳା ଜଗତରେ ନୂଆ ଇତିହାସ ସୃଷ୍ଟି କରିଛି। ମୁମ୍ବାଇରେ ଅନୁଷ୍ଠିତ ସାପ୍ରନ ଆର୍ଟ ନିଲାମରେ ଏହା ୧୬୭.୨ କୋଟି ଟଙ୍କାରେ ବିକ୍ରି ହୋଇଛି। ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ତଥା କୋଟିପତି ଶିଳ୍ପପତି ସାଇରାସ ପୁନାୱାଲା ଏକ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ପରେ ଏହି



ମୂଲ୍ୟବାନ ଚିତ୍ରଟିକୁ କିଣିଛନ୍ତି। ଏହା ଭାରତର ସବୁଠାରୁ ଦାମୀ ନିଲାମ ହୋଇଥିବା କଳାକୃତି ପାଲଟିଛି। ଏହାପୂର୍ବରୁ ଏମ୍‌ଏଫ୍ ହୁସେନଙ୍କ 'ଗ୍ରାମ ଯାତ୍ରା' (୧୧୮ କୋଟି) ନାମରେ ଏହି ରେକର୍ଡ ଥିଲା। ୧୮୯୦ ଦଶକରେ ଅଙ୍କିତ ଏହି ଚିତ୍ରରେ ମାତା ଯଶୋଧା ଗାଇ ଦୁହୁଁଥିବା ବେଳେ ଶିଶୁ କୃଷ୍ଣ କ୍ଷୀର ପାଇଁ ପଛରୁ ହାତ ବଢ଼ାଉଥିବାର ଏକ ଅତି ସୁନ୍ଦର ଦୃଶ୍ୟ ରହିଛି। ୧୮୪୮ରେ ଜନ୍ମିତ ରାଜା ରବି ବର୍ମାଙ୍କୁ ଆଧୁନିକ ଭାରତୀୟ କଳାର ଜନକ ବୋଲି କୁହାଯାଇଥାଏ। ସେ ୟୁରୋପୀୟ ଶୈଳୀ ଏବଂ ଭାରତୀୟ ପୌରାଣିକ କଥାବସ୍ତୁକୁ ମିଶାଇ ଚିତ୍ରାଙ୍କନ କରିବାରେ ପ୍ରଥମ ଭାରତୀୟ ଶିଳ୍ପୀ ଥିଲେ। ସେ ଲିଥୋଗ୍ରାଫିକ ପ୍ରେସ୍ ସ୍ଥାପନ କରି ନିଜର ଚିତ୍ରଗୁଡ଼ିକୁ ସାଧାରଣ ଲୋକଙ୍କ ଘର ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ।

## ଏଭରେଷ୍ଟରେ ମଧ୍ୟ ଚାଲିଛି ବୀମା ଷଡ଼ଯନ୍ତ୍ର

କାଠମାଣ୍ଡୁ, ୨।୪(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଶେରପା ଏବଂ କିଛି ଟ୍ରେକିଂ ଏଜେନ୍ସି ମିଶି ପର୍ଯ୍ୟଟକମାନଙ୍କୁ ପାନୀୟ ଓ ଖାଦ୍ୟରେ ବିଷ (ବେକିଂ ସୋଡ଼ା) ଦେଇ ଅସୁସ୍ଥ କରିବା ଏବଂ ପରେ ସେମାନଙ୍କ ନାମରେ ନକଲି ହେଲିକପ୍ଟର ରେସକ୍ୟୁ ଦେଖାଇ କୋଟି କୋଟି ଟଙ୍କାର ବୀମା ଠକେଇ କରିଥିବାର ଅଭିଯୋଗ ହୋଇଛି। ଶେରପାମାନେ ପର୍ଯ୍ୟଟକମାନଙ୍କ ଖାଦ୍ୟରେ ବେକିଂ ସୋଡ଼ା ମିଶାଉଥିଲେ। ଏହାଦ୍ୱାରା ପର୍ଯ୍ୟଟକଙ୍କୁ ପେଟ ଯନ୍ତ୍ରଣା ଓ ବାନ୍ତି ଭଳି ସମସ୍ୟା ହେଉଥିଲା, ଯାହା ଅଧିକ ଉଚ୍ଚତାରେ ହେଉଥିବା ଅଲଟିଚ୍ୟୁଡ୍ ସିକନେସ ଭଳି ମନେ ହେଉଥିଲା। ପର୍ଯ୍ୟଟକ ଅସୁସ୍ଥ ହେବା ମାତ୍ରେ ସେମାନଙ୍କୁ ଜବରଦସ୍ତି ହେଲିକପ୍ଟର ଯୋଗେ ଉଦ୍ଧାର କରିବା ପାଇଁ ବାଧ୍ୟ କରାଯାଉଥିଲା। ଏହାପରେ ମିଥ୍ୟା ମେଡିକାଲ ବିଲ୍ ଏବଂ ଫ୍ଲାଇଟ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଅନ୍ତର୍ଜାତୀୟ ବୀମା କମ୍ପାନୀଗୁଡ଼ିକରୁ କୋଟି କୋଟି ଟଙ୍କା ହଡପ କରାଯାଉଥିଲା। କାଠମାଣ୍ଡୁ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଏହି ସ୍କାମ୍ ମାଧ୍ୟମରେ ପ୍ରାୟ ୨୦ ମିଲିୟନ ଡଲାର ଅର୍ଥାତ ୧୬୭ କୋଟି ଟଙ୍କାର ଠକେଇ କରାଯାଇଛି। ନେପାଳ ପୁଲିସ ଏହି ମାମଲାରେ ଟ୍ରେକିଂ କମ୍ପାନୀ ମାଲିକ, ହେଲିକପ୍ଟର ଅପରେଟର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମେତ ୩୨ ଜଣଙ୍କ ବିରୋଧରେ ସଂଗଠିତ ଅପରାଧ ଓ ଜାଲିଆତି ମାମଲା ରୁଜୁ କରିଛି। ଗୋଟିଏ କମ୍ପାନୀ ୧, ୨୪୮ ରେସକ୍ୟୁ ମଧ୍ୟରୁ ୧୭୧ଟି ନକଲି ଦେଖାଇ ୧୦ ମିଲିୟନ ଡଲାର ହଡପ କରିଥିଲା। ଅନ୍ୟଏକ କମ୍ପାନୀ ୪୭୧ଟି ମଧ୍ୟରୁ ୭୫ଟି ନକଲି ମାମଲା ଦେଖାଇ ୮ ମିଲିୟନ ଡଲାର ଠକେଇ କରିଛି।

- ପର୍ଯ୍ୟଟକଙ୍କୁ ବିଷ ଦେଇ ଉଦ୍ଧାର ଜାଲିଆତି
- ୩୦ ହଜାର ଫୁଟ୍ ଉପରେ ୨ କୋଟି ଡଲାରର ବୀମା ଠକେଇ

ଏହି ବଡ଼ ଧରଣର ଠକେଇ ପରେ ଅନେକ ଅନ୍ତର୍ଜାତୀୟ ବୀମା କମ୍ପାନୀ ନେପାଳ ଯାଉଥିବା ପର୍ଯ୍ୟଟକଙ୍କୁ ବୀମା ସୁବିଧା ଦେବା ବନ୍ଦ କରିଦେଇଛନ୍ତି। ୨୦୧୮ରେ ନେପାଳ ସରକାର ଉଦ୍ଧାର କାର୍ଯ୍ୟରୁ ମଧ୍ୟସ୍ଥିଙ୍କୁ ହଟାଇଥିଲେ ମଧ୍ୟ କଠୋର ଦଣ୍ଡାଦେଶ ଅଭାବରୁ ଏହି ଅପରାଧ ଜାରି ରହିଛି ବୋଲି ସ୍ପେଶାଲାଇଜଡ କ୍ରାଇମ୍ ୟୁନିଟ ମୁଖ୍ୟ ମନୋଜ କୁମାର କେସି କହିଛନ୍ତି। ଏବେ ଏହା ନେପାଳ ପର୍ଯ୍ୟଟନ ଶିଳ୍ପରେ କଳଙ୍କ



ସଦୃଶ ହୋଇଛି। ପୁଲିସ ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ସେମାନଙ୍କଠାରୁ ପ୍ରାୟ ୧୧.୩ ମିଲିୟନ ଡଲାରର ଜରିମାନା ଆଦାୟ କରିବା ପାଇଁ ଦାବି କରିଛି।

# ଜେଲ୍ ଡିଆଁ ହତ୍ୟା ଅଭିଯୁକ୍ତ ରାଜା ଋଷିକେଶରୁ ଗିରଫ

## ପ୍ରେମିକା ସହ ବୁଲିବା ବେଳେ ମାଡ଼ି ବସିଲା ପୁଲିସ; ବୃନ୍ଦାବନରୁ ଧରାପଡ଼ିଥିଲା ଅନ୍ୟ ଅଭିଯୁକ୍ତ ମଧୁକାନ୍ତ

କଟକ, ୨।୪ (ସମିସ): ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀ ଓରଫ୍ ଶୁଭମ୍ ଦୀର୍ଘ ୬ ମାସ ପରେ ପୁଲିସ ହାତରେ ଧରାପଡ଼ିଛି। ସେ କମିସନରେଟ୍ ପୁଲିସ ଆଖିରେ ଧୂଳି ଦେଇ ବିଭିନ୍ନ ରାଜ୍ୟରେ ଆତ୍ମଗୋପନ କରିଥିଲା। ଶେଷରେ ଉତ୍ତରାଖଣ୍ଡର ଋଷିକେଶରୁ କଟକ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି। ପ୍ରେମିକା ସହ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରୁଥିଲା ବେଳେ ପୁଲିସ୍ ରାଜାକୁ ମାଡ଼ି ବସିଥିଲା। ତାକୁ ଟ୍ରାନ୍‌ଜିଟ ରିମାଣ୍ଡରେ କଟକ ଅଣାଯାଉଛି।



ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିବା ପରେ ରାଜା ତା'ର ସହଯୋଗୀଙ୍କୁ ନେଇ କର୍ଣ୍ଣାଟକରେ ଏକ ବଡ଼ଧରଣର ଲୁଟ୍‌ପାଟ କରିଥିଲା। କର୍ଣ୍ଣାଟକ ପୁଲିସର ତଥ୍ୟକୁ ଆଧାର କରି କଟକ ପୁଲିସର ୩ଟି ସ୍ୱତନ୍ତ୍ର ଟିମ୍ ପର୍ଯ୍ୟାୟକ୍ରମେ ଦିଲ୍ଲୀ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଯାଇଥିଲା। ମଧ୍ୟପ୍ରଦେଶରେ ତଦନ୍ତ ସମୟରେ ଉତ୍ତରାଖଣ୍ଡରେ ରାଜାର ଗତିବିଧି ସମ୍ପର୍କରେ ସୂଚନା ମିଳିଥିଲା। ପରେ କଟକ ପୁଲିସର ୬ ଜଣିଆ ଏକ ଟିମ୍ ତୁରନ୍ତ ଉତ୍ତରାଖଣ୍ଡର ଋଷିକେଶ ଗସ୍ତ କରିଥିଲେ।

ପୁଲିସ ସୂଚନାନୁଯାୟୀ, ଫେରାର୍ ରାଜାକୁ ଧରିବା ପାଇଁ ଋଷିକେଶର ସର୍କଲ୍ ଅଫିସରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ମିଳିତ ଅପରେସନ୍‌ରେ କମିସନରେଟ୍ ପୁଲିସ ସାମିଲ ହୋଇଥିଲା। ପୁଲିସ ଟିମ୍ ଉକ୍ତ ଅଞ୍ଚଳର ଭିଡିଓ ଫୁଟେଜ୍ ଏବଂ ଅନ୍ୟାନ୍ୟ ବୈଷୟିକ ତଥ୍ୟ ଆଧାରାରେ ଅଭିଯୁକ୍ତ ବିଷୟରେ ଗୁପ୍ତ ସୂଚନା ସଂଗ୍ରହ କରିଥିଲେ। ପରେ, ଗୋଟିଏ ପରେ ଗୋଟିଏ

**■ ଚୌଦ୍ୱାର ଜେଲରୁ ଦୁଇ ଅପରାଧୀ ଚମ୍ପଟ ଘଟଣା**
**■ ୬ ମାସରେ ୬ ରାଜ୍ୟରେ କରିଥିଲା ଆତ୍ମଗୋପନ**

ଗାଡ଼ି ଯାଞ୍ଚ କରିବା ଆରମ୍ଭ କରାଯାଇଥିଲା। ଏହି ଯାଞ୍ଚ ଅଭିଯାନ ସମୟରେ, ପୁଲିସ ଟିମ୍ ବିପି-୧୦-ଡିଏନ୍-୦୫୦୮ ନମ୍ବର ଥିବା ଏକ ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲା। ଋଷିକେଶଠାରୁ ୭୫ କିମି ଦୂରରେ ଥିବା ନଟ୍‌ରାଜ ଚୌକରୁ ତେହ୍‌ରି ଅଭିମୁଖେ ଯାଉଥିବା ରାସ୍ତାରେ ସୁମନ ପାର୍କ ନିକଟରେ ଏହି କାର୍‌କୁ ପୁଲିସ୍ ଅଟକାଇ ସମ୍ପୂର୍ଣ୍ଣ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର୍‌ର ପଛ ସିଟ୍‌ରେ ବସିଥିବା ବ୍ୟକ୍ତିଜଣଙ୍କ ରାଜା ସାହାଣୀ ବୋଲି ଚିହ୍ନଟ କରାଯାଇଥିଲା। ତାକୁ ଘଟଣାସ୍ଥଳରୁ ପୁଲିସ ଗିରଫ କରିଥିଲା। ତା' ପ୍ରେମିକା ମଧ୍ୟ ଉକ୍ତ କାର୍‌ରେ ବସିଥିଲା। ସେ ପ୍ରେମିକାକୁ ନେଇ ବୁଲିବା ପାଇଁ ଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ରାଜା ବେଗୁସରାଇ (ବିହାର) ଜିଲ୍ଲା ମୀରଗଞ୍ଜ ଥାନା ଅଧୀନରେ ଲୋଡ଼ିଆ ନଗର ନିବାସୀ ମହେଶ ସାହାଣୀଙ୍କ ପୁଅ ବୋଲି ପୁଲିସ କହିଛି। ପୂର୍ବରୁ କମିସନରେଟ୍ ପୁଲିସ ଦୁର୍ଦ୍ଦାନ୍ତ ରାଜାକୁ ଧରିବା ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲା। ଗତ ୨୦୨୫ ଅକ୍ଟୋବର ୨ରେ ରାଜା ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ଣ୍ଣାଟକ ମହୀଶୂରରେ ଏକ ବଡ଼ ଲୁଟ୍ କରିଥିଲା। ଏକ ଗହଣା ଦୋକାନରୁ ୨୦ କୋଟିରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲା। ତାକୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବର ବିଭିନ୍ନ ସ୍ଥାନରେ ଡେରା ପକାଇ ରହିଥିଲା କଟକ କମିସନରେଟ୍ ପୁଲିସ ଟିମ୍।

ଏହା ପୂର୍ବରୁ ଗତ ଫେବ୍ରୁଆରୀରେ ରାଜା ସହ ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ସହଯୋଗୀ ମଧୁକାନ୍ତ ରାଣା ଧରାପଡ଼ିଥିଲା। ୨୦୨୫ ଜାନୁଆରୀ ୪ରେ ପାଣିକୋଇଲି ଛକରେ ଏକ ଜୁଏଲାରୀ ଦୋକାନ ଲୁଟ୍ ଓ ହତ୍ୟା ଘଟଣାରେ ଯାଜପୁର ପୁଲିସ ବିହାର ସାରନ ଜିଲ୍ଲାର ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଯାଜପୁରରୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ୨୦୨୫ ଅକ୍ଟୋବର ୩ ତାରିଖ ଭୋର୍ ସମୟରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ସୁଉଚ୍ଚ ପାଚେରୀରେ ପିନ୍ଧା କପଡ଼ାକୁ ଦୌଡ଼ି ସଦୃଶ ବାନ୍ଧି ଖସି ପଳାଇଥିଲେ। ଏନେଇ ଚୌଦ୍ୱାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ସିସିଟିଭି ଫୁଟେଜ୍, ବୈଷୟିକ ତଥ୍ୟ ଆଧାରରେ ବିଭିନ୍ନ ରାଜ୍ୟରେ ଚଢ଼ଉ କରିଥିଲେ ବି ସୁରାକ୍ ମିଳି ନଥିଲା। ଏହା ମଧ୍ୟରେ ଘଟଣାର ୫ମାସ ପରେ ଫେବ୍ରୁଆରୀ ୧୪ରେ କଟକ ପୁଲିସ ନାଟକୀୟ ଢଙ୍ଗରେ ଉତ୍ତରପ୍ରଦେଶ ବୃନ୍ଦାବନର ଏକ ଆଶ୍ରମରୁ ମଧୁକାନ୍ତ ରାଣାକୁ ଧରିବାରେ ସଫଳ ହୋଇଥିଲା। ସେ ଉକ୍ତ ଆଶ୍ରମରେ ବାସୁ ପାଣ୍ଡେ ପରିଚୟରେ କାମ କରୁଥିଲା। ତାକୁ କଟକ ଆଣି ଜେରା ପରେ ଜଣାପଡ଼ିଥିଲା ଯେ ଉଭୟ ଚୌଦ୍ୱାର ଜେଲରୁ ବାହାରି ଟ୍ରେନ୍ ଯୋଗେ ପ୍ରଥମେ ପୁରୀ ଯାଇଥିଲେ। ପୁରୀରେ ଗୋଟିଏ ଦିନ ରହିବା ପରେ ଟ୍ରେନ ଯୋଗେ ବିହାର ପଳାଇଥିଲେ। ସେଠାରୁ ଦୁଇଜଣ ଅଲଗା ହୋଇ ଭିନ୍ନଭିନ୍ନ ସ୍ଥାନକୁ ଯାଇଥିଲେ। ରିମାଣ୍ଡ ସମୟରେ ରାଜା ସମ୍ବନ୍ଧରେ ମଧୁକାନ୍ତଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ଦୁର୍ଦ୍ଦାନ୍ତ ରାଜାକୁ କଟକ ଅଣାଯିବା ପରେ ଜେରା କରାଯିବ ବୋଲି ପୁଲିସ ସୂଚନା ଦେଇଛି।

---

**ଖାକିରେ କଳଙ୍କ**

# ଉପରିସ୍ଥଙ୍କ ନିର୍ଯାତନା ଅସହ୍ୟ

## ଢେଙ୍କାନାଳରେ ଚାକିରି ଛାଡ଼ିଲେ, ରାୟଗଡ଼ାରେ ଆତ୍ମହତ୍ୟା ଉଦ୍ୟମ

ରାୟଗଡ଼ା, ୨।୪ (ସମିସ): ଉପରିସ୍ଥ ଅଧିକାରୀଙ୍କ ନିର୍ଯାତନା ସହି ନପାରି ଦୁଇ ଦିନ ତଳେ ଅନୁଗୋଳ ଜିଲ୍ଲାର ଜଣେ ମହିଳା ହାବିଲଦାର ଚାକିରିରୁ ଇସ୍ତଫା ଦେବା ଘଟଣା ସାରା ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଆଉ ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଯାତନା ସହି ନପାରି ଜଣେ କନେଷ୍ଟବଳ ଆତ୍ମହତ୍ୟା ଉଦ୍ୟମ

**ଭିଡିଓ ଭାଇରାଲ ପରେ ତୀବ୍ର ଆଲୋଡ଼ନ**

କରିଛନ୍ତି। ତାଙ୍କୁ ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ, ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ଅକ୍ଷୟ ଶବର। ଅପରପକ୍ଷେ, ଅକ୍ଷୟଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେଥିରେ ସେ କହୁଛନ୍ତି ଯେ ରାୟଗଡ଼ା ରିଜର୍ଭ ଇନ୍ସପେକ୍ଟର ତାଙ୍କୁ ନିର୍ଯାତନା ଦେଉଛନ୍ତି। ତେଣୁ ସେ ଏଥିରେ ଅତିଷ୍ଠ ହୋଇ ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି। ୫ଦିନ ତଳେ ଅର୍ଥାତ୍ ମାର୍ଚ୍ଚ ୨୯ ତାରିଖରେ ସେ ଏହି ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ମା' ମଝିଘରିଆଣି ମନ୍ଦିରରେ ଡ୍ୟୁଟି କରି ଫେରିବା ପରେ ମାର୍ଚ୍ଚ ୨୯ରେ ସେ ବିଷ ପିଇ ଦେଇଥିଲେ ବୋଲି ଜଣାପଡ଼ିଛି।

ତେବେ ଏ ସଂପର୍କରେ ରିଜର୍ଭ ଇନ୍ସପେକ୍ଟର୍ କବିବର ଦେହୁରୀ ପ୍ରତିକ୍ରିୟାରେ କହିଛନ୍ତି, ଏହା ତାଙ୍କ ପାରିବାରିକ ସମସ୍ୟା ଏବଂ ଗତବର୍ଷ ମିନାଝୋଲାରେ ଡ୍ୟୁଟି କରୁଥିବା ବେଳେ ଅକ୍ଷୟ ପୁଲିସ ବିଭାଗର ବାଇକ୍‌କୁ କେଉଁଠି ହଜାଇ ଦେଇଥିଲେ। ଏନେଇ ତାଙ୍କୁ କୈଫିୟତ ମଗାଯିବା ସହ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ସେ ପ୍ରତିକ୍ରିୟାଶୀଳ ହୋଇ ଏପରି କହିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତାଙ୍କୁ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନୁଗୁଳ ଜିଲ୍ଲାରେ ଜଣେ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳ ଉପରିସ୍ଥ ଅଧିକାରୀଙ୍କ ମାନସିକ ନିର୍ଯାତନାରେ ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ସମ୍ପୃକ୍ତ ହାବିଲଦାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଥିଲେ। ଯାହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଯେଉଁଠି ଜଣେ ମହିଳା ପୁଲିସ କର୍ମଚାରୀ ନିର୍ଯାତନାର ଶିକାର ହୋଇଛନ୍ତି ସେଠି ସାଧାରଣ ଲୋକମାନଙ୍କୁ କିଏ ନ୍ୟାୟ ଦେବ ବୋଲି ପ୍ରଶ୍ନ ଉଠିଛି।

---

**ମହାବୀର ଆଶ୍ରମରେ ଅଭାବନୀୟ ଘଟଣା**

# ସିଦ୍ଧିପ୍ରାପ୍ତ ପାଇଁ ଜିଭ କାଟିଲେ ତାନ୍ତ୍ରିକ



ପାରାଦୀପ,୨।୪(ସମିସ): ପାରାଦୀପ ଉପକଣ୍ଠ ନୂଆଗାଁ ମହାବୀର ଆଶ୍ରମ ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ତାନ୍ତ୍ରିକ ତନ୍ତ୍ରରେ ସିଦ୍ଧିପ୍ରାପ୍ତ ପାଇଁ ନିଜର ଜିଭ କାଟି ଦେଇଛନ୍ତି। ଏହି ଘଟଣା ବାଲିତୁଠ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରତିଦିନ ଭଳି ଗତ ମଙ୍ଗଳବାର ନୂଆଗାଁ ମହାବୀର ଆଶ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ପ୍ରସାଦ ସେବନ ପରେ ଆଶ୍ରମ ଅନ୍ତେବାସୀଙ୍କୁ ଛାଡ଼ିଦେଲେ ଅନ୍ୟ ଭକ୍ତମାନେ ଚାଲି ଯାଇଥିଲେ। ସନ୍ଧ୍ୟାରେ କୁଜଙ୍ଗ ବ୍ଲକ୍ କାଳିଆପାଟ ଗ୍ରାମ ନିକଟ କାବଲପୁର ଗ୍ରାମର ଜଣେ ତାନ୍ତ୍ରିକ ମହାବୀର ଆଶ୍ରମ ଭିତରେ ରହିଯାଇଥିଲେ। ଅନ୍ଧାର ହେବାରୁ କିଏ କେଉଁଆଡ଼େ ଚାଲିଯିବା ପରେ ଜଣାପଡ଼ିଥିଲା ଯେ ଜଣେ ତାନ୍ତ୍ରିକ ଆଶ୍ରମ ପରିସରରେ ଲୁଚି ରହି ବିଳମ୍ବିତ ରାତ୍ରିରେ ତନ୍ତ୍ର ସାଧନା କରିବା ସହ ନିଜ ଜିଭକୁ ନିଜେ କାଟି ଦେଇଥିଲେ।

ପ୍ରଚୁର ରକ୍ତସ୍ରାବ ଓ ଯନ୍ତ୍ରଣା ହେବାରୁ ଚିତ୍କାର କରିବା ସହ ଆଶ୍ରମ ପରିସରରେ ଥିବା ଅନ୍ତେବାସୀଙ୍କୁ ଡାକ ପକାଇଥିଲେ। ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଆଶ୍ରମରେ ରହୁଥିବା ସେବକମାନେ ବିଳମ୍ବ ନ କରି ସ୍ଥାନୀୟ ପୁଲିସକୁ ଜଣାଇବା ପରେ ପୁଲିସ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାନ୍ତ୍ରିକକୁ କୁଜଙ୍ଗ ଓ ପରେ ଜଗତସିଂହପୁର ମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରେ ତାନ୍ତ୍ରିକ ଜଣଙ୍କ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

---

**ଅଣ୍ଡା ବଜାରରେ ବିଚିତ୍ର ସ୍ଥିତି**

# ଦର କମିଲା; ମାତ୍ର ଚାହିଦା ନାହିଁ

ଭୁବନେଶ୍ୱର,୨।୪ (ସମିସ): ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତିରେ ଦେଶ ତଥା ରାଜ୍ୟର ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଛି। ଏହାର ପ୍ରଭାବ ରାଜ୍ୟର ଅଣ୍ଡାଚାଷୀଙ୍କ ଉପରେ ପଡ଼ିଛି। ଯୁଦ୍ଧ ପ୍ରଭାବରେ ବିଦେଶକୁ ଅଣ୍ଡା ରପ୍ତାନୀ ସମ୍ପୂର୍ଣ୍ଣ ବନ୍ଦ ପରେ ଫାର୍ମଗୁଡ଼ିକରେ ଉତ୍ପାଦିତ ହେଉଥିବା ଦୈନିକ କୋଟିକୋଟି ଅଣ୍ଡା ପାଇଁ ରାଜ୍ୟରେ ବଜାର ନାହିଁ। ସେପଟେ ରପ୍ତାନୀ ହ୍ରାସ ଓ ଏପଟେ ଗ୍ୟାସ ସଙ୍କଟ ଯୋଗୁଁ ସ୍ଥାନୀୟ ହୋଟେଲ, ରେସ୍ତୋରାଁରେ ଚାହିଦା ହ୍ରାସ ରାଜ୍ୟର ଅଣ୍ଡାଚାଷୀଙ୍କୁ ହତାଶ କରିଛି।

ଆକଳନ ଅନୁସାରେ, ଓଡ଼ିଶାରେ ଦୈନିକ ୧ କୋଟି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି। ଏହା ମଧ୍ୟରୁ ଗଞ୍ଜାମ ଜିଲ୍ଲାର ୬୪ଟି ଫାର୍ମରୁ ନିୟମିତ ପ୍ରାୟ ୫୦ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ପ୍ରତିଦିନ ରାଜ୍ୟରୁ ଲକ୍ଷଲକ୍ଷ ଅଣ୍ଡା ପଡ଼ୋଶୀ ରାଜ୍ୟ ସହ ବିଦେଶକୁ ରପ୍ତାନୀ କରାଯାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ଏବେ ରାଜ୍ୟରୁ ବିଦେଶକୁ ଅଣ୍ଡା ରପ୍ତାନୀ ହୋଇ ପାରୁନାହିଁ। ଉପସାଗରୀୟ ଦେଶଗୁଡ଼ିକୁ ସବୁଠାରୁ ଅଧିକ ଅଣ୍ଡା ରପ୍ତାନୀ କରୁଥିବା ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଛି। ତେଣୁ, ସେମାନେ କମ୍ ଦରରେ ଓଡ଼ିଶାକୁ ଅଣ୍ଡା ପଠାଇବାକୁ ଯୋଜନା କରିଛନ୍ତି। ରାଜ୍ୟରେ ଉତ୍ପାଦିତ ଅଣ୍ଡା ବିକ୍ରି ହୋଇ ପାରୁ ନଥିବା ସମୟରେ ଅନ୍ୟ ରାଜ୍ୟରୁ ଅଧିକ ଅଣ୍ଡା କମ୍ ମୂଲ୍ୟରେ ଓଡ଼ିଶାକୁ ଆସିଲେ ରାଜ୍ୟରେ ଅଣ୍ଡାଚାଷୀ ଆହୁରି ସମସ୍ୟାର ସମ୍ମୁଖୀନ ହେବେ ଓ ଦୈନିକ



ଲକ୍ଷଲକ୍ଷ ଟଙ୍କା କ୍ଷତି ସହିବାରେ ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟରୁ ଅଣ୍ଡା ରପ୍ତାନୀ ବାହାର ଦେଶକୁ ବନ୍ଦ ରହିଥିବା ବେଳେ କିଛି ପରିମାଣର ଅଣ୍ଡା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ , ବିହାର ଓ ଉତ୍ତର-ପୂର୍ବ ରାଜ୍ୟ ଗୁଡିକୁ ପଠାଯାଇଥାଏ କରାଯାଏ। ସେହିପରି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଉତ୍ପାଦିତ ଅଣ୍ଡା କିଛି ପରିମାଣରେ ଓଡ଼ିଶା ବଜାରରେ ମଧ୍ୟ ବିକ୍ରି ହୁଏ। ଇରାନ ଉପରେ ଆମେରିକା ଆକ୍ରମଣ ପୂର୍ବରୁ ଓଡ଼ିଶାରେ ପ୍ରତି ଅଣ୍ଡାର ୭ରୁ ୮ ଟଙ୍କାରେ ବିକ୍ରି ହେଉଥିଲା। ବର୍ତ୍ତମାନ ମୂଲ୍ୟ ୫ଟଙ୍କାକୁ ଖସି ଆସିଛି। ପୂର୍ବରୁ ଅଣ୍ଡା ଟ୍ରେର ପାଇକାରୀ ମୂଲ୍ୟ ୨୦୦-୨୨୦ ଟଙ୍କା ଥିବାବେଳେ ଏବେ ତାହା ୧୫୦ ଟଙ୍କାକୁ କମି ଯାଇଛି। ଉତ୍ପାଦନ ତୁଳନାରେ ଅଣ୍ଡା ସଂରକ୍ଷଣ କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ

**ଗୋଟିଏ ଅଣ୍ଡାରେ ଦେଢ଼ ଟଙ୍କା କ୍ଷତି ସହୁଛି ଚାଷୀ**

ନଥିବାରୁ ବ୍ୟବସାୟୀମାନେ ଅଣ୍ଡାଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରି କରିଦେଉଛନ୍ତି। ଅପରପକ୍ଷେ, ଇନ୍ଧନ ଓ ଗ୍ୟାସ୍‌ର ଅଭାବ ମଧ୍ୟ ଅଣ୍ଡା ବ୍ୟବସାୟକୁ ମାନ୍ଦା କରିଛି। ଗ୍ୟାସ୍ ଦରବୃଦ୍ଧି, ବଜାରରେ ଗ୍ୟାସ୍‌ର ଅଭାବ ଯୋଗୁଁ ବିଭିନ୍ନ ହୋଟେଲ ଏବଂ ଫାଷ୍ଟଫୁଡ୍ ସେଣ୍ଟର ଗୁଡିକ ବ୍ୟବସାୟ କମାଇ ଦେଇଛନ୍ତି। ତେଣୁ ସ୍ଥାନୀୟ ବଜାରରେ ପୂର୍ବାପେକ୍ଷା ଚାହିଦା ଯଥେଷ୍ଟ ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ଅଣ୍ଡା ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ପ୍ରଦାନ ପାଇଁ ମଧ୍ୟ ଦାବି ହୋଇଛି।

---

# ଯୁବ କଂଗ୍ରେସର ସଚିବାଳୟ ଘେରାଉ

ଭୁବନେଶ୍ୱର, ୨।୪(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତି ବର୍ଷ ୨କୋଟି ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିଲେ। ଆଜି ପର୍ଯ୍ୟନ୍ତ କେତେ ନିଯୁକ୍ତି ହେଲା, ତାହାର ଜବାବ ଦେବାକୁ ପଡ଼ିବ। ଦେଶର ଯୁବକ ଆଜି ଉତ୍କଟ ବେକାରୀ ସମସ୍ୟା ସହ ଯୁଝୁଛନ୍ତି। ଦେଶରେ ନିଜର ଭବିଷ୍ୟତ ଗଢ଼ି ନପାରି ରୋଜଗାର ପାଇଁ ବିଦେଶ ପଳାଉଛନ୍ତି। ଓଡ଼ିଶାରେ ଏକ ଅଦ୍ଭୁତ ସରକାର ଅଛି। ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି ବୋଲି ଏଆଇସିସି ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି। ଗୁରୁବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଆୟୋଜିତ 'ଯୁବକ୍ରାନ୍ତି ସମାବେଶ'ରେ ଯୋଗ ଦେଇ ଶ୍ରୀ ଚିବ୍ କହିଛନ୍ତି, କଟକ ବଡ଼ ଡାକ୍ତରଖାନାରେ ରୋଗୀ ହତ୍ୟା ଘଟଣା ଓଡ଼ିଶାର ସ୍ୱାସ୍ଥ୍ୟସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଛି। ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି ଏବଂ ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେମାନଙ୍କୁ ନରହତ୍ୟା ଅପରାଧରେ ଦଣ୍ଡିତ କରିବା କଥା । ପ୍ରତ୍ୟେକ ଦିନ ଓଡ଼ିଶାର ନାରୀ ଦୁଷ୍କର୍ମର ଶିକାର ହେଉଛି। ନାରୀ ସୁରକ୍ଷା ସ୍ଥିତି



ରାଜ୍ୟରେ ଅତି ଗମ୍ଭିର। ଏହି ଡବଲ ଇଞ୍ଜିନ ସରକାର ବିରୋଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନକଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଶ୍ରୀ ଚିବ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଉପସ୍ଥିତ କହିଥିଲେ ଯେ ବିଜେପି ସରକାରରେ ଦେଶ ଏବଂ ରାଜ୍ୟ ସଂପୂର୍ଣ୍ଣ ରସାତଳଗାମୀ ହେଲାଣି। ପ୍ରତ୍ୟେକ କ୍ଷେତ୍ରରେ ଏମାନେ ଫେଲ୍ ମାରିଛନ୍ତି। ନା ଦେଶକୁ ସୁରକ୍ଷା ଦେଇପାରୁଛନ୍ତି ନା ନାରୀ, ଯୁବକ, କୃଷକ ଓ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେଇପାରୁଛନ୍ତି। ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାର ଯୁବକମାନଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେ ହିଁ ହେବେ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ-ପ୍ରଭାରୀ ରିଆନା ରାଜୁ, ସହ-ପ୍ରଭାରୀ ଖୁସି ଟିଗା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ୟାସିର ନୱାଜ, କୃଷ୍ଣ ମହାନ୍ତି ପ୍ରମୁଖ ରାଜ୍ୟ ସରକାରଙ୍କର ଯୁବ ବିରୋଧୀ, କୃଷକ ବିରୋଧୀ ଓ ମହିଳା ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଯୁବକ୍ରାନ୍ତି ସମାବେଶ ଆୟୋଜିତ ହେବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରାଜ୍ୟ ଯୁବ କଂଗ୍ରେସର ପଦାଧିକାରୀ ଏବଂ ଜିଲ୍ଲା ସଭାପତିମାନଙ୍କ ସହ ଶହଶହ ଯୁବ କଂଗ୍ରେସ କର୍ମକର୍ତ୍ତା ୫ଦଫା ଦାବିରେ ସଚିବାଳୟ ଘେରାଉ କରିବା ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇ ଗିରଫ ହୋଇଥିଲେ।

---

# ଡାହାଣୀ ସନ୍ଦେହ: ଖୁଡ଼ୀକୁ ପଥରରେ ଛେଚିଦେଲା

ରାସଗୋବିନ୍ଦପୁର, ୨।୪(ସମିସ): ଡାହାଣୀ ସନ୍ଦେହରେ ଖୁଡ଼ୀକୁ ପଥରରେ ଛେଚି ହତ୍ୟା ଉଦ୍ୟମ। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ସଂସା ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ଆକ୍ରମଣରେ ଗୁରୁତର ମହିଳାଜଣଙ୍କ ହେଲେ, ଗ୍ରାମର ସୋମବାରୀ ହାଁସଦା। ଗୁରୁତର ସୋମବାରୀଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ମଙ୍ଗଳବାର ରାତିରେ ସୋମବାରୀ ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୨ଟାରେ ପୁତୁରା ଶ୍ୟାମ ହାଁସଦା ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ଏକ ବଡ଼ ପଥରରେ ସୋମବାରୀଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତେବେ ସୋମବାରୀ ମଶାରି ଭିତରେ ଶୋଇଥିବାରୁ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୋମବାରୀଙ୍କ ଚିତ୍କାର ଶୁଣି ପରିବାରଲୋକେ ଉଠି ପଡ଼ିବାରୁ ଶ୍ୟାମ ସେଠାରୁ ଫେରାର୍ ହୋଇଯାଇଥିଲା। ପାରିବାରିକ ବିବାଦ ଏବଂ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସୋମବାରୀଙ୍କୁ ଡାହାଣୀ ସନ୍ଦେହରେ ଶ୍ୟାମ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଛି ବୋଲି ପରିବାରଲୋକ କହିଛନ୍ତି।

---

# କଇଁଛ ତୀର୍ଥସ୍ଥଳୀ ଗହୀରମଥା ଏବେ ଖାଁ ଖାଁ

ରାଜନଗର, ୨।୪(ସମିସ): କଇଁଛଙ୍କ ଏନ୍ତୁଡ଼ିଶାଳ ବିଶ୍ୱପ୍ରସିଦ୍ଧ ଗହୀରମଥା ଏବେ ଖାଁ ଖାଁ। ସମୟ ଗଡ଼ିଗଡ଼ି ଯାଉଛି; ହେଲେ, ଏଯାଏ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଗତବର୍ଷ ମାର୍ଚ୍ଚ ୬ରୁ ୧୦ତାରିଖ ଭିତରେ ସବୁ ଆଶା ଆଶଙ୍କାକୁ

**ମାଆ କଇଁଛ ଅଣ୍ଡା ନ ଦେଇ ଫେରିଯିବେ କି କର୍ମଭୂମି**



ପଛରେ ପକାଇ ସର୍ବାଧିକ ୬ଲକ୍ଷ କଇଁଛ ସମୂହ ଅଣ୍ଡାଦାନ କରି ରେକର୍ଡ ସୃଷ୍ଟି କରିଥିଲେ। ଚଳିତବର୍ଷ ଏଯାଏ ଲକ୍ଷଲକ୍ଷ ମାଆ କଇଁଛ କୂଳଠାରୁ ମାତ୍ର କେଇ ଗଜ ଦୂରରେ ଅନୁକୂଳ ପାଗ ଅପେକ୍ଷାରେ ରହିଥିବା ଡିଏଫ୍‌ଓ ଶ୍ରୀ ଗାଓଁଙ୍କର କହିଛନ୍ତି। କିନ୍ତୁ, ବିଶେଷଜ୍ଞଙ୍କ ମତ କିନ୍ତୁ ଅଲଗା। ସେମାନଙ୍କ କହିବା କଥା, କଇଁଛମାନେ ୧୦ରୁ ୧୨ବର୍ଷ ପରେ ଥରେଥରେ ଅଣ୍ଡା ନ ଦେଇ ଫେରିଯା'ନ୍ତି। ବର୍ତ୍ତମାନ ପ୍ରତିକୂଳ ପରିବେଶ ପ୍ରତିବନ୍ଧକର ମୁଖ୍ୟ କାରଣ ବୋଲି କୁହାଯାଉଛି। ଋଷିକୂଲ୍ୟାରେ ହୋଇଥିବା ସମୂହ ଅଣ୍ଡାଦାନ ସଂଖ୍ୟା ଖୁବ୍ ନଗଣ୍ୟ ହୋଇଥିବା ବେଳେ ଗହୀରମଥାରେ ସମୂହ ଅଣ୍ଡାଦାନକୁ ସଭିଏଁ ଅପେକ୍ଷା କରିଛନ୍ତି।

ପ୍ରକୃତିର ବିବର୍ତ୍ତନରେ ଧୀରେ ଧୀରେ ସାତ କିଲୋମିଟର ବ୍ୟାପୀ ଏହି ଗହୀରମଥା ଦ୍ୱୀପଟି ସାଗର ଗର୍ଭରେ ଲୀନ ହୋଇ ଏବେ ୧ କିମିକୁ ସଂକୁଚିତ ହୋଇସାରିଛି। ଏହା ପ୍ରାଣୀ ବୈଜ୍ଞାନିକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଲାଣି। ଅପରପକ୍ଷେ, ଅନ୍ଧାର ପକ୍ଷ ସହ ଦକ୍ଷିଣା-ପୂବେଇ ପବନ ଆଗମନରେ ହିଁ ସମୂହ ଅଣ୍ଡାଦାନ କରିବା ସମୟ ଅନୁକୂଳ ହୋଇଥାଏ। ଚଳିତବର୍ଷ ସର୍ବାଧିକ କଇଁଛ ଏନ୍ତୁଡ଼ିଶାଳରେ ଲୀଳାଖେଳା କରିବା ପୂର୍ବରୁ ସ୍ୱର୍ଗଦ୍ୱାରମୁହାଁ ହେଉଛନ୍ତି। ଏହା ପରିବେଶ ସୁରକ୍ଷାକର୍ମୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି।

---

# ହିତାଧିକାରୀ କୋଟିଏ; ପିଏନ୍‌ଜି ସଂଯୋଗ ମାତ୍ର ୩%

## ୩ ମାସରେ ବଡ଼ ସହରରେ ପାଇପ୍ ଗ୍ୟାସ୍ ଯୋଗାଣ ପାଇଁ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୨।୪(ସମିସ): ରାଜ୍ୟର ସହରାଞ୍ଚଳରେ ଏଲ୍‌ପିଜି ବଦଳରେ ଏବେ ପାଇପଡ୍ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ଯୋଗାଇ ଦିଆଯିବ। ୩ ମାସରେ ରାଜ୍ୟର ସବୁ ବଡ଼ ସହରରେ ଏହି କାର୍ଯ୍ୟ ଶେଷ କରାଯିବ । ଲୋକସେବା ଭବନରେ ତୈଳ କମ୍ପାନୀମାନଙ୍କ ପ୍ରତିନିଧି ଏବଂ ଯୋଗାଣ ବିଭାଗ ସଚିବଙ୍କ ସହ ବୈଠକ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ଏହି ସୂଚନାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରାଞ୍ଚଳରେ ପିଏନ୍‌ଜି ସଂଯୋଗକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଖାଉଟି ପିଏନଜି ସଂଯୋଗ ନେବେ, ସେମାନେ ଆଉ ଏଲ୍‌ପିଜି ବ୍ୟବହାର କରିପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ପିଏନଜି ଭିତ୍ତିଭୂମି ବର୍ତ୍ତମାନ ହାତଗଣତି ସହରରେ ଉପଲବ୍ଧ। ଓଡ଼ିଶାର ୧୨ଟି ଜିଓଗ୍ରାଫିକାଲ ଏରିଆ (ଜିଏ)ରେ ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ୍ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ ପିଏନଜି ଯୋଗାଣ କେବଳ ଅଳ୍ପ କିଛି ସହର ଓ ସୀମିତ ଅଞ୍ଚଳରେ ହିଁ ଉପଲବ୍ଧ। ବର୍ତ୍ତମାନ ରାଜ୍ୟର ପ୍ରାୟ ୧ କୋଟିରୁ ଅଧିକ ପରିବାର ଏଲପିଜି ଗ୍ୟାସ ବ୍ୟବହାର କରୁଛନ୍ତି। ଗ୍ରାମାଞ୍ଚଳରେ ୬୦-୬୫ ଲକ୍ଷ ଓ ସହରାଞ୍ଚଳରେ ୧୮-୨୦ ଲକ୍ଷ ଗ୍ୟାସ ଉପଭୋକ୍ତା ରହିଛନ୍ତି। ହେଲେ ଏହି ସଂଖ୍ୟା ମଧ୍ୟରୁ କେବଳ ୨ରୁ ୩ ଲକ୍ଷ ପରିବାରକୁ ବର୍ତ୍ତମାନ ସୁଦ୍ଧା ପିଏନଜି ସଂଯୋଗ ହୋଇପାରିଛି। ଏହା ମୋଟ ଘରୋଇ ପରିବାରର କେବଳ ୨-୩ ପ୍ରତିଶତ ରହିଥିବା ବେଳେ କିପରି ପିଏନ୍‌ଜି ଯୋଗେ ଗ୍ୟାସ ଯୋଗାଣ ହେବ ଓ ଏଲ୍‌ପିଜି ଅଭାବର ମୁକାବିଲା ହେବ ତାକୁ ନେଇ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି ରାଜଧାନୀ ଭୁବନେଶ୍ୱର ଓ କଟକ ଭଳି ସହରରେ ମଧ୍ୟ ପିଏନଜି ସେବା ସୀମିତ ଅଞ୍ଚଳରେ ହିଁ ଉପଲବ୍ଧ ଅଛି। ସରକାରଙ୍କ ପକ୍ଷରୁ ୧୯ଟି ଜିଲ୍ଲାକୁ ପିଏନଜି ନେଟୱର୍କ ଭିତରେ ଆଣାଯାଇଥିବା କୁହାଯାଉଥିବାବେଳେ, ପ୍ରାୟ ୬ରୁ ୮ଟି ଜିଲ୍ଲାରେ ମାତ୍ର ବ୍ୟବହାରିକ ଭାବେ ଗ୍ୟାସ ଯୋଗାଣ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଏହାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଶୂନ ପ୍ରତିଶତ ରହିଛି।

ପାଇପଲାଇନ୍ ବିଛାଇବାର ମନ୍ଥର ଗତି, ଅଧିକ ଖର୍ଚ୍ଚ ଓ ପ୍ରାରମ୍ଭିକ ଚାହିଦାର ଅଭାବ ଯୋଗୁଁ ପିଏନଜି ପ୍ରକଳ୍ପ ଗତି ରାଜ୍ୟରେ ଉତ୍ସାହଜନକ ହୋଇନାହିଁ। ଏହି ପରିସ୍ଥିତିରେ ମନ୍ତ୍ରୀଙ୍କ ଦାବି ଓ କ୍ଷେତ୍ରସ୍ତରରେ ବାସ୍ତବତା ମଧ୍ୟରେ ବଡ଼ ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ରାଜ୍ୟର ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ଝାରସୁଗୁଡ଼ାରେ ପିଏନ୍‌ଜି ଯୋଗେ ଗ୍ୟାସ ଯୋଗାଣ ପାଇଁ କିଛି ମାତ୍ରାରେ ପାଇପ୍ ବିଛାଯାଇଛି। ଏହି ସହରରେ ପ୍ରାୟ ୪ ହଜାରରୁ ୫ ହଜାର କିଲୋମିଟ୍‌ର ପାଇପ୍ ବିଛାଇବା ପରେ ପ୍ରାୟ ସବୁ ଘରକୁ ପାଇପ ଯୋଗେ ଗ୍ୟାସ ଯୋଗାଣ ସୁନିଶ୍ଚିତ ହୋଇପାରିବ। ହେଲେ ଏବେ ସୁଦ୍ଧା ମାତ୍ର ୧ ହଜାରରୁ ୧୫୦୦ କିମି ପାଇପ୍ ବିଛାଇବାରେ କମ୍ପାନୀ କର୍ତ୍ତୃପକ୍ଷମାନେ ସକ୍ଷମ ହୋଇପାରିଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ପୂର୍ବଭଳି ଏଲପିଜି ସିଲିଣ୍ଡର ସେବା ଜାରି ରହିବ ଓ ଏଲପିଜି ନେଇଥିବା ହିତାଧିକାରୀଙ୍କ ଇ-କେୱାଇସି କରିବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ରାସନ କାର୍ଡ ଭଳି ଗ୍ୟାସ ପାଇଁ ଇ-କେୱାଇସି ହେବ ଓ ଏଥିରେ ମୃତ ବ୍ୟକ୍ତି କିମ୍ବା ଅନ୍ୟ କାହା ନାଁରେ ଗ୍ୟାସ ସିଲିଣ୍ଡର ବୁକ୍ ହେଉଥିଲେ ଏହା କଟାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।





## କଳେବଳେ କୌଶଳେ ପ୍ରକଳ୍ପ ସାରିବାକୁ ଅଧିକାରୀଙ୍କ ଯୋଜନା

# ୫୬ ନମ୍ବର ୱାର୍ଡରେ ତେଜିଲା ଜନଅସନ୍ତୋଷ

କଟକ,୨।୪(ସମିସ):

ସରକାରୀ ପ୍ରକଳ୍ପ ଜନସାଧାରଣଙ୍କ ସୁବିଧା ପାଇଁ ନା ପ୍ରଭାବଶାଳୀ ବ୍ୟକ୍ତିଙ୍କ ତୋଷଣ ପାଇଁ? ଏଭଳି ଏକ ପ୍ରଶ୍ନ ଏବେ କଟକ ମହାନଗର ନିଗମର ୫୬ ନମ୍ବର ୱାର୍ଡରେ ଚର୍ଚ୍ଚାର ବିଷୟ ପାଲଟିଛି। ୱାଟକୋ ପକ୍ଷରୁ ନିର୍ମାଣ ହେଉଥିବା ନୂତନ ଥଣ୍ଡା ପାନୀୟଜଳ ପ୍ରକଳ୍ପକୁ ନେଇ ବିବାଦ ଘନେଇବାରେ ଲାଗିଛି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ କିଛି ଅସାଧୁ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିବିଶେଷ ଏହି ପ୍ରକଳ୍ପକୁ ଯେନତେନ ପ୍ରକାରେ ଶେଷ କରିବାକୁ ଜୋରଦାର ଯୋଜନା ଚଳାଇଥିବା ସୂଚନା ମିଳିଛି।

ଅଭିଯୋଗ ହେଉଛି ଯେ ପ୍ରକଳ୍ପ ବସାଯିବା ପୂର୍ବରୁ କୌଣସି ପ୍ରକାର ସ୍ଥଳ ଅନୁଧ୍ୟାନ ବା ଜନସାଧାରଣଙ୍କ ମତ ନିଆଯାଇ ନାହିଁ। ୱାର୍ଡରେ ୧୭ଟି ଗ୍ରାମ ଓ ୧୦ ହଜାରରୁ ଅଧିକ ଭୋଟର ଥିବା ବେଳେ ପ୍ରାୟ ୯୯ ପ୍ରତିଶତ ଲୋକ ଏହି ପ୍ରକଳ୍ପ ବିଷୟରେ ଜାଣି ନ ଥିଲେ। ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ହିଁ ଲୋକେ ଏହା ଜାଣିବାକୁ



ପାଇଛନ୍ତି। ଅଧିକାରୀମାନେ କେଉଁ ଲୋକଙ୍କୁ ନେଇ ସର୍ଭେ କଲେ ଏବଂ କିଭଳି ଭାବେ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଛାଡ଼ି କର୍ପୋରେଟରଙ୍କ ଘର ନିକଟ ନଦୀବନ୍ଧ ସର୍ଭିସ୍ ରୋଡ୍ କଡ଼ରେ ଏହାକୁ ବସାଇବାକୁ ନିଷ୍ପତ୍ତି ନେଲେ, ତାହା ଏବେ ସନ୍ଦେହ ଘେରରେ। ପ୍ରକଳ୍ପଟି ଯେଉଁ ସ୍ଥାନରେ ହେଉଛି, ସେଠାରେ ଆଗାମୀ ଦିନରେ ଜଳ ନିଷ୍କାସନ ପାଇଁ ସିଏମସି

- **ଲୋକଙ୍କୁ ଅନ୍ଧାରରେ ରଖି ହୋଇଛି 'ଘରୋଇ ସର୍ଭେ'**
- **କର୍ପୋରେଟରଙ୍କୁ ସନ୍ତୁଷ୍ଟ କରିବାକୁ ବିଭାଗୀୟ ତତ୍ପରତା**
- **ଜନସ୍ୱାର୍ଥ ମାମଲା ପାଇଁ ବୁଦ୍ଧିଜୀବୀଙ୍କ ସଜବାଜ**

ପକ୍ଷରୁ ଡ୍ରେନ୍ ନିର୍ମାଣ ହେବାର ଯୋଜନା ରହିଛି। ଯଦି ସେଠାରେ ଡ୍ରେନ୍ ହୁଏ, ତେବେ ପୁଣି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ସ୍ଥାନାନ୍ତର କରିବାକୁ ପଡ଼ିବ। ଏହା ସିଧାସଳଖ ଭାବେ ସରକାରୀ ଅର୍ଥର ଅପବ୍ୟୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅନ୍ୟପଟେ ହନୁମାନ ଛକରୁ ଗୋଲେଇଛକ ପର୍ଯ୍ୟନ୍ତ ସ୍ଥାନୀୟ ଯୁବକମାନେ ନିଜ ଉଦ୍ୟମରେ ତିନୋଟି ଜଳଛତ୍ର ଚଳାଉଥିବା ବେଳେ ସେହି ଜନଗହଳିପୂର୍ଣ୍ଣ ସ୍ଥାନକୁ ବିଭାଗୀୟ ଅଧିକାରୀମାନେ ଅଣଦେଖା କରିଛନ୍ତି। ଅଞ୍ଚଳରେ ଲିଖିତ ଅଭିଯୋଗ ପରେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ କାମକୁ ତରବରିଆ ଭାବେ ଶେଷ କରିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର କିଛି ବୁଦ୍ଧିଜୀବୀ ମାନ୍ୟବର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିବାକୁ ସଜବାଜ ହେଉଛନ୍ତି। ଏହି ପୁରା ଘଟଣାରେ ଅସାଧୁ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ସଲାସୁତରାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

## ଇଦ୍‌ଗାହା ପଡ଼ିଆରୁ ଜବରଦଖଲ ଉଚ୍ଛେଦ ଦାବି



କଟକ,୨।୪(ସମିସ): ସ୍ଥାନୀୟ ଇଦ୍‌ଗାହା ପଡ଼ିଆରୁ ଜବରଦଖଲ ଉଚ୍ଛେଦ କରିବା ଏବଂ ଐତିହାସିକ କନିକା ରାଜବାଟୀର ରକ୍ଷଣାବେକ୍ଷଣ ଦାବିରେ ୩୪ ନମ୍ବର ୱାର୍ଡ ବରିଷ୍ଠ ନାଗରିକ କମିଟି ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଉତ୍କଳ ଦିବସ ଅବସରରେ କମିଟିର ସଭାପତି ପ୍ରକାଶ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅଭିଯୋଗ ହୋଇଛି ଯେ, ସରକାରୀ ଜାଗାକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ସ୍ଥାନରେ ଏକ ପାଞ୍ଚ ମହଲା ବିଶିଷ୍ଟ "ଉତ୍କଳ ସମ୍ମିଳନୀ ଭବନ' ନିର୍ମାଣ କରିବା ପାଇଁ କମିଟି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହା ସହିତ ଓଡ଼ିଆ ଭାଷା ଆନ୍ଦୋଳନର ସ୍ମୃତି ବହନ କରୁଥିବା ଜରାଜୀର୍ଣ୍ଣ କନିକା ରାଜବାଟୀର ପୁନରୁଦ୍ଧାର ଓ ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାର ବହନ କରିବାକୁ ଅନୁରୋଧ କରାଯାଇଛି। ସମ୍ପାଦକ ରାଜେନ୍ଦ୍ର ସେଠୀ ଆଲୋଚ୍ୟ ବିଷୟ ଉପରେ ଆଲୋକପାତ କରିଥିବା ବେଳେ ଏହି ବୈଠକରେ ଗଦାଧର ସାହୁ, ମୋହିନୀ ମୋହନ ସାମଲ, ତ୍ରିଲୋଚନ ସାମଲ, ମାୟାଧର ପାତ୍ର, ରବୀନ୍ଦ୍ର ମହାରଣା, ହୀନ ସାମଲ, ରାଜେନ୍ଦ୍ର ମହାରଣା, ପ୍ରମିଳା ମିଶ୍ର ଏବଂ ସୁବାଷ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରି ପ୍ରଶାସନିକ ଅବହେଳା ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ।

**● ସହରରେ ଓଡ଼ିଶା ଦିବସ ପାଳିତ**

## ଓଡ଼ିଶାକୁ ଆଗକୁ ନେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ




**ଓଡ଼ିଶା ଶିଳ୍ପ ସଂଘ**

କଟକ,୨।୪(ସମିସ): ଓଡ଼ିଶାର ଗୌରବମୟ ଐତିହ୍ୟ ଓ ସଂସ୍କୃତିକୁ ମନେ ପକାଇ ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ସଂଘର ସଭାଗୃହରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଉତ୍ସବରେ ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ ପୌରହିତ୍ୟ କରିଥିଲେ। ସେ ଓଡ଼ିଆ ଜାତିର ବୀରତ୍ୱ ଗାଥା ସ୍ମରଣ କରିବା ସହ ଓଡ଼ିଶାକୁ ପ୍ରଗତି ପଥରେ ଆଗକୁ ନେବା ପାଇଁ ଯୁବ ସମାଜକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶିବଶଙ୍କର ସାହୁ ଯୋଗଦେଇ ଓଡ଼ିଶାର ଗରିମାମୟ ଐତିହ୍ୟ ଓ ଉତ୍କଳ ଦିବସର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବ୍ୟସ୍ତବହୁଳ ଜୀବନ ମଧ୍ୟରୁ ସମୟ ବାହାର କରି ଯୋଗଦେଇଥିବାରୁ ସମସ୍ତ ଶିଳ୍ପୋଦ୍ୟୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସଂଘର ପୂର୍ବତନ ସମ୍ପାଦକ ଗୌର ଗୋପାଳ ସେନ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପଚାଶରୁ ଊର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀ ଯୋଗଦେଇ ଓଡ଼ିଶାର ପାରମ୍ପରିକ "ପିଠା-ପଣା'ର ଆନନ୍ଦ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂଗଠନିକ ସମ୍ପାଦକ ରୁଦ୍ର ନାରାୟଣ ଆଚାର୍ଯ୍ୟ, ଶୁଭ୍ରକାନ୍ତ ପଣ୍ଡା, ଅଜୟ ପଣ୍ଡା, ରମାବଲ୍ଲଭ ନାୟକ, ଅଶୋକ ସାହୁ, ପ୍ରଶାନ୍ତ ମହାପାତ୍ର, ଅରୁଣ ବାଗଡ଼ିଆ, କୌଶିକ ଗରାବଡ୍ଡୁ, ବିଭୁଦତ୍ତ ସାମନ୍ତରାୟ, ପ୍ରିୟନାଥ ମହାନ୍ତି, ଅନୀଲ ଜୈନ, ବିପିନ ଦଣ୍ଡପାଟ, ସୁଧାକର ସ୍ୱାଇଁ ଏବଂ ଶାଶ୍ୱତ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଏମ୍‌ଡିଏ ପକ୍ଷରୁ ଉତ୍କଳ ଦିବସ



ଉତ୍କଳ ଦିବସ ଅବସରରେ ଏମ୍‌ଡିଏ ତରଫରୁ ଉତ୍ସାହଭରା ପରିବେଶରେ ଉତ୍କଳ ଦିବସ ପାଳନ କରାଯାଇଥିଲା। ପ୍ରଭାତରୁ 'ବନ୍ଦେ ଉତ୍କଳ ଜନନୀ' ଗୀତ ଡାକବାଜି ଯନ୍ତ୍ର ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା। ଉତ୍କଳର ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶେଷରେ ଜଷ୍ଟିସ ଛକ ସ୍ଥିତ ଉତ୍କଳ ଗୌରବ ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱ କରିଥଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, ଉପସଭାପତି ସରୋଜ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ-ସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା ଓ ପ୍ରଶାନ୍ତ ପ୍ରଧାନ, ମହିଳା ସମିତି ସଭାନେତ୍ରୀ ନମିତା ଦାଶ, ସମ୍ପାଦକ ମଧୁସ୍ମିତା ଷଡ଼ଙ୍ଗୀ, ମୁରବୀ ଇଂ ଗୋପାଳକୃଷ୍ଣ ବେହେରା, ଡ. ଗୋବିନ୍ଦ ଭୂୟାଁ, ପେନସନର୍ସ ଆସୋସିଏସନ ସଭାପତି ଇଂ ତାପସ ସାମନ୍ତ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ତ୍ରିପାଠୀ, ପ୍ରଦୀପ୍ତ ମହାନ୍ତି, ଇଂ ଗଗନ ଛାଟୋଇ, ସୁଶାନ୍ତ ଘୋଷ, ସୁଜିତ ମିଶ୍ର, ଡ. କାମଳ ପ୍ରସାଦ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ପ୍ରହଲ୍ଲାଦ ମହାନ୍ତି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ଜଗନ୍ନାଥ ସାଂସ୍କୃତିକ ପରିଷଦ ସଭାପତି ଚତୁର୍ଭୁଜ ମହାପାତ୍ର, ମୋତ୍ରୀ ଖୁଣ୍ଟିଆ, ସୁଶ୍ରୀ ଇନ୍ଦୁ ଦାସ, ବିଷ୍ଣୁ କର, ନିକୁଞ୍ଜ ରଥ ଓ ଅନ୍ୟାନ୍ୟ ଅଗ୍ରଣୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସନ୍ଧ୍ୟାବେଳେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଉତ୍କଳର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍କଳ ଦିବସ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ଏହି ଅବସରରେ ବରପୁତ୍ରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ବରପୁତ୍ରମାନଙ୍କ ଜୀବନୀ ସଂପର୍କରେ ଆଲୋଚନା କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

## ୫୫ଟି ଏଲପିଜି ସିଲିଣ୍ଡର୍ ଜବତ

କଟକ,୨।୪(ସମିସ): ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢଉ ଜାରି ରହିଥିବା ବେଳେ ଆଜି ଏକ ସ୍କ୍ୱାଡ ଦଳ ଖାନନଗରସ୍ଥିତ ମହିସାହି ଅଞ୍ଚଳର ରଞ୍ଜନ କୁମାର ସାହୁଙ୍କ ଘରୁ ୪୮ଟି ଘରୋଇ ଗ୍ୟାସ୍, ୫ଟି ବ୍ୟବସାୟିକ, ୫ କିଗ୍ରା ୨ଟି ସମୁଦାୟ ୫୫ଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି। ସେ ବ୍ୟକ୍ତିଙ୍କ ନାମରେ ସ୍ଥାନୀୟ ଥାନାରେ ମଧ୍ୟ ଏତଲା ଦାଖଲ କରାଯାଇଛି।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କଳା ଦିବସ




କଟକ,୨।୪(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ୪ଟି ଶ୍ରମ କୋର୍ଡକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଏବଂ ଫେଡେରେସନ୍ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ଦେଶବ୍ୟାପୀ "କଳା ଦିବସ' ପାଳନ କରାଯାଇଛି। କଟକରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ କଳାବ୍ୟାଜ୍ ପରିଧାନ କରି ଏହି କଳା ଆଇନ ବିରୋଧରେ ଗର୍ଜିବା ସହ ଶ୍ରମିକ ବିରୋଧୀ ନୀତିକୁ ବାତିଲ କରିବାକୁ ଦାବି କରିଛନ୍ତି। ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଯାୟୀ, ଶ୍ରମିକମାନଙ୍କ ଦୀର୍ଘ ବର୍ଷର ସଂଗ୍ରାମ ଓ ବଳିଦାନରେ ଅର୍ଜିତ ଅଧିକାରକୁ ଛଡ଼ାଇ ନେବା ପାଇଁ କେନ୍ଦ୍ର ସରକାର ମାଲିକମାନଙ୍କ ସପକ୍ଷରେ ଏହି ଶ୍ରମ କୋର୍ଡ ଆଣିଛନ୍ତି। ଦେଶବ୍ୟାପୀ ଶ୍ରମିକ ଶ୍ରେଣୀର ପ୍ରବଳ ବିରୋଧ ସତ୍ତ୍ୱେ ଏହାକୁ ପ୍ରଚଳନ କରିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବାକୁ ନେଇ ଶ୍ରମିକ ସଂଗଠନଗୁଡ଼ିକ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରତିବାଦରେ ଆଇଏନଟିୟୁସି, ଏଚଏମଏସ, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏନଏଫଆଇଟି ସମେତ ବିଭିନ୍ନ ସ୍ୱାଧୀନ ଫେଡେରେସନ ସାମିଲ ହୋଇଥିଲେ। ଏହି ବିକ୍ଷୋଭର ନେତୃତ୍ୱ ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିରଜା କିଙ୍କର ନାୟକ, ସନ୍ତୋଷ ଭୋଳ, ଖଗେଶ୍ୱର ସେଠୀ, ବଦ୍ରିନାରାୟଣ ଦାସ, ଅମରେନ୍ଦୁ ମହାନ୍ତି, ଯୁଧିଷ୍ଠିର ମହାରଣା ଓ ସୌଭାଗ୍ୟ କେତନ ସାମଲ ପ୍ରମୁଖ ନେଇଥିଲେ। ମନୋରଞ୍ଜନ ମହାରଣା, ଅମୃତା ଦାସ, ବିନୋଦ ବେହେରା, ପ୍ରତାପ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଶୁଭାଶିଷ ପଟ୍ଟନାୟକ, ରବିନ୍ଦ୍ରନାଥ ଧଳ, ନିହାର ରଞ୍ଜନ ଦାସ, କିଶୋର ଭୋଇ, ବ୍ରଜବନ୍ଧୁ ଛତର, ପ୍ରିୟଦର୍ଶନ ପାଢେଲ ଏବଂ ବିପିନ ବିହାରୀ ପାଢ଼ୀଙ୍କ ସମେତ ଶତାଧିକ କର୍ମୀ ଶ୍ରମିକ ଅଧିକାର ସୁରକ୍ଷା ପାଇଁ ସ୍ଲୋଗାନ ଦେଇଥିଲେ।

## କଟକ ଟ୍ୟାକ୍ସ ବାର୍ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




କଟକ,୨।୪(ସମିସ): କଟକ ଟ୍ୟାକ୍ସ ବାର ଆସୋସିଏସନ ପକ୍ଷରୁ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ସହ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ ବାର କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ସଭାରେ ହାଇକୋର୍ଟ ବାର, କ୍ରିମିନାଲ କୋର୍ଟ ବାର, ଏମଭି ବାର୍, କନଜୁମର ବାର, ଆୟକର ଅପିଲ ଅଧିକରଣ ବାର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସଭାକୁ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ଶୈଳେନ୍ଦ୍ର ନାରାୟଣ ଠାକୁର ପରିଚାଳନା କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ବାସୁଦେବ ପଣ୍ଡା, ସୌରଚନ୍ଦ୍ର ମହାପାତ୍ର, ବିଜୟ ଦାଶ, ରୁଦ୍ର ପ୍ରସାଦ କର ଓ ଲଲାଟେନ୍ଦୁ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ମଠସାହିରେ ଆଧ୍ୟାତ୍ମିକତାର ମହାକୁମ୍ଭ

# ୭୦ ବର୍ଷର ନିଆରା 'କ୍ଷୀରୀ ହାଣ୍ଡି' ପରମ୍ପରା













କଟକ,୨।୪(ସମିସ):

ବିଶ୍ୱାସ, ପରମ୍ପରା ଓ ଉପାସନାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଛି କଟକ

- **ରଡ ନିଆଁରେ ଚାଲିଲେ ଶତାଧିକ ମାନସିକଧାରୀ**
- **ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଲା ପରିବେଶ**
- **ସାହିର ଶତାଧିକ ମହିଳାଙ୍କ ଦ୍ୱାରା ମାଟି ଚୁଲିରେ ପ୍ରସ୍ତୁତ ହେଲା ମା'ଙ୍କ ପ୍ରିୟ କ୍ଷୀରୀ ଭୋଗ**

ଗୋପାଳଜୀଉ ଲେନ୍‌ସ୍ଥିତ ମଠସାହିରେ। ଚୈତ୍ର ପୂର୍ଣ୍ଣମୀ ଅବସରରେ ଆୟୋଜିତ ପ୍ରସିଦ୍ଧ ଝାମୁ ଯାତ୍ରାରେ ମାନସିକଧାରୀ ବ୍ରତଧାରୀମାନେ ରଡ଼ ନିଆଁ ଉପରେ ଖାଲି ପାଦରେ ଚାଲିଥିବାର ରୋମାଞ୍ଚକର ଦୃଶ୍ୟ ଦେଖଣାହାରୀଙ୍କ ମଧ୍ୟରେ ଶିହରଣ ଖେଳାଇ ଦେଇଥିଲା। ଭକ୍ତି ଓ ସମର୍ପଣ ଆଗରେ ଅଗ୍ନିର ପ୍ରକୋପ ମଧ୍ୟ ହାର ମାନିଥିବା ବେଳେ ସାରା ଅଞ୍ଚଳ ଏବେ ଆଧ୍ୟାତ୍ମିକମୟ ହୋଇଉଠିଛି। ଏହି ଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ହେଉଛି "କ୍ଷୀରୀ ହାଣ୍ଡି' ପରମ୍ପରା, ଯାହା ବିଗତ ୭୦ ବର୍ଷ ହେବ ଅବ୍ୟାହତ ରହିଛି। ସାହିର ଶତାଧିକ ମହିଳା, ବିଶେଷ କରି ନବବିବାହିତା ଓ ବୟସ୍କାମାନେ ଏକାଠି ହୋଇ ନୂଆ ଶାଢ଼ୀ ପିନ୍ଧି ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ନିଜେ ଗଢ଼ିଥିବା ମାଟି ଚୁଲିରେ ଖିରି ପ୍ରସ୍ତୁତ କରିଥାନ୍ତି। ଉପବାସ ରଖି ଅତି ନିଷ୍ଠାର ସହ ପ୍ରସ୍ତୁତ ଏହି ଖିରିକୁ ମା'ଙ୍କ ପାଖରେ ଭୋଗ ଲଗାଯିବା ପରେ ପ୍ରସାଦ ରୂପେ ବଣ୍ଟନ କରାଯାଏ। ଏହି ପ୍ରସାଦ ସ୍ୱାମୀ, ସନ୍ତାନ ଓ ପରିବାରର ମଙ୍ଗଳ ଆଣିଥାଏ ବୋଲି ଦୃଢ଼ ବିଶ୍ୱାସ ରହିଛି। ମଧ୍ୟାହ୍ନରେ ଯଜ୍ଞ ସମାପନ ପରେ କାଳୀସୀ ଯଜ୍ଞକୁଣ୍ଡରୁ ଅଗ୍ନି ଆଣି ଝାମୁ ଗାତରେ ସଂଯୋଗ କରିଥିଲେ। ନଦୀରେ ସ୍ନାନ ସାରି ଶୋଭାଯାତ୍ରାରେ ଫେରିବା ପରେ ପ୍ରାୟ ୩୦୦ରୁ ଅଧିକ ମାନସିକଧାରୀ ଜଳନ୍ତା କୋଇଲା ଉପରେ ଚାଲି ନିଜର ମାନସିକ ପୂରଣ କରିଥିଲେ। ପ୍ରଥମେ ଜଣେ କିମ୍ବା ଦୁଇଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ଏକ ବଡ଼ କଳେବର ଧାରଣ କରିଛି। ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଧ୍ୱନୀରେ ମଠସାହି ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ରହସ୍ୟମୟ ଓ ଭକ୍ତିପୂତ୍ର ପରିବେଶକୁ ଉପଭୋଗ କରିବା ପାଇଁ କଟକ ସହରର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଯୁବକ ସଂଘ ଓ ମୁରବୀମାନଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।





## ଭୁବନେଶ୍ୱର + କଟକ



# ନିର୍ମାଣ ଦିନରୁ ଶୌଚାଳୟରେ ତାଲା

**■ ଶୌଚ କରିବାକୁ ସମସ୍ୟା ଭୋଗୁଛନ୍ତି ୩୮ ନମ୍ବର ୱାର୍ଡ ବାସିନ୍ଦା**
**■ ବିଏମ୍‌ସି କରୁନି ହସ୍ତାନ୍ତର**



ଭୁବନେଶ୍ୱର, ୨।୪(ସମିସ): ଦୀର୍ଘଦିନ ଧରି ଲୋକଙ୍କ ବ୍ୟବହାର ପାଇଁ ଅଞ୍ଚଳରେ ଶୌଚାଳୟଟିଏ ନଥିଲା। ବାରମ୍ବାର ଅଭିଯୋଗ ପରେ ବିଏମ୍‌ସି ପକ୍ଷରୁ ଶୌଚାଳୟ ନିର୍ମାଣ କରାଗଲା। କିନ୍ତୁ ପରିତାପର ବିଷୟ ଏଯାଏ ତାହା ଲୋକଙ୍କ ବ୍ୟବହାରରେ ଲାଗିପାରିଲା ନାହିଁ। କାରଣ ୩ ମାସ ହେବ ଶୌଚାଳୟ କାମ ଶେଷ ହୋଇଥିଲେ ବି ଉଦ୍‌ଘାଟନ ହୋଇ ନ ଥିବାରୁ ତାହାକୁ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଶୌଚ କରିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୩୮ ବାସିନ୍ଦା।

ଏହି ୱାର୍ଡରେ ଲୋକସଂଖ୍ୟା ପ୍ରାୟ ୧୫ ହଜାରରୁ ଅଧିକ। ହେଲେ ଏଠାରେ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଶୌଚାଳୟଟିଏ ନଥିଲା। ବାରମ୍ବାର ବିଏମ୍‌ସି ରେ ଅଭିଯୋଗ ପରେ ଗତବର୍ଷ ନିର୍ମାଣ ହୋଇଥିଲା ୩ଟି ଶୌଚାଳୟ। ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ୩ଟି ଶୌଚାଳୟ ରୁ ଗୋଟିଏ ବି ବ୍ୟବହାର ହୋଇପାରୁଛି ନାଁ ଲୋକଙ୍କ ସମସ୍ୟା ଦୂର କରିପାରୁଛି। ଆରମ୍ଭ ହେବା ଦିନରୁ ଶୌଚାଳୟରେ ଝୁଲୁଛି ତାଲା। ଦିର୍ଘ ୩ମାସ ହେବ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଥିବା ବେଳେ ଠିକା ସଂସ୍ଥା ବିଏମସିକୁ ହସ୍ତାର ମଧ କରିସାରିଛି। କିନ୍ତୁ ଏହାର ଉଦଘାଟନ ହୋଇନଥିବାରୁ ଏଥିରେ ତାଲା ପଡ଼ି ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସହରକୁ ସ୍ୱଚ୍ଛ ପରିଷ୍କାର ରଖିବା ପାଇଁ ବିଭିନ୍ନ ସ୍ଥାନରେ ବିଏମ୍‌ସି ପକ୍ଷରୁ ଶୌଚାଳୟ ବ୍ୟବସ୍ଥା ରହିଛି। ସୂଚନା ଅନୁସାରେ, ଭୁବନେଶ୍ୱରରେ ବର୍ତ୍ତମାନ ୭୫ରୁ ଅଧିକ ଗୋଷ୍ଠୀ ଶୌଚାଳୟ, ୯୯ଟି ସାମୁହିକ ଶୌଚାଳୟ, ୪୨ଟି ଇ-ଶୌଚାଳୟ ଏବଂ ୧୦ଟି ବାୟୋ-ଶୌଚାଳୟ ରହିଥିବା ବେଳେ ନିକଟରେ ଏହାର ସଂଖ୍ୟା ବୃଦ୍ଧି କରାଯାଇଥିଲା। ବିଶେଷ କରି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଜନଗହଳି ଆଦି ପ୍ରମୁଖ ସ୍ଥାନରେ ଅତ୍ୟାଧୁନିକ ଭାବେ ଇ-ଶୌଚାଳୟ ନିର୍ମାଣ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପ୍ରତ୍ୟେକ ୱାର୍ଡରେ ବିଏମସି ପକ୍ଷରୁ ଶୌଚାଳୟ ବ୍ୟବସ୍ଥା ରହିଥିବା ବେଳେ ସହରର ଏକ ପ୍ରମୁଖ ସ୍ଥାନରେ ରହିଥିବା ଏହି ୱାର୍ଡରେ ଶୌଚାଳୟ ନଥିବା ନିଶ୍ଚିତ ନିନ୍ଦନୀୟ। ସବୁଠାରୁ ବଡ଼କଥା ହେଉଛି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମିତ ଏହି ନୂତନ ଶୌଚାଳୟଗୁଡ଼ିକ ଯଦି ଲୋକଙ୍କ ବ୍ୟବହାରରେ ଲାଗି ନପାରିଲା ତେବେ ଏହା ମୂଲ୍ୟ ହୀନ। ଫଳରେ ସମସ୍ତେ ରାସ୍ତା କଡ଼ରେ ଶୌଚ କରୁଛନ୍ତି। ଏହାଦ୍ୱାରା ଦୁର୍ଗନ୍ଧ ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏନେଇ ସ୍ଥାନୀୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ କହିଛନ୍ତି ଯେ, ୱାର୍ଡରେ ମୋଟ୍ ୩ଟି ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ଏହାକୁ ବିଏମସି ଡେପୁଟି କମିଶନର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ହୋଇପାରି ନାହିଁ। କିନ୍ତୁ ଲୋକଙ୍କ ବ୍ୟବହାର ପାଇଁ ହସ୍ତାନ୍ତର କରିବାକୁ ବିଏମସିକୁ ଅବଗତ କରାଯାଇଛି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୨।୪ (ସମିସ): ରାଜଧାନୀ ଭୁବନେଶ୍ୱର କେବଳ ଏକ ସ୍ଥାନ ନୁହଁ ବରଂ ଐତିହ୍ୟସ୍ଥଳର ଗନ୍ତାଘର। ଏଠାରେ ଅନେକ କିର୍ତ୍ତିରାଜି ସାଇତା ହୋଇ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିପାଇଁ କେବଳ ଅନ୍ୟ ରାଜ୍ୟ ନୁହଁ ବରଂ ଅନ୍ୟ ଦେଶରୁ ମଧ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ସେ ପୁଣି ଅନେକପୁରାତନସମୟରୁଏଠାରେଥିବା ଐତିହ୍ୟସ୍ଥଳକୁଭ୍ରମଣରେଆସିଥାନ୍ତି।ଯାହାର ଏକ ଝଲକ ସାମାଜିକ ଗଣମାଧ୍ୟମରେ କଳାଧଳା ଫଟୋରେ ଦେଖିବାକୁ ମିଳିଛି।

୧୮୬୯ ମସିହାରେ ଫଟୋଗ୍ରାଫର ୱିଲିୟମ୍ ହେନରୀ କର୍ଣ୍ଣିସ୍ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରର ସ୍ଥାପତ୍ୟକୁ ନିଜ କ୍ୟାମେରାରେ କଏଦ କରିଥିଲେ। ବିଶେଷ ଭାବରେ ଦକ୍ଷିଣ ମୁଖଭାଗ ଏବଂ ପୂର୍ବ ପାର୍ଶ୍ୱର ଫଟୋ ନେଇଥିଲେ। ଏହି ମନ୍ଦିରଟି ତୃତୀୟ ଅନଙ୍ଗଭୀମଙ୍କ କନ୍ୟା ଚନ୍ଦ୍ରିକା ଦେବୀଙ୍କ ସମୟରେ ରାଜା ଭାନୁଦେବଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା। ଏହି ଫଟୋ ଚିତ୍ରଗୁଡ଼ିକ ତ୍ରୟଦଶ ଶତାବ୍ଦୀର ବିଷ୍ଣୁ ମନ୍ଦିରର ଡକ୍ୟୁମେଣ୍ଟେସନ୍ କରୁଥିବା ଏକ ସିରିଜର ଅଂଶ।

## ୨୦୦ ପ୍ରତିଭାଙ୍କୁ ଜୟଦେବ ଉତ୍କଳ ସମ୍ମାନ



ବାଲିଅନ୍ତା, ୨।୪(ସମିସ): ଗୀତା ଇନଷ୍ଟିଚ୍ୟୁଟ ଅଫ ଇନଫର୍ମେସନ ଟେକ୍ନୋଲୋଜି ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଜି ସନ୍ଧ୍ୟାରେ ବାଲକାଟି ଶ୍ରୀ କନଭେନସନରେ ଜୟଦେବ ଉତ୍କଳ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ ୨ ଶହ ପ୍ରତିଭାଙ୍କୁ ଜୟଦେବ ଉତ୍କଳ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ପ୍ରଭାକର ମହାରଣା ମୁଖ୍ୟ ଅତିଥି, ପଦ୍ମଶ୍ରୀ ବଟକୃଷ୍ଣ ସାହୁ, ବାଳକାଟି ମେଡିକାଲ ଅଫିସର ମାନବ ମଧୁଜିତ, ବନମାଳୀପୁର ଡିଗ୍ରୀ କଲେଜ ଅଧ୍ୟାପକ ଅଜିତ କୁମାର ମହାନ୍ତି, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜୟଦେବ ନିର୍ବାଚନ ମଣ୍ଡଳୀର କଳା, ସଂସ୍କୃତି, ଚିତ୍ର, ପଟ୍ଟଚିତ୍ର, କଳାକାର, କାରିଗରୀ ତଥା ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଗୁରୁଙ୍କ ସହ ଗୋମାତାଙ୍କ ରକ୍ଷକ ଓ ସେବକ, କ୍ରୀଡାବିତ୍ ଏବଂ ଆଦର୍ଶ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା?। ଝିଲି ସାମନ୍ତରାୟ, ଅଶ୍ୱୀନି ଗାୟନ, ସ୍ୱପ୍ନା ବେହେରା, ଅକାଶ ପାତ୍ର, ସଞ୍ଜୀବ ସାମନ୍ତରାୟ, ଶୁଭେନ୍ଦୁ ସାହୁ, ବିଶ୍ୱପ୍ରିୟା ମହାରଣା, ବାସୁଦେବ ଜେନା, କଳ୍ପନା ଜେନା, ବୈଜୟନ୍ତୀ ଭୋଇ, ଗୌରଗୋପାଳ ପଣ୍ଡା, ରାଜା ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୋନିସ୍ମିତା ମହାରଣା ମଞ୍ଚ ପରିଚାଳନା କରିଥିଲେ।

## 'ଏନ୍ତା ଏନ୍ତା କଥା' ମଞ୍ଚସ୍ଥ

ଭୁବନେଶ୍ୱର, ୨।୪(ସମିସ): ଧରାପୃଷ୍ଠରେ ସବଳମାନେ ଅର୍ଥ ଓ ବାହୁବଳର ସାହାର ନେଇ ଦୁର୍ବଳମାନଙ୍କୁ ଅତ୍ୟାଚାର କରିବା ସହ ମାନସିକ ନିର୍ଯାତନା ମଧ ଦେବାର ଦେଖା ଦେଇଛି। ଏହିଭଳି ଏକ ଷଡ଼ଯନ୍ତ୍ରର କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ 'ଏନ୍ତା ଏନ୍ତା କଥା'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁବାର ଭଞ୍ଜକଳା ମଣ୍ଡପରେ ବ୍ରଜେନ୍ଦ୍ର ନାୟକଙ୍କ ରଚିତ ଗଙ୍ଗାଧର ବେହେରାଙ୍କ ନିର୍ଦ୍ଦେଶନାରେ ସୃଜନୀ ପରିବାର, ଝାରସୁଗୁଡ଼ା ପକ୍ଷରୁ ଏହି ନାଟକକୁ ପରିବେଷଣ କରାଯାଇଛି। ଅତିଥି ଭାବରେ ଅଭିନେତା ବିନାୟକ ମିଶ୍ର ଏବଂ ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ନାଟ୍ୟ ସଙ୍ଘର ସଭାପତି ମିହିର କୁମାର ମେହେର ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ।

## ମଞ୍ଜରୀ ଦେବୀ ନର୍ସିଂ କଲେଜରେ ନିର୍ବାଚନମଣ୍ଡଳୀସ୍ତରୀୟ ଜନଗଣନା




ବାଲିଅନ୍ତା, ୨।୪(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପଞ୍ଚାୟତରୋଡ ସ୍ଥିତ ମଞ୍ଜରୀଦେବୀ ନର୍ସିଂ କଲେଜରେ ଆଜି ଠାରୁ ୨୦୨୭ ଜନଗଣନା ନେଇ ଉଭୟ ବାଲିଅନ୍ତା – ବାଲିପାଟଣା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଲିଅନ୍ତା ବ୍ଲକର ୨୮୩ ଜଣ ଶିକ୍ଷକ ଏବଂ ବାଲିପାଟଣା ବ୍ଲକର ୩୦୦ରୁ ଅଧିକ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ନୂଆ ଜନଗଣନା ବିବରଣୀ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ଗ୍ରହଣ କରିବେ। ଉଭୟ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ଏବଂ ବାଲିପାଟଣା ତହସିଲ କାର୍ଯ୍ୟାଳୟର ୪ ଜଣ ରାଜସ୍ୱ ନିରୀକ୍ଷକଙ୍କ ସମେତ ୨ ଜଣ ସୁପରଭାଇଜର, ୨ ଜଣ ଅତିରିକ୍ତ ତହସିଲଦାର ପ୍ରଶିକ୍ଷଣ ପ୍ରଦାନ ଦାୟିତ୍ୱରେ ରହିଛନ୍ତି। ୨୦୨୭ ନେଇ ନୂଆ ନିୟମ ଓ ପ୍ରଣାଳୀ ଆଧାରରେ କିଭଳି ଘର ଚିହ୍ନଟ କରି ଲିଷ୍ଟିଂ ବ୍ଲକରେ ଜନଗଣନା ବିବରଣୀ ସଂଗ୍ରହ ଏବଂ ସବିଶେଷ କାର୍ଯ୍ୟ ସମ୍ପାଦନ କରାଯିବ ସେନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ଜଣାଯାଇଛି। ବାଲିଅନ୍ତା ତହସିଲଦାର ଲିଲନ ପ୍ରସାଦ ସାହୁ ଏବଂ ବାଲିପାଟଣା ତହସିଲଦାର କଳ୍ପନା ଦାଶ ଚାର୍ଜ ଅଫିସର ଭାବେ ତାଲିମ ତଦାରଖ ଦାୟିତ୍ୱରେ ରହିଛନ୍ତି।

## ପାରଳା ଗଜପତି ବିକାଶ ମଞ୍ଚର ଉତ୍କଳ ଦିବସ

ଭୁବନେଶ୍ୱର, ୨।୪(ସମିସ): ଚଳିତ ବର୍ଷ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ପାଳନ ହୋଇଛି। ଏହି ଅବସରରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ପାରଳାର ପୁଣ୍ୟଶ୍ଳୋକ ମହାରାଜା ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଜି ଛକ ଠାରେ ଥିବା ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପାରଳା ଗଜପତି ବିକାଶ ମଞ୍ଚର ସମସ୍ତ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଏହି ଅବସରରେ ପାରଳା ଗଜପତି ବିକାଶ ମଞ୍ଚର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ, ସମ୍ପାଦକ ରାଜ କିଶୋର ପାଣିଗ୍ରାହୀ, ବରିଷ୍ଠ କର୍ମକର୍ତ୍ତା ସତ୍ୟନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ରଥ, ସୁରେଶ ମହାରଣା, ରମେଶ ଚୌଧୁରୀ, ପ୍ରଶାନ୍ତ କୁମାର ପାଢ଼ୀ, କିଶୋର ପଟ୍ଟନାୟକ, ସ୍ୱାଧୀନ ପାଣିଗ୍ରାହୀ, ଉମାକାନ୍ତ ପାତ୍ର, ଅନୁକା ଜେନା, ରୁଦ୍ର ପ୍ରସାଦ ନାୟକ, ସରିତ୍ରୀ ପଟ୍ଟନାୟକ, ରଘୁରାଜ ରାଜଗୁରୁ, କୃଷ୍ଣ ପ୍ରସାଦ ନାୟକ, ସୁବୋଧ ପାତ୍ର, ବିକାଶ ରଞ୍ଜନ ଚୌଧୁରୀ, ଗୌର ମହାପାତ୍ର, ପୃଥ୍ୱୀରାଜ ପାଣି, ରଞ୍ଜୀତ୍ ଖଣ୍ଡରାୟ, ଉଦୟନାଥ ପଣ୍ଡା, ପରେଶ ପାଣିଗ୍ରାହୀ, ପ୍ରଭା ଶଙ୍କର ମିଶ୍ର ଉପସ୍ଥିତଥିଲେ।

**● ଜାତୀୟ ଜୁନିଅର ଖୋ-ଖୋ ଚାମ୍ପିଅନସିପ୍ ଉଦ୍‌ଯାପିତ**

## ବାଳକରେ ମହାରାଷ୍ଟ୍ର ଓ ବାଳିକାରେ ତାମିଲନାଡୁ ଚାମ୍ପିଅନ




ଆଠଗଡ଼, ୨।୪(ସମିସ): ଆଠଗଡ଼ଠାରେ ତିନି ଦିନ ଧରି ଚାଲିଥିବା ଜାତୀୟ କନିଷ୍ଠ (ଜୁନିଅର) ଖୋ-ଖୋ ଚାମ୍ପିଅନସିପ୍ ଗୁରୁବାର ଭବ୍ୟ ସମାରୋହରେ ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ମହାରାଷ୍ଟ୍ର ଏବଂ ବାଳିକା ବିଭାଗରେ ତାମିଲନାଡୁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳକ ବିଭାଗ ଫାଇନାଲରେ ମହାରାଷ୍ଟ୍ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକକୁ ୨୮-୨୭ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଆୟୋଜକ ଓଡ଼ିଶା ଦଳ ତୃତୀୟସ୍ଥାନରେ ରହି ସନ୍ତୋଷ ପ୍ରକାଶ କରିଛି। ସେହିପରି ବାଳିକା ବିଭାଗରେ ତାମିଲନାଡୁ ୯-୭ ପଏଣ୍ଟରେ ପଶ୍ଚିମବଙ୍ଗକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ବାଳିକା ବିଭାଗରେ ପଶ୍ଚିମବଙ୍ଗର ଦୀୟାବର୍ତ୍ତ ରାୟ ଶ୍ରେଷ୍ଠ ଆକ୍ରମଣକାରୀ, ତାମିଲନାଡୁର ହରାଇ ସାଇ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଏବଂ ମୁଖାସି ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚିତ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ବିଜୟୀ ଓ ରନର୍ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖୋ-ଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଖୋ-ଖୋ ଇଣ୍ଡିଆ ସଭାପତି ବିନୋଦ ସିଂ, ସମ୍ପାଦକ ସୁରେଶ ଶର୍ମା, କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ରାଜ୍ୟର ଖେଳାଳିମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରିଥିଲେ।

## ପ୍ରଭାତଙ୍କ ବିରୋଧରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ମେଳି

**ସମାଲୋଚନା କଲେ ଯୁବ ଛାତ୍ର ନେତା**



କଟକ, ୨।୪(ସମିସ): କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳରେ ସୃଷ୍ଟି ହୋଇଥିବା ଇସ୍ତଫା ପର୍ବକୁ ନେଇ ଏବେ ରାଜନୈତିକ ପାରଦ ଉଷ୍ମ ହେବାରେ ଲାଗିଛି। ଗତକାଲି ୮୦ରୁ ଊର୍ଦ୍ଧ୍ୱ ଯୁବ ଓ ଛାତ୍ର କର୍ମକର୍ତ୍ତାଙ୍କ ସମୂହ ଇସ୍ତଫାକୁ ଆଜି କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ଯୁବ ସଭାପତି ସ୍ମୃତିରଞ୍ଜନ ନାୟକ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଏହି ଇସ୍ତଫାକୁ ସେ ଏକ 'ମିଥ୍ୟା ପତିଆରା' ଓ 'ହୀନ ରାଜନୀତି' ବୋଲି ଅଭିହିତ କରିଛନ୍ତି। ଶ୍ରୀ ନାୟକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଏବଂ ଅନ୍ୟ କିଛି ନେତା ନିଜର ଦବଦବା ଦେଖାଇବା ପାଇଁ ମିଛ ତାଲିକା ପ୍ରସ୍ତୁତ କରିଛନ୍ତି। ଯେଉଁମାନେ ପଦବୀରୁ ଓହରି ନାହାନ୍ତି, ସେମାନଙ୍କ ନାମକୁ ବ୍ୟବହାର କରି ବିଭ୍ରାନ୍ତି ସୃଷ୍ଟି କରାଯାଉଛି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଅନୁଗତମାନେ ଏଭଳି କାର୍ଯ୍ୟ କରୁଥିଲେ ମଧ ଚୌଦ୍ୱାର ବିଜେଡି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ସେ ଆହୁରି ମଧ କହିଛନ୍ତି, ଆମେ ପୂର୍ବରୁ ଦଳରେ ଥିଲୁ ଏବଂ ବର୍ତ୍ତମାନ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆମର ପୂର୍ଣ୍ଣ ଆସ୍ଥା ରହିଛି। ଆଗାମୀ ଦିନରେ ଯଦି ଦଳ ବିରୋଧୀ କାର୍ଯ୍ୟ କିମ୍ବା ମିଥ୍ୟା ପ୍ରଚାର ଜାରି ରହେ, ତେବେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏହାର ମୁହଁତୋଡ଼ ଜବାବ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ମେଳି ଅବସରରେ ବହୁ ସଂଖ୍ୟାରେ ଯୁବ ଓ ଛାତ୍ର ନେତା ଉପସ୍ଥିତ ରହି ଦଳ ପ୍ରତି ସେମାନଙ୍କର ସମର୍ଥନ ଜଣାଇଥିଲେ।

## ଗାଡ଼ିରୁ ଓହ୍ଲାଇ ଝାଡୁ କଲେ ମେୟର



କଟକ, ୨।୪(ସମିସ): କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ କଟକ ମହାନଗର ନିଗମ (ସିଏମସି) ମେୟର ସୁବାସ ସିଂହ ଆଜି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଗଡ଼ଗଡ଼େଶ୍ୱର ମନ୍ଦିର ସମ୍ମୁଖରେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଳିଆ ଆବର୍ଜନା ଦେଖି ମେୟର ନିଜ ଗାଡ଼ି ଅଟକାଇବା ସହ ନିଜେ ଝାଡୁ ଧରି ରାସ୍ତା ସଫା କରିଛନ୍ତି। ତାଙ୍କର ଏହି କାର୍ଯ୍ୟ ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ମେୟର ଶ୍ରୀ ସିଂହ ନିଜ ଗଡ଼ଖାଇସ୍ଥିତ ସରକାରୀ ଆବାସରୁ ସିଏମସି କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲେ। ଏହି ସମୟରେ ଗଡ଼ଗଡ଼େଶ୍ୱର ଶିବ ମନ୍ଦିର ସମ୍ମୁଖରେ ଥିବା କିଛି ଦୋକାନୀ ନିଜ ଦୋକାନର ବର୍ଜ୍ୟବସ୍ତୁ ଡଷ୍ଟବିନ୍‌ରେ ନ ରଖି ରାସ୍ତା ଉପରେ ପକାଉଥିବା ସେ ଗାଡ଼ି ଭିତରୁ ଦେଖିବାକୁ ପାଇଥିଲେ। ଏହା ଦେଖି ସେ ତତକ୍ଷଣାତ୍ ଗାଡ଼ିରୁ ଓହ୍ଲାଇ ଅସନ୍ତୋଷ ପ୍ରକାଶ କରିଥିଲେ। ମେୟର ଜଣେ ଦୋକାନୀଙ୍କଠାରୁ ଝାଡୁ ମାଗି ନିଜେ ରାସ୍ତା ସଫା କରିବା ସହ ସମସ୍ତ ଅଳିଆକୁ ଏକତ୍ର କରିଥିଲେ। ଏହି ଅବସରରେ ମେୟର ଉପସ୍ଥିତ ଦୋକାନୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ପ୍ରତ୍ୟେକ ଦୋକାନ ସମ୍ମୁଖରେ ଡଷ୍ଟବିନ୍ ରଖିବା ବାଧ୍ୟତାମୂଳକ। ସକାଳ ଓ ସନ୍ଧ୍ୟା ଦୁଇ ବେଳା ସିଏମସି ଗାଡ଼ି ଆସି ଅଳିଆ ନେଇଯିବ, କିନ୍ତୁ କେହି ବି ରାସ୍ତା ଉପରେ ଆବର୍ଜନା ଫିଙ୍ଗି ପାରିବେ ନାହିଁ। ଯଦି କୌଣସି ଦୋକାନୀ ପରିମଳ ବ୍ୟବସ୍ଥାରେ ଅବହେଳା କରନ୍ତି କିମ୍ବା ରାସ୍ତାରେ ଅଳିଆ ପକାନ୍ତି, ତେବେ ତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି। ସହରକୁ ସ୍ୱଚ୍ଛ ରଖିବା ପାଇଁ ସେ ସମସ୍ତ ବ୍ୟବସାୟୀ ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

**ବାରବାଟୀ ଫୁଡ୍ କୋର୍ଟରେ ଦହିବରା ବ୍ୟବସାୟୀ ଉପେକ୍ଷିତ**

# ଫାଷ୍ଟଫୁଡ ଦୋକାନୀଙ୍କୁ ଘର, ଦହିବରା ପାଇଁ ପିଣ୍ଡି

**■ ଦୋକାନ ଘର ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲା ସଂଘ**
**■ ଜିଆଇ ଟ୍ୟାଗ୍ ପାଇଁ ସଂଘର କସରତ**
**■ ବାଦ୍ ପଡ଼ିଥିବା ବ୍ୟବସାୟୀଙ୍କୁ ସାମିଲ କରିବାକୁ ଦାବି**




କଟକ, ୨।୪(ସମିସ): ପୁରୁଣା ରାଜଧାନୀ କଟକ ସହରର ପରିଚୟ ସାଜିଥିବା ବିଶ୍ୱପ୍ରସିଦ୍ଧ ଦହିବରା-ଆଳୁଦମ୍ ଏବେ ନିଜ ସ୍ଥିତି ଓ ଅଧିକାର ପାଇଁ ସଂଘର୍ଷ କରୁଛି। ନୂତନ ଭାବେ ନିର୍ମିତ 'ବାରବାଟୀ ଫୁଡ୍ କୋର୍ଟ'ରେ ଦହିବରା ବ୍ୟବସାୟୀମାନେ ଉପେକ୍ଷିତ ହେଉଥିବା ଅଭିଯୋଗ କରି କଟକ ଦହିବରା-ଆଳୁଦମ୍ ବ୍ୟବସାୟୀ ସଂଘ ପକ୍ଷରୁ ଜିଲ୍ଲାପାଳ, ସିଏମସି କମିଶନର ଓ ମେୟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

୧୯୬୨ ମସିହାରୁ ବାରବାଟୀ ଷ୍ଟାଡିୟମ ନିର୍ମାଣ ସମୟରେ ଶ୍ରମିକମାନଙ୍କ କ୍ଷୁଧା ମେଣ୍ଟାଇଥିବା ଏହି ଦହିବରା-ଆଳୁଦମ୍ ଆଜି ସାରା ବିଶ୍ୱରେ କଟକର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ଜନକ ରଘୁ ମଉସାଙ୍କ ଦ୍ୱାରା ଲୋକପ୍ରିୟ ହୋଇଥିବା ଏହି ଖାଦ୍ୟ ଯୋଗୁଁ ଷ୍ଟାଡିୟମ ସାମ୍ନା ପଡ଼ିଆ 'ଦହିବରା ପଡ଼ିଆ' ଭାବେ ପରିଚିତ। ମାତ୍ର ଆଜି ସେହି ସ୍ଥାନରେ ଗଢ଼ିଉଠୁଥିବା ଆଧୁନିକ ଫୁଡ୍ କୋର୍ଟରେ ପାଶ୍ଚାତ୍ୟ ଫାଷ୍ଟଫୁଡ୍ ଦୋକାନୀଙ୍କୁ ଘର ଯୋଗାଇ ଦିଆଯାଉଥିବା ବେଳେ, ପାରମ୍ପରିକ ଦହିବରା ବ୍ୟବସାୟୀଙ୍କୁ କେବଳ ଛୋଟ ପିଣ୍ଡି ପ୍ରଦାନ କରାଯାଉଛି, ଯାହା ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ସଂଘର ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ଏଠାରେ ବ୍ୟବସାୟ କରି ଆସୁଥିବା ପୁରୁଣା ବ୍ୟବସାୟୀଙ୍କୁ ବାଦ୍ ଦିଆଯାଇ କିଛି ବାହାର ବ୍ୟବସାୟୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ବିଭାଗ ପକ୍ଷରୁ ସଠିକ୍ ସର୍ଭେ କରାଯାଇ ବାଦ୍ ପଡ଼ିଥିବା ପ୍ରକୃତ ବ୍ୟବସାୟୀଙ୍କୁ ସାମିଲ କରିବା ସହ ସେମାନଙ୍କୁ ସ୍ଥାୟୀ ଦୋକାନ ଘର ଯୋଗାଇଦେବାକୁ ଦାବି ହୋଇଛି। କଟକ ଦହିବରା-ଆଳୁଦମ୍‌କୁ ଜିଆଇ ମାନ୍ୟତା ଦେବା ପାଇଁ ସଂଘ ନିରନ୍ତର ଚେଷ୍ଟା ଚଳାଇଛି। ବାରବାଟୀ ଫୁଡ୍ କୋର୍ଟ ଏହି ମାଇଲଖୁଣ୍ଟ ପାଇଁ ଏକ ମାଧ୍ୟମ ହେବା କଥା, କିନ୍ତୁ ବ୍ୟବସାୟୀଙ୍କ ପ୍ରତି ହେଉଥିବା ଅବହେଳା ଏହି ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ, ସାଧାରଣ ସମ୍ପାଦକ କେଦାରନାଥ ସାସମଲ, ଉପସଭାପତି ପ୍ରତାପ ବାରିକ, କାର୍ଯ୍ୟକାରୀ ସଭାପତି ବିଜନ ଦାସ, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, ସହସମ୍ପାଦକ ଅଜୟ ବେହେରା ଓ କୋଷାଧ୍ୟକ୍ଷ ସନ୍ତୋଷ ସାହୁଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ। ଯଦି ସେମାନଙ୍କ ଦାବି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ ।
-ସ୍ୱାମୀ ବିବେକାନନ୍ଦ

## ମେଟା ମାନିବ ତ?

ସାମାଜିକ ଗଣମାଧ୍ୟମରେ କୋମଳମତି ଶିଶୁଙ୍କ ମାନସିକତାକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଭଳି ବିଭିନ୍ନ ଉତ୍ପାଦ ବିତରଣ ଅଭିଯୋଗରେ ମେଟା(ଫେସ୍‌ବୁକ୍) ଓ ୟୁଟ୍ୟୁବ୍‌କୁ ଆମେରିକାର ଲସ୍‌ଆଞ୍ଜେଲସ୍‌ର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରି ୬ ନିୟୁତ ଡଲାରର ଜୋରିମାନାରେ ଦଣ୍ଡିତ କରିଛନ୍ତି । ସେଥିରୁ ମେଟା ୭୦% ଓ ୟୁଟ୍ୟୁବ୍ ୩୦% ବହନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ରାୟ ଆସିବାର ଗୋଟିଏ ଦିନ ପୂର୍ବରୁ ନ୍ୟୁମେକ୍ସିକୋର ଏକ ଅଦାଲତ ମଧ୍ୟ ମେଟା ବିରୋଧରେ ଆଗତ ଶିଶୁ ଯୌନ ଶୋଷଣ ଅଭିଯୋଗର ଶୁଣାଣି କରି ୩୭୫ ନିୟୁତ ଡଲାର ଦଣ୍ଡରେ ଦଣ୍ଡିତ କରିଛନ୍ତି । ସାମାଜିକ ଗଣମାଧ୍ୟମର ପ୍ରତିକୂଳ ପ୍ରଭାବ ଏବଂ ଏହାର ନିରାକରଣ ପାଇଁ ବୈଶ୍ୱିକ ବିଚାରବିମର୍ଶ ଆରମ୍ଭ ହୋଇଥିବାରୁ ଲସ୍‌ଆଞ୍ଜେଲସ୍ ଓ ନ୍ୟୁମେକ୍ସିକୋ ଅଦାଲତଙ୍କ ଏହି ରାୟକୁ ଯୁଗାନ୍ତକାରୀ ଭାବେ ବର୍ଣ୍ଣନା କରାଯାଉଛି । ସାମାଜିକ ଗଣମାଧ୍ୟମ ସଂସ୍ଥା, ବିଶେଷକରି ଫେସ୍‌ବୁକ୍(ମେଟା) ବିରୋଧରେ ଅଭିଯୋଗ ନୂଆ ନୁହେଁ । ଦୁଇବର୍ଷ ତଳେ ଯୁକ୍ତରାଷ୍ଟ୍ର ଆମେରିକାର ୩୦ରୁ ଊର୍ଦ୍ଧ୍ୱ ରାଜ୍ୟ ମେଟା କମ୍ପାନୀ ଦ୍ୱାରା ପରିଚାଳିତ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ବିରୋଧରେ ଅଦାଲତରେ ଶିଶୁ ଓ କିଶୋରଙ୍କ ମାନସିକତାକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଅଭିଯୋଗ ଆଣିଥିଲେ । କିନ୍ତୁ ଆଇନର ଗଳାବାଟ ଦେଇ ଏବଂ ପ୍ରଭୂତ କ୍ଷମତା ଓ ପ୍ରତିପତ୍ତିର ଉପଯୋଗ କରି ମେଟା ନିଜକୁ ସୁରକ୍ଷିତ ରଖିପାରିଛି ।

ସାମ୍ପ୍ରତିକ ମାମଲାରେ ଆମେରିକାର ଜନୈକ ଯୁବତୀ ଅଦାଲତରେ ଅଭିଯୋଗ କରିଥିଲେ ଯେ କୈଶୋରରୁ ସେ ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍ ସହିତ ମାତ୍ରାଧିକ ଆସକ୍ତ ହୋଇପଡ଼ିଛନ୍ତି, ଯାହା ତାଙ୍କୁ ମାନସିକସ୍ତରରେ କ୍ଷତିଗ୍ରସ୍ତ କରିଛି । କିଶୋର ବୟସରେ ଉପଭୋକ୍ତାଙ୍କୁ ଅଧିକ ଆକୃଷ୍ଟ ଓ ପ୍ରଲୁବ୍ଧ କରିବା ପାଇଁ ଉକ୍ତ ଦୁଇ ସଂସ୍ଥା ଦ୍ୱାରା ଅସରନ୍ତି ପ୍ରବହମାନ ବିଷୟବସ୍ତୁ(ଇନ୍‌ଫିନାଇଟ୍ ସ୍କ୍ରୋଲିଂ), ବୈଷୟିକ ଜ୍ଞାନକୌଶଳ ପ୍ରସୂତ ସ୍ୱୟଂକ୍ରିୟ ବିଷୟବସ୍ତୁ ସୁପାରିସ୍ (ଅଲଗୋରିଦିମିକ୍ ରେକମେଣ୍ଡେସନ୍), ଗୋଟିଏ ପରେ ଗୋଟିଏ ବିଷୟବସ୍ତୁର ନିରବଚ୍ଛିନ୍ନ ସଂଯୋଗୀକରଣ ଓ ଆତ୍ମପ୍ରକାଶ(କନ୍‌ଷ୍ଟାଣ୍ଟ ଏନ୍‌ଗେଜମେଣ୍ଟ ଲୁପ୍‌ସ) ଆଦି ବ୍ୟବସାୟିକ କୌଶଳ ଦ୍ୱାରା ଆସକ୍ତି ବୃଦ୍ଧି ପାଉଛି ଏବଂ ତା'ର ପ୍ରଭାବରେ ଉନ୍ମାଦନା, ମାନସିକ ଅବସାଦ ଆଦି ବଢ଼ିବାରେ ଲାଗିଛି । ଏହି ଅଭିଯୋଗକୁ ଗ୍ରହଣ କରି ଏବଂ ଏହାର ସତ୍ୟାସତ୍ୟ ଯାଞ୍ଚ କରି ଅଦାଲତ ଉପରୋକ୍ତ ଦଣ୍ଡବିଧାନ କରିଥିଲେ ହେଁ ମେଟା ଓ ୟୁଟ୍ୟୁବ୍ ଏଭଳି ଅଭିଯୋଗକୁ ଚିରାଚରିତ ଢଙ୍ଗରେ ଅସ୍ୱୀକାର କରିଛନ୍ତି ।

'ପିୟୁ' ନାମକ ଗବେଷଣା ସଂସ୍ଥାର ରିପୋର୍ଟ ଅନୁଯାୟୀ ଆମେରିକାର ୯୦% କିଶୋର ୟୁଟ୍ୟୁବ୍ ଆସକ୍ତ । ୩୫୦ କୋଟି ବ୍ୟବହାର କରୁଥିବା ଫେସ୍‌ବୁକ୍(ମେଟା) ବିରୋଧରେ ଶିଶୁ ମନସ୍ତତ୍ତ୍ୱବିତ୍, ଅଭିଭାବକ, ଆଇନ ବିଶେଷଜ୍ଞମାନଙ୍କ ମାଳ ମାଳ ଅଭିଯୋଗ ରହିଛି । ବିଶ୍ୱର ସମସ୍ତ ଦେଶ ଊଣାଅଧିକେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଏଭଳି ଦୁଷ୍ପ୍ରଭାବ ଦ୍ୱାରା ପୀଡ଼ିତ । ଗୁଗୁଲ୍, ଫେସ୍‌ବୁକ୍ ଓ ଟ୍ୱିଟର ଭଳି ସଂସ୍ଥା ବିରୋଧରେ ଏଥିପାଇଁ ଆମେରିକା, ୟୁରୋପ ଓ ଅଷ୍ଟ୍ରେଲିଆ ଆଦି ମହାଦେଶରେ ଦଣ୍ଡବିଧାନ ହୋଇଥିବାର ଉଦାହରଣ ମଧ୍ୟ ରହିଛି । ଯୁକ୍ତରାଷ୍ଟ୍ର ଆମେରିକାର ବିଗତ ରାଷ୍ଟ୍ରପତି ନିର୍ବାଚନରେ ଫେସ୍‌ବୁକ ମାଧ୍ୟମରେ ମିଥ୍ୟା ସମ୍ବାଦ ପରିବେଷଣ ଯୋଗୁଁ ଜନମତ ପ୍ରଭାବିତ ହୋଇଛି ବୋଲି ପ୍ରମାଣିତ ହେବା ପରେ ଫେସ୍‌ବୁକ୍‌ରେ ସଂଖ୍ୟାଧିକ ମାତ୍ରାରେ ମିଥ୍ୟା ପରିଚୟରେ ଆକାଉଣ୍ଟ ଖୋଲା ହେବା କଥା ସଂସ୍ଥା ସ୍ୱୀକାର କରିଥିଲା । ଅଥଚ ପ୍ରଭାବ ଓ ଆଇନର ଗଳାବାଟ ଦେଇ ସେମାନେ ନିର୍ଭୟରେ କାର୍ଯ୍ୟକଳାପ ଜାରି ରଖିଛନ୍ତି । ଆମେରିକାରେ ପ୍ରଚଳିତ 'କମ୍ୟୁନିକେସନ୍ ଡିସେନ୍‌ସି ଆକ୍ଟ ୧୯୯୬'ର ଧାରା ୨୩୦ ଆଧାରରେ ମେଟା ସମେତ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହେଉଛନ୍ତି । ଏହି ଧାରା କହୁଛି ଯେ ବ୍ୟବହାରକାରୀଙ୍କ ଦ୍ୱାରା ଅପ୍‌ଲୋଡ୍ କରାଯାଉଥିବା ଫଟୋ/ଭିଡିଓ / ବିଷୟବସ୍ତୁ ପାଇଁ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ।

ସମ୍ପ୍ରତି ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଅତିକ୍ରିୟା ଓ ଆକ୍ରମଣାତ୍ମକ ରଣକୌଶଳର ପରିସର ବଢ଼ିବାରେ ଲାଗିଛି । ଅଭିବ୍ୟକ୍ତିର ସ୍ୱାଧୀନତା ଓ ମାନବାଧିକାରର ଉଦ୍‌ଘୋଷଣା କରୁଥିବା ବିଶ୍ୱର ଉନ୍ନତ ପାଶ୍ଚାତ୍ୟରାଷ୍ଟ୍ରମାନେ ମଧ୍ୟ ଗୁଗୁଲ୍, ଫେସ୍‌ବୁକ ଆଦି ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣରେ ରଖିବାର ଆବଶ୍ୟକତାକୁ ଉପଲବ୍ଧି କଲେଣି । ବିଶେଷକରି ଜର୍ମାନୀ ଭଳି ୟୁରୋପୀୟ ସଂଘର କେତେକ ଦେଶ ନୂତନ ଆଇନ ପ୍ରଣୟନ କରି ସାମାଜିକ ଗଣମାଧ୍ୟମର ସୀମାରେଖା ଟାଣିଛନ୍ତି ଏବଂ ଏହାର ଉଲ୍ଲଙ୍ଘନ କରୁଥିବା ସଂସ୍ଥା ବିରୋଧରେ ଅର୍ଥଦଣ୍ଡ ଆଦିର ବ୍ୟବସ୍ଥା କରିଛନ୍ତି । ଅଷ୍ଟ୍ରେଲିଆ ଓ ଚୀନ୍ ଆଦି ଦେଶରେ ମଧ୍ୟ ଅନୁରୂପ କଠୋର ନିୟମ ଲାଗୁ ହୋଇଛି । କିନ୍ତୁ ଡିଜିଟାଲ୍ ଗଣମାଧ୍ୟମ ସଂସ୍ଥାଗୁଡ଼ିକ କୌଣସି ରାଷ୍ଟ୍ରର ଭୌଗୋଳିକ ସୀମାକୁ ମାନୁ ନଥିବାରୁ ଏବଂ ରାଷ୍ଟ୍ରୀୟ ନିୟମ କାନୁନ୍‌କୁ ଇଚ୍ଛାକୃତ ଭାବେ ଉଲ୍ଲଙ୍ଘନ କରୁଥିବାରୁ ଆଜିର ବିଶ୍ୱରେ ଏହା ସୂଚନା ପ୍ରଯୁକ୍ତି ବିଦ୍ୟାର ଏକ ପ୍ରଚ୍ଛନ୍ନ ଅଭିଶାପ ଭାବେ ଉଭା ହୋଇଛି । ଏସିଆ ଓ ଆଫ୍ରିକାର ଛୋଟଛୋଟ ଗରିବ ଦେଶଗୁଡ଼ିକ ପାଇଁ ଏହି ଗଣମାଧ୍ୟମର ଅତିକ୍ରିୟାକୁ ଆୟତ୍ତ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି ।

କିଛିବର୍ଷ ତଳେ ଏହିଭଳି ଏକ ଜାତୀୟସୁରକ୍ଷା ପ୍ରଶ୍ନକୁ ନେଇ ଭାରତୀୟ ପାର୍ଲାମେଣ୍ଟର ସ୍ଥାୟୀ କମିଟି 'ଟ୍ୱିଟର'(ବର୍ତ୍ତମାନର 'ଏକ୍ସ')ର ଭାରତରେ ନିଯୁକ୍ତ ଅଧିକାରୀମାନଙ୍କୁ ସମନ ଜାରି କରିଥିଲେ । ଏହାର ଉତ୍ତରରେ ସେହି ଅଧିକାରୀମାନେ ସଂସଦୀୟ କମିଟି ଆଗରେ ସାକ୍ଷ୍ୟ ଦେବାକୁ ବାଧ୍ୟ ନୁହନ୍ତି ବୋଲି ଜଣାଇ ଦେଇଥିଲେ । ଭାରତ ଭଳି ଗୋଟିଏ ସାର୍ବଭୌମ ଗଣତନ୍ତ୍ର ପାଇଁ ଏହା ଏକ ଅପମାନଜନକ ଘଟଣା ଥିଲା । ଆଉ ଏକ ଘଟଣାରେ ଭାରତ ସରକାରଙ୍କ ଦ୍ୱାରା ଜାରି ନିୟମାବଳୀ ମାନିବାକୁ ବାଧ୍ୟ ନୁହେଁ ବୋଲି 'ଟ୍ୱିଟର' କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ନିଜ ପକ୍ଷ ରଖିବା ବେଳେ ରୋକ୍‌ଠୋକ୍ ଜବାବ ଦେଇଥିଲା ଏବଂ ଭାରତୀୟ ସମ୍ବିଧାନର ଦ୍ୱାହି ଦେଇଥିଲା । ତେଣୁ ମେଟା ଓ ୟୁଟ୍ୟୁବ୍ ଯେ ଲସ୍‌ଆଞ୍ଜେଲସ୍ ଓ ନ୍ୟୁମେକ୍ସିକୋ ଅଦାଲତର ଆଦେଶକୁ ମାନିବ ସେ ବିଶ୍ୱାସ ଆସୁନାହିଁ । ତେଣୁ ଏବେ ଏଥିପାଇଁ ବୈଶ୍ୱିକସ୍ତରରେ ଏକ ସହଯୋଗ ଓ ସମନ୍ୱୟ ଭିତ୍ତିକ ଆନ୍ତର୍ଜାତିକ ନିୟମାବଳୀ ଲାଗୁ ହେବା ଆବଶ୍ୟକ ।

# ଦେଶପ୍ରେମୀ ବିଜୁବାବୁ

ପ୍ରତାପ ଜେନା

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ଖୁବ୍ କମ୍ ଲୋକଙ୍କୁ ମିଳିଥାଏ । ବିଜୁବାବୁ ସେଥିମଧ୍ୟରୁ ଅନ୍ୟତମ । ସେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ । ଓଡ଼ିଶା, ଭାରତ ଓ ବିଶ୍ୱର ଜଣେ ଅନ୍ୟତମ ଉତ୍ତୁଙ୍ଗ ପୁରୁଷ । ସେ ମୁକ୍ତି ସଂଗ୍ରାମୀ ଓ ଓଡ଼ିଆ ସ୍ୱାଭିମାନର ଏକ ଉଦାହରଣୀୟ ଯୁଗପୁରୁଷ । ବିଜୁ ପଟ୍ଟନାୟକ ଆଜି ଜନମାନସରେ ଅମର ହୋଇ ରହିବାର ପ୍ରମୁଖ କାରଣଟି ହେଲା ତାଙ୍କ କୀର୍ତ୍ତି ଓ କୃତି ।

ଦୁର୍ଦ୍ଧର୍ଷ ବୈମାନିକ, ଝଡ଼ର ଇଗଲ, ଧରଣୀର କୃଷ୍ଣସାର ଆଦି ଅନେକ ଉପମା ଓ ଉପାଧି ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ସଙ୍କଟମୋଚକ । ବ୍ରିଟିଶ୍ ଶାସନାଧୀନ ଭାରତରେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନତା ପରବର୍ତ୍ତୀ କାଶ୍ମୀରରେ ପ୍ରଥମ ଛାୟାଯୁଦ୍ଧ ପର୍ଯ୍ୟନ୍ତ ବିଜୁବାବୁଙ୍କ ସଙ୍କଟମୋଚକ ଭୂମିକା ସୁବିଦିତ ।

'ଭାରତ ଛାଡ଼' ଆନ୍ଦୋଳନ ବେଳେ ପ୍ରଚ୍ଛନ୍ନରେ ସ୍ୱାଧୀନତା ସଂଗ୍ରାମକୁ ପରିଚାଳିତ କରୁଥିବା ଅରୁଣା ଅସଫ୍ ଅଲ୍ଲୀ, ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମମନୋହର ଲୋହିଆଙ୍କ ଭଳି ନେତାଙ୍କୁ ଗୁପ୍ତ ବୈଠକକୁ ବିଜୁବାବୁ ନିଜେ ବିମାନରେ ନେଉଥିଲେ । ଏଥିପାଇଁ ତାଙ୍କୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଜେଲ୍ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥିଲା । ବିଶିଷ୍ଟ ସମାଜବାଦୀ ନେତା ସୁରେନ୍ଦ୍ର ମୋହନ ଲେଖିଛନ୍ତି, 'ବ୍ରିଟିଶ ସାମ୍ରାଜ୍ୟ ସହିତ କାର୍ଯ୍ୟରତ ପେସାଦାରମାନେ ଉଚ୍ଚ ଚାକିରିରେ ଥିବାରୁ ଏବଂ ଆର୍ଥିକ ଓ ଅନ୍ୟ ବହୁ ସୁବିଧା ସୁଯୋଗ ଉପଭୋଗ କରୁଥିବାରୁ ସେ ସବୁ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ପ୍ରସ୍ତୁତ ନଥିଲେ । ତେବେ ଦୁର୍ଦ୍ଧର୍ଷ ପାଇଲଟ୍ ବିଜୁ ପଟ୍ଟନାୟକ ଥିଲେ ବ୍ୟତିକ୍ରମ ।'

ସ୍ୱାଧୀନତା ପରେ ୧୯୪୮ କାଶ୍ମୀର ଯୁଦ୍ଧରେ ଭାରତୀୟ ବାୟୁସେନାର ପାଇଲଟ୍ ଭାବେ ତାଙ୍କର ବହୁମୁଖୀ ଡିସି ୩ ଡାକୋଟା ସହାୟତାରେ କାଶ୍ମୀରରେ ସେନା ଓ ଯୁଦ୍ଧ ସରଞ୍ଜାମ ପହଞ୍ଚାଇବା ଏବଂ ସମ୍ବେଦନଶୀଳ ଅଞ୍ଚଳରୁ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ବିଜୁବାବୁଙ୍କ ସେହି ସାହସିକତା ଯୋଗୁଁ ଶତ୍ରୁପକ୍ଷ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲା । ୧୯୬୨ରେ ଭାରତ-ଚୀନ ଯୁଦ୍ଧ ବେଳେ ହିମାଳୟ ପାର୍ବତ୍ୟାଞ୍ଚଳରେ ଭାରତୀୟ ସେନାଙ୍କୁ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଦୁର୍ଦ୍ଧର୍ଷ ପାଇଲଟ୍ ବିଜୁ ପଟ୍ଟନାୟକ କେବଳ ତାଙ୍କ ଦକ୍ଷତାର ପ୍ରମାଣ ଦେଇ ନ ଥିଲେ ଏହା ଥିଲା ତାଙ୍କ ଦେଶପ୍ରେମର ଜ୍ୱଳନ୍ତ ନିଦର୍ଶନ ।

ବିଦେଶ ମାଟିରେ ବିଜୁବାବୁଙ୍କ ବୀରତ୍ୱର ପରାକାଷ୍ଠା ଅନନ୍ୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀମାନଙ୍କ କବଳରେ ଥିବା ବହୁ ବ୍ରିଟିଶ ଅଧିକାରୀଙ୍କୁ ବିଜୁବାବୁ ଉଦ୍ଧାର କରିବା ହେଉ କିମ୍ବା ଇଣ୍ଡୋନେସିଆର ନେତା ସାହାଲିୟର ଓ ହାଟାଙ୍କୁ ଡଚ୍ କବଳିତ ଜାକର୍ତ୍ତାରୁ ଉଦ୍ଧାର କରିବା ହେଉ ବିଜୁବାବୁଙ୍କ ବୀରତ୍ୱର ଗାଥା ଯେତିକି ରୋମାଞ୍ଚକର ତତୋଧିକ ପ୍ରେରଣାଦାୟୀ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଅନୁରୋଧକ୍ରମେ, ଗୁପ୍ତ ସ୍ଥାନରେ ଥିବା ଇଣ୍ଡୋନେସିଆର ସ୍ୱତନ୍ତ୍ରତା ସେନାନୀ ନେତାଙ୍କୁ ଉଦ୍ଧାର କରି ଏକ ନିରାପଦ ସ୍ଥାନକୁ ଉଡ଼ାଇ ଆଣିଥିଲେ । ବିଜୁ ପଟ୍ଟନାୟକ ପତ୍ନୀ ଜ୍ଞାନଦେବୀଙ୍କୁ ସାଙ୍ଗରେ ନେଇ ତାଙ୍କ ଡାକୋଟା ବିମାନରେ ଏହି ଦୁଃସାହସିକ ଯାତ୍ରା ବେଳେ ସିଙ୍ଗାପୁରଠାରେ ତାଙ୍କୁ ଖବର ମିଳିଲା ଯେ ସେ ଇଣ୍ଡୋନେସିଆ ଆକାଶ ସୀମାରେ ପ୍ରବେଶ କଲେ ଡଚ୍ ସୈନିକମାନେ ତାଙ୍କ ବିମାନକୁ ଗୁଳିକରି ଖସାଇଦେବେ । ଏଥିରେ ବିଜୁବାବୁ ଡରି ନ ଯାଇ କହିଥିଲେ ଯେ ଯଦି ତାଙ୍କ ବିମାନକୁ ଗୁଳି କରାଯାଏ ତେବେ ଭାରତର ଆକାଶ ପଥ ଦେଇ ଯାଉଥିବା ସମସ୍ତ ଡଚ୍ ବିମାନକୁ ଖସାଇ ଦିଆଯିବ । ଏଥିରେ ଡଚ୍‌ମାନେ ଆଉ ବିଜୁବାବୁଙ୍କ ଡାକୋଟାକୁ ଆକ୍ରମଣ କରିବାକୁ ସାହସ କରି ନଥିଲେ । ଇଣ୍ଡୋନେସିଆରେ ପହଞ୍ଚି ସେ ଉପରାଷ୍ଟ୍ରପତି ହଟ୍ଟା ଓ ପ୍ରଧାନମନ୍ତ୍ରୀ ସାହାରିୟରଙ୍କୁ ଉଦ୍ଧାର କରି ଦିଲ୍ଲୀରେ ପହଞ୍ଚିଥିଲେ । ସେ ସମୟରେ ସମ୍ବାଦପତ୍ର ଶିରୋନାମା ଥିଲା 'ବିଜୁ ପଟ୍ଟନାୟକ ବ୍ରେକ୍‌ସ ଡଚ୍ ବ୍ଲକେଡ୍' । ଇଣ୍ଡୋନେସିଆ ସ୍ୱାଧୀନତା ପାଇଁ ତାଙ୍କର ଅବଦାନ ଯୋଗୁଁ ସେ ଇଣ୍ଡୋନେସିଆର 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ ହୋଇଥିଲେ ।

ପରବର୍ତ୍ତୀ ସମୟରେ ଯୁଗୋସ୍ଲୋଭିଆରେ ଅନୁଷ୍ଠିତ ଏକ ସମ୍ମିଳନୀରେ ନେହେରୁ ସୁକର୍ଣ୍ଣଙ୍କ ଉପରେ ବିରକ୍ତ ହୋଇଥିଲେ । ଏହି ଅପମାନର ପ୍ରତିଶୋଧ ନେବା ପାଇଁ ସୁକର୍ଣ୍ଣ ୧୯୬୨ରେ ଚୀନ୍‌ର ଭାରତ ଆକ୍ରମଣ ବେଳେ ଚୀନ୍‌କୁ ସାମରିକ ସହାୟତା ଦେବାକୁ ନିଷ୍ପତ୍ତି ନେଇଥିଲେ । ନେହେରୁଙ୍କ ପରାମର୍ଶକ୍ରମେ ବିଜୁବାବୁ ସୁକର୍ଣ୍ଣଙ୍କୁ ଭେଟି ତାଙ୍କ ନିଷ୍ପତ୍ତି ବଦଳାଇବାରେ ସଫଳ ହୋଇଥିଲେ । ଏଥିସହିତ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ବନ୍ଦରଗୁଡ଼ିକୁ ନଷ୍ଟ କରିଦେବା ପାଇଁ ଆୟୁବ୍ ଖାଁ ସୁକର୍ଣ୍ଣଙ୍କୁ ସାମରିକ ସହାୟତା ମାଗିଥିଲେ । ସୁକର୍ଣ୍ଣ ଏଥିଲାଗି ତିନୋଟି ବୁଡ଼ାଜାହାଜ ଓ ଗୋଟିଏ ମିରାଜ୍ ଯୁଦ୍ଧ ବିମାନ ପାକିସ୍ତାନକୁ ପଠାଇବାକୁ ରାଜି ହୋଇଥିଲେ । ଏହା ଜାଣିପାରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ସୁକର୍ଣ୍ଣଙ୍କୁ ବୁଝାଇବାକୁ ବିଜୁ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ । ସେତେବେଳକୁ ବୁଡ଼ାଜାହାଜଗୁଡ଼ିକ ପାକିସ୍ତାନ ଅଭିମୁଖେ ଯାତ୍ରା ଆରମ୍ଭ କରିସାରିଥିଲା । ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ସୁକର୍ଣ୍ଣ ତୁରନ୍ତ ବୁଡ଼ାଜାହାଜ ଫେରାଇ ଆଣିବାକୁ ଦେଶର ନୌବାହିନୀକୁ ନିର୍ଦ୍ଦେଶ ଦେଇଥିଲେ । ଭାରତ ପ୍ରତି ଦେଖା ଦେଇଥିବା ବିପଦ ଟଳି ଯାଇଥିଲା ।

ଜୀବନକୁ ବାଜି ଲଗାଇ ଯୁଦ୍ଧ ଭୂମିରେ ସେନାଙ୍କୁ ସହାୟତା କରିବାରେ ବିଜୁବାବୁ ଅନେକ କୀର୍ତ୍ତି ସ୍ଥାପନା କରିଯାଇଛନ୍ତି । ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ଷ୍ଟାଲିନଗ୍ରାଡ୍‌ର ନିର୍ଣ୍ଣାୟକ ଯୁଦ୍ଧରେ ତାଙ୍କର ବୀରତ୍ୱ ଓ ସାହସର ପରାକାଷ୍ଠା, ଯେଉଁଥିପାଇଁ ତାଙ୍କ ପାର୍ଥିବ ଶରୀର ଉପରେ ରୁଷ୍ ଜାତୀୟ ପତାକା ଶୋଭା ପାଇଥିଲା ଏବଂ ୧୯୯୫ ମସିହାରେ ତାଙ୍କୁ ରୁଷ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଥିଲା । ପୁଣି ଥରେ ତାଙ୍କୁ ତାଙ୍କ ଅବର୍ତ୍ତମାନରେ ୨୦୨୫ ମେ' ୭ତାରିଖରେ ସମ୍ମାନିତ କରାଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷ ଦଖଲ ପାଇଁ ହିଟ୍‌ଲରଙ୍କ ସେନା ଆରମ୍ଭ କରିଥିଲା 'ଅପରେସନ୍ ବାରବାରୋସା' । ନିର୍ଣ୍ଣାୟକ ଯୁଦ୍ଧ ଆରମ୍ଭ ହୋଇଥିଲା ଷ୍ଟାଲିନ୍‌ଗ୍ରାଡ୍‌ଠାରେ । ଏହି ଅଞ୍ଚଳ ଥିଲା ରୁଷ୍‌ର ଶିଳ୍ପ ଓ ସାମରିକ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦର ମୁଖ୍ୟ ଉତ୍ପାଦନକେନ୍ଦ୍ର । ୧୯୪୨ ଅଗଷ୍ଟ ୨୩ ତାରିଖରେ ନାଜି ସେନା ଷ୍ଟାଲିନ୍‌ଗ୍ରାଡ୍‌ରେ ଅତର୍କିତ ଆକ୍ରମଣ କଲା । ସହରର ୯୦ ଭାଗ ଅଞ୍ଚଳ ନାଜି ସେନା ଦଖଲ କରିସାରିଥିଲା । ଆଉ ମାତ୍ର ୧୦ ପ୍ରତିଶତ ଦଖଲ କରିଥିଲେ ରୁଷ୍‌ର ପରାଜୟ ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଫଳାଫଳ ଭିନ୍ନ ହୋଇଥା'ନ୍ତା । ସେହିବର୍ଷ ନଭେମ୍ବର ମାସ ବେଳକୁ ରୁଷ୍ ତା'ର ସମସ୍ତ ସୈନ୍ୟ ଓ ସାମରିକ ବଳ ଲଗାଇ ଆରମ୍ଭ କଲା 'ଅପରେସନ୍ ୟୁରାନସ୍' । ସେତେବେଳକୁ ଶୀତଋତୁ ଆରମ୍ଭ ହୋଇସାରିଥିଲା । ସେନା ଶିବିରକୁ ଖାଦ୍ୟ ଓ ଗୁଳିଗୋଳା ଯୋଗାଣ ଏକପ୍ରକାର ବନ୍ଦ ହୋଇଗଲା । କିନ୍ତୁ ତତ୍କାଳୀନ ରୟାଲ୍ ଇଣ୍ଡିଆନ୍ ବାୟୁସେନାର ପାଇଲଟ୍ ବିଜୁ ପଟ୍ଟନାୟକ ଅପୂର୍ବ ସାହସ ଓ ବୀରତ୍ୱ ପ୍ରଦର୍ଶନ କରି ଡଗଲାସ୍ ସି ୪୭ ସ୍କାଏଟ୍ରେନ୍(ଡାକୋଟା) ଯୋଗେ ଠିକଣା ସମୟରେ ନାଜି ସୈନ୍ୟ ଘେରା ଷ୍ଟାଲିନ୍‌ଗ୍ରାଡ୍‌ରେ ରୁଷ୍ ସେନାକୁ ଆବଶ୍ୟକ ଖାଦ୍ୟ ଓ ସାମରିକ ସହାୟତା ଯୋଗାଇ ଦେବା ଫଳରେ ନିର୍ଣ୍ଣାୟକ ଯୁଦ୍ଧର ମୋଡ଼ ବଦଳିଗଲା । ନାଜି ସେନାର ୧ ଲକ୍ଷ ସୈନ୍ୟ ରୁଷ ଦ୍ୱାରା ବନ୍ଦୀ ହେଲେ ଏବଂ ଏଥିସହିତ ହିଟ୍‌ଲରଙ୍କ ସାମରିକ ଶକ୍ତିର ପତନର ଧାରା ଆରମ୍ଭ ହେଲା । ରୁଷ ସେନା ୧୯୪୫ ମସିହା ମେ' ୯ ତାରିଖରେ ବର୍ଲିନ୍ ଦଖଲ କଲା । ସେହିଦିନକୁ 'ବିଜୟ ଦିବସ' ରୂପେ ରୁଷ ପାଳନ କରିଆସୁଛି ଏବଂ ଯାହାଙ୍କ ବିନା ଏହା ସମ୍ଭବ ହୋଇପାରିନଥା'ନ୍ତା ସେହି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରିବାକୁ ପିଢ଼ି ପରେ ପିଢ଼ି ଭୁଲି ନାହିଁ ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ । ଅନନ୍ୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ବିଜୁଙ୍କ ଅନ୍ତିମ ସଂସ୍କାର ସମୟରେ ତାଙ୍କ ମରଶରୀରରେ ଭାରତୀୟ ଜାତୀୟ ପତାକା ସହ ରୁଷିଆ ଫେଡେରେସନ୍ ଏବଂ ଇଣ୍ଡୋନେସିଆର ପତାକା ରଖାଯାଇଥିଲା । ସେହି ବିଶ୍ୱବନ୍ଦ୍ୟ ବିଜୁ ପଟ୍ଟନାୟକଙ୍କୁ ଅନ୍ତରର ସହ ସସମ୍ମାନ ପ୍ରଣାମ ।

(ପୂର୍ବତନ ମନ୍ତ୍ରୀ, ଓଡ଼ିଶା ସରକାର)

# ଅସହିଷ୍ଣୁତା ସଂପର୍କହାନିର କାରଣ

ଅର୍ଜୁନ ଘଡ଼େଇ

ଅନ୍ୟର ସୁଖ, ଶିରୀ, ସଂପଦ, ସୌଭାଗ୍ୟ ଆଦିକୁ ସହ୍ୟ ନ କରିପାରିବାର ମାନସିକତା ଆମ ମନରେ ଅନ୍ୟପ୍ରତି ଅସହଶୀଳତା, ଅସହିଷ୍ଣୁତା, ପରଶ୍ରୀକାତରତା ଭାବ ଜାଗ୍ରତ କରେ । ଆଜିର ସମାଜରେ ଏପରି ଭାବନା ଅନେକଙ୍କ ମନରେ ସୃଷ୍ଟି ହେବା ଆମେ ଦେଖୁଛେ । ଏହାର କୁପରିଣତି ସ୍ୱରୂପ, ଯାହା ପ୍ରତି ଏପରି ଭାବନା ସୃଷ୍ଟିହୁଏ ତା'ର ଯେତିକି କ୍ଷତି ନହୁଏ, ନିଜର ଅଧିକ କ୍ଷତିସାଧନ କରିଥାଏ । ଆଉ ଏପରି ଭାବନାରୁ ପରସ୍ପର ମଧ୍ୟରେ ଅସଂପର୍କ ସୃଷ୍ଟି ହୁଏ । ସଂପର୍କର ଦୀର୍ଘସ୍ଥାୟୀ ଭାବନା ମନରୁ ଅପସରି ଯାଇ କ୍ରମଶଃ ବ୍ୟବଧାନ ଟାଳେ । କାହା ସହିତ ସଂପର୍କ ବିନା ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଭାବରେ ନିଃସଂଗ ଜୀବନ ନିର୍ବାହ କରିପାରେ ନାହିଁ । କିନ୍ତୁ ଏହି ଅସହିଷ୍ଣୁ ଭାବ କାରଣରୁ ନିଜକୁ ବେଳେବେଳେ ଏକୁଟିଆ ହେବା ପରି ଅନୁଭବ କରେ । ଅସଂପର୍କ ସୃଷ୍ଟି କାରଣରୁ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ । ଏପରି ଭାବନା ପରିବାର ଠାରୁ ଆରମ୍ଭ କରି ବୈଶ୍ୱିକ ସ୍ତରରେ ଘଟିଚାଲୁଛି, ଯାହା ଆମେ ଅଂଗେ ନିଭାଉଛେ ।

ମନ ଭିତରେ ଅନେକ କୁପ୍ରକୃତି ବସାବାନ୍ଧି ରହିଛନ୍ତି । ଶରୀରକୁ ବିଷାକ୍ତ କରିବାରେ, ଅସୁସ୍ଥ ମାନସିକତା ସୃଷ୍ଟି କରିବାରେ ଏମାନେ ବ୍ୟସ୍ତଥା'ନ୍ତି । ମନରେ ଅହଂକାର ଭାବ ସୃଷ୍ଟି ହେବା ହିଁ ଅସହିଷ୍ଣୁତାର କାରଣ । ଏପରି ଭାବନା ଯେତେବେଳେ ମନରେ ସୃଷ୍ଟି ହୁଏ ସେତେବେଳେ ଆମେ ନିଜର ସୁଖ, ସଂପଦ ପ୍ରତି ବେଶୀ ଆସକ୍ତ ହୋଇଥାଉ । ଅନ୍ୟର ସୁଖ, ଶାନ୍ତିକୁ ସହ୍ୟ କରିବା ଆମ ପକ୍ଷରେ କଷ୍ଟ ହୁଏ । 'ସର୍ବେ ଭବନ୍ତୁ ସୁଖୀନଃ' - ଏହା ବୁଝିବାରେ ଆମେ ଅସମର୍ଥ ହୋଇପଡୁ । ଫଳରେ ସମାଜ ବା ଦେଶର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ ଓ ହେଉଛି ମଧ୍ୟ । ସମାଜର ସମସ୍ତଙ୍କ ପ୍ରତି ସମଭାବ ପ୍ରଦର୍ଶନ କରିବା, ଆମ ସଂସ୍କାରାଭିମୁଖୀ ଚରିତ୍ରର ବଳିଷ୍ଠ ପରିପ୍ରକାଶ, ଏହା ଆମେ ବୁଝିବାରେ ଅକ୍ଷମ ଏବଂ ଏହା ଏକ ସାମାଜିକ ବିଡ଼ମ୍ବନା ଭାବେ ଗ୍ରହଣୀୟ ।

ପଡ଼ୋଶୀଟିର କୋଠାବାଡ଼ି, ମୋଟରଯାନ, ବ୍ୟାଙ୍କ୍ ବାଲାନ୍ସ ଦେଖି ଛୋଟିଆ ବଖରାଏ ଦି'ବଖରା କୋଠାଘରେ ରହିବାକୁ ଆମେ ସହିପାରୁନା । ଛୋଟ ବ୍ୟବସାୟୀଟିଏ ପାଖରେ ଥିବା ବଡ଼ ବ୍ୟବସାୟୀଟିକୁ ଭଲରେ ଦେଖିପାରେନି । ସାମାଜିକ, ପ୍ରତିଷ୍ଠା, ପ୍ରତିପତ୍ତି ଥିବା ଲୋକଟିକୁ ଆମେ ସହୃଦୟତାର ସହ ଗ୍ରହଣ କରିବାରେ ବିମୁଖ ହେଉ । ନିଜ ଦେଶର ନାଗରିକଙ୍କ ଜୀବନ ବଞ୍ଚିବାକୁ ସଂଗ୍ରାମ କରୁଥିବା ଛୋଟ ଦେଶଟିଏ, ଏକ ପ୍ରଗତିଶୀଳ, ବିକାଶ ଉନ୍ମୁଖୀ ବା ବିକଶିତ ଦେଶଟିର ପ୍ରଗତିଶୀଳ ଭାବନାକୁ ସହିବା କଷ୍ଟ ବୋଧ କରେ । ଏପରି ଅସହିଷ୍ଣୁତା ଭାବ ଯୋଗୁଁ କେହି କାହାର ସୁଖ, ଶିରୀ ଦେଖିବାକୁ ଚାହାନ୍ତି ନାହିଁ । ଯେଉଁଥିପାଇଁ ବିଶ୍ୱରେ ସବୁବେଳେ ଅସ୍ଥିରତା, ଅଶାନ୍ତି, ଯୁଦ୍ଧ ପରି ଭୟାୟତା ସୃଷ୍ଟିର କାରଣ ହେଉଛି । ଦେଶଦେଶ ଭିତରେ ବନ୍ଧୁତ୍ୱ, ସଂପର୍କ ସ୍ଥାପନ ପାଇଁ କେତେକ ଦେଶ ଚେଷ୍ଟା ଜାରି ରଖିଥିବା ବେଳେ କେତେକ ରାଷ୍ଟ୍ରଙ୍କ ଅହଂକାର, ସ୍ୱେଚ୍ଛାଚାରୀ ପ୍ରବୃତ୍ତି ବିଶ୍ୱରେ କେବଳ ଅସ୍ଥିରତା ସୃଷ୍ଟି କରୁଛି ଏବଂ ମାନବ ସଭ୍ୟତା ଧ୍ୱଂସାଭିମୁଖୀ ହେଉଛି ।

ଶୈଶବରେ ଶିଶୁଟି ମନରେ ଧନୀ, ଗରିବ, ଉଚ୍ଚ ନୀଚ ଓ ଭେଦଭାବ ନଥାଏ । ସାଙ୍ଗ, ସାଥୀ ମେଳରେ, ଖେଳ, କୁଦ ଚାଲିଥିବା ବେଳେ ଆମେ ଅଭିଭାବକମାନେ ଗାଳିଦେଇ କହୁ, 'ଆରେ ତତେ ଲାଜ ଲାଗୁନି, ତା' ସହିତ ଖେଳୁଛୁ? ସିଏ ଶ୍ରେଣୀରେ ପ୍ରଥମ ହେଉଛି, ଆଉ ତୁ ଶେଷରେ ରହୁଛୁ' - ଏମିତି ବାରମ୍ବାର କହିବା ଫଳରେ ପିଲାଟି ମନରେ ସାଥୀଟି ପ୍ରତି ଅସହିଷ୍ଣୁ ଭାବ ସୃଷ୍ଟିହୁଏ । ସଂପର୍କ ଦୂରେଇ ଯାଏ । ଏହାର କୁପ୍ରଭାବ ଭବିଷ୍ୟତ ଜୀବନରେ ସଂପର୍କ ସୃଷ୍ଟି କରିବା ଠାରୁ ଦୂରେଇ ଦିଏ । ବିଭିନ୍ନ ପ୍ରତିଯୋଗିତା, ଯୋଗ୍ୟତା ଭିତ୍ତିକ ପରୀକ୍ଷା ଆଦିରେ ଅସଫଳ ହେଉଥିବା ପିଲାଟିକୁ ସଫଳତା ପାଉଥିବା ସାଥୀଟିର ଉଦାହରଣ ଦେଲେ ତା' ମନରେ ପ୍ରତିଦ୍ୱନ୍ଦ୍ୱିତା ଭାବ ସୃଷ୍ଟି ହେବା ପରିବର୍ତ୍ତେ ପ୍ରତିହିଂସା ଭାବ ସୃଷ୍ଟିହେବା ସ୍ୱାଭାବିକ । ତେଣୁ ଆମେ ଅଭିଭାବକ ବା ଗୁରୁଜନମାନେ ପିଲାମାନଙ୍କ ମନରେ ଏପରିକୁ ସଂକୀର୍ଣ୍ଣ ଚିନ୍ତାଧାରାର ଅନୁପ୍ରବେଶକୁ ପ୍ରତିହତ କରିବାର ପ୍ରୟାସ କରିବା ଆବଶ୍ୟକ ।

ଭଲ ବନ୍ଧୁଟିଏ ସହ ନିବିଡ଼ ସଂପର୍କ ସ୍ଥାପନ କରିବାକୁ ହେଲେ ମନରୁ ଅସହିଷ୍ଣୁ ଭାବ ଦୂର କରିବା ଅପରିହାର୍ଯ୍ୟ ବରଂ ସାଥୀଟିର ପ୍ରଗତିରେ ଖୁସି ପ୍ରକଟ କଲେ ତା'ର ବିଶ୍ୱାସଯୋଗ୍ୟ ହେବା ସହ ଆବଶ୍ୟକତା ସମୟରେ ସହଯୋଗ ମିଳିବା ସମ୍ଭବ ହେବ । ତେଣୁ ଅନ୍ୟର ପ୍ରଗତି ବା ସମୃଦ୍ଧିକୁ ବିବେକାନୁମୋଦିତ ଭାବେ ସହିନେବାର ମାନସିକତା ସୃଷ୍ଟି କରିବା ସର୍ବାଦୌ ଗ୍ରହଣୀୟ । ଅନ୍ୟର ସୁଖ, ସୌଭାଗ୍ୟକୁ ସରଳ ମନରେ ଗ୍ରହଣ କରିନେଇ ଆନନ୍ଦ, ଖୁସି ଅନୁଭବ କଲେ ନିଜ ଶରୀର ବା ମନ ଉପରେ ଏହାର କୁପ୍ରଭାବ ପଡ଼ିବ ନାହିଁ, ବରଂ ନିଜ ଭିତରେ ଆଗକୁ ଶକ୍ତି ସଞ୍ଚୟ କରି ବଢ଼ିବାର ସମ୍ଭାବନା ସୃଷ୍ଟି ହେବ । ସମାଜ ବା ରାଷ୍ଟ୍ରର ନାଗରିକମାନଙ୍କ ମନରୁ ଅସହିଷ୍ଣୁ ଭାବ ଦୂରେଇ ଗଲେ ପରସ୍ପର ପ୍ରତି ସହଯୋଗୀ ମନଭାବ ସୃଷ୍ଟି ହୋଇ ସାମଗ୍ରିକ ବିକାଶରେ ସହାୟତା କରିବ । ଏକ ବୃହତ୍ ବୃକ୍ଷ ତଳେ ଅନେକ କ୍ଷୁଦ୍ର ବୃକ୍ଷ ଆଶ୍ରିତ ହୋଇ ବଞ୍ଚି ରହି ଜୀବନ ରକ୍ଷା କରୁଥିବା ବେଳେ ବଡ଼ଗଛଟି ପ୍ରତି ଅସହିଷ୍ଣୁ ଭାବ ପୋଷଣ ନକରି ସହାୟତାରୁ ବଞ୍ଚିଥିବାରୁ କୃତଜ୍ଞତା ଜଣାଇଥା'ନ୍ତି । ତେଣୁ ଅନ୍ୟର ସୁଖ, ସଂପଦ, ପ୍ରଗତି, ସମୃଦ୍ଧି ଦେଖି ଦୁଃଖୀ ନହୋଇ ଅସହିଷ୍ଣୁ ବା ଅସହନଶୀଳ ହେବା ଅନୁଚିତ । ଧନୀ ପଡ଼ୋଶୀଟିଏ, ସୁଖୀ ବନ୍ଧୁଟିଏ, ସମୃଦ୍ଧଶାଳୀ ଦେଶଟିଏ, ଆବଶ୍ୟକତା ସମୟରେ ସହାୟତାର ହାତ ବଢ଼ାଇବାର ସମ୍ଭାବନା ଥାଏ । ସେମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ରହିଲେ ଅସଂପର୍କ ସୃଷ୍ଟି ହେବା ସହ ସହାୟତାର ହାତ ସଙ୍କୁଚିତ ହୋଇଯିବ - ଏହା ନିଃସନ୍ଦେହ । ବିଶେଷକରି ଛୋଟ ପିଲାଙ୍କ ମନରେ ଏହି ଭାବନା ସୃଷ୍ଟି ନ କରିବାକୁ ଆମେ ଗୁରୁଜନ, ବୟସ୍କମାନେ ସଚେତନ ହେବାର ଆବଶ୍ୟକତା ରହିଛି ।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ଶ୍ୱାନ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଦୃଢ଼ ଭଗବତ୍ ବିଶ୍ୱାସ ଓ ଆଧ୍ୟାତ୍ମିବାଦୀ ଦେଶ ଭାବେ ବିଶ୍ୱବିଦିତ ଭାରତରେ ପ୍ରତ୍ୟେକ ଜୀବଜନ୍ତୁ ଓ ବୃକ୍ଷଲତା ପୂଜନୀୟ । ଏହି ଅଦ୍ଭୁତ ଓ ନିଆରା ବିଶ୍ୱାସର ଧାରାରେ ଶ୍ୱାନ ବା କୁକୁରମାନଙ୍କୁ ମଧ୍ୟ ପୂଜା କରାଯାଉଛି । ଋକ୍‌ବେଦ ଓ ଅନ୍ୟ ପୌରାଣିକ ଗ୍ରନ୍ଥରେ 'ସରମା' ନାମକ ଏକ ମାଈଶ୍ୱାନର ବର୍ଣ୍ଣନା ରହିଛି, ଯିଏକି ଦେବରାଜ ଇନ୍ଦ୍ରଙ୍କ ସାହାଯ୍ୟାର୍ଥେ ବିଦ୍ୟମାନ ଏବଂ ସବୁ ଶ୍ୱାନଙ୍କ ମାତା ଭାବେ ବର୍ଣ୍ଣିତ । ତେଣୁ ଋକ୍‌ବେଦରେ ଶ୍ୱାନମାନଙ୍କୁ ସାରମେୟ, ଅର୍ଥାତ୍ ସରମାଙ୍କର ସନ୍ତାନ ଭାବେ ପ୍ରତିପାଦିତ କରାଯାଇଛି । ଏହି ଦେବଶ୍ୱାନ ସରମା 'ପାଣି' ନାମକ ଅସୁର ନିକଟରୁ ଦିବ୍ୟ ଗୋମାତାମାନଙ୍କୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଋକ୍‌ବେଦର ଅନେକ ଶ୍ଳୋକରେ 'ସରମା-ପାଣି' ସମ୍ବାଦର ଉଲ୍ଲେଖ କରାଯାଇଛି । ମହାକାବ୍ୟ ମହାଭାରତ ଓ ରାମାୟଣରେ ମଧ୍ୟ ସରମା ସମ୍ପର୍କିତ ସଂକ୍ଷିପ୍ତ ତଥ୍ୟ ଅଛି । ଶ୍ରୀମନ୍ଦିରର ବେଢ଼ାରେ କୁତ୍ତାମ ଚଣ୍ଡି ଆରାଧିତା ହେଉଛନ୍ତି, ଯାହା ପଛରେ ପୌରାଣିକ ଲୋକକଥା ରହିଛି ।

ବିଭିନ୍ନ ପୌରାଣିକ ଆଖ୍ୟାନରେ ଶ୍ୱାନମାନଙ୍କୁ କାଳଭୈରବଙ୍କ ବାହନ ଭାବେ ବର୍ଣ୍ଣନା କରାଯାଇଛି । ତେଣୁ ଭାରତରେ ଅନେକ ସ୍ଥାନରେ ଶ୍ୱାନ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଶ୍ୱାନଙ୍କ ପ୍ରତିମା ନିକଟରେ ଶ୍ରଦ୍ଧାଳୁମାନେ ବିଧିବଦ୍ଧ ଭାବେ ପୂଜା କରୁଛନ୍ତି । ଶ୍ୱାନଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଶ୍ୱାନ ମନ୍ଦିର ନିର୍ମାଣ ହେବା ପଛରେ ବିଭିନ୍ନ ଜନଶ୍ରୁତି ଓ ଲୋକକଥା ମଧ୍ୟ ଅଛି ।

ଶ୍ୱାନ ମନ୍ଦିର ଶ୍ରେଣୀରେ ସବୁଠାରୁ ଶ୍ରେଷ୍ଠ ହେଉଛି ଉତ୍ତରପ୍ରଦେଶର ବାରାଣସୀସ୍ଥିତ କାଳଭୈରବଙ୍କ ମନ୍ଦିର । ଶିବଙ୍କର ପ୍ରିୟନଗରୀ କାଶୀର କୌତୱାଲ୍ ଭାବେ ବିଦିତ ବାବା କାଳଭୈରବ ସ୍ୱୟଂ କଳାରଙ୍ଗର କୁକୁର ଉପରେ ବିରାଜମାନ କରିଛନ୍ତି । ଶ୍ୱାନମାନେ ପ୍ରଭୁଭୃତ୍ୟ, ରକ୍ଷକ ଓ ନକାରାତ୍ମକ ଶକ୍ତିର ପ୍ରତିହତକାରୀ ହୋଇଥିବାରୁ ବାବା କାଳଭୈରବଙ୍କ ବାହନ ଭାବେ ପୂଜା ପାଉଛନ୍ତି । ତେଣୁ ଏହି ମନ୍ଦିରରେ ଶ୍ୱାନଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ଶ୍ରଦ୍ଧାଳୁମାନେ ପ୍ରସାଦ ଦେଇଥା'ନ୍ତି । କେବଳ ମନ୍ଦିର ଭିତରେ ନୁହେଁ, ବରଂ କାଶୀରେ ଥିବା ବୁଲା କୁକୁରଙ୍କ ପ୍ରତି ମଧ୍ୟ ଲୋକମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ଖାଦ୍ୟ ବିତରଣ ଓ ସେବାଯତ୍ନ କରିଥା'ନ୍ତି । କାଳଭୈରବଙ୍କ ମନ୍ଦିର ପରିସର ଭିତରେ ଥିବା ଗୋଟିଏ କୁକୁରର ସମାଧି ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯାଏ । ଏଠାରେ ପୂଜା କରିବା ଦ୍ୱାରା ବାବା କାଳଭୈରବ ପ୍ରସନ୍ନ ହୋଇଥା'ନ୍ତି ଏବଂ ଭକ୍ତର ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି । କୁକୁରର ସମାଧି ସମ୍ପର୍କରେ ଏକ ଜନଶ୍ରୁତି ମଧ୍ୟ ପ୍ରଚଳିତ ।

ଏକଦା କାଶୀକୁ ଜଣେ ଯାଯାବର ତାଙ୍କର କୁକୁର ସହିତ ଆସିଥିଲେ । ଅକାଳ ଯୋଗୁଁ ଖାଦ୍ୟାଭାବ ହେବାରୁ ଯାଯାବର ଜଣକ କୁକୁରଟିକୁ ଜଣେ ଧନୀ ବ୍ୟକ୍ତିଙ୍କୁ ବିକ୍ରି କରି ଅନ୍ୟତ୍ର ଚାଲିଯାଇଥିଲେ । କୁକୁରଟି ଧନୀବ୍ୟକ୍ତିଙ୍କ ବିଶ୍ୱସ୍ତ ଭୃତ୍ୟ ଭାବେ ରହିଲା । ଦିନେ ଧନୀବ୍ୟକ୍ତିଙ୍କ ଘରୁ ଚୋରି ହୋଇଗଲା । କୁକୁରଟି ଚୋରକୁ ଚିହ୍ନିବା ଏବଂ ଚୋରିଧନ ଉଦ୍ଧାର କରିବାରେ ସଫଳ ହେଲା । କୁକୁରର ଏହି ଆନୁଗତ୍ୟ ଦେଖି ଧନୀବ୍ୟକ୍ତି ଜଣକ ବହୁତ ଆନନ୍ଦିତ ହେଲେ ଏବଂ କୁକୁରଟିକୁ ବନ୍ଦୀ ଜୀବନରୁ ମୁକ୍ତ କରିଦେବାକୁ ସ୍ଥିର କରି ତା'ବେକର ଶିକୁଳିକୁ ଖୋଲିଦେଲେ । କୁକୁରଟି କେବେ କାହାର କ୍ଷତି ନକରି ଏଣେତେଣେ ବୁଲିବାକୁ ଲାଗିଲା । କିଛିଦିନ ପରେ ଉକ୍ତ ଯାଯାବର କାଶୀକୁ ଫେରି ଆସି ଦେଖିଲେ ଯେ, ତାଙ୍କ କୁକୁରର ବେକରେ ଆଉ ଶିକୁଳି ନାହିଁ ଏବଂ ସେ ଏଣେତେଣେ ବୁଲୁଛି । ଯାଯାବର ଭାବିଲେ ଯେ, ସେ କୁକୁରଟି ଧନୀବ୍ୟକ୍ତିଙ୍କ ଅନିଷ୍ଟ କରି ତାଙ୍କର ଆନୁଗତ୍ୟ ସ୍ୱୀକାର ନକରି ଛାଡ଼ି ଚାଲିଆସିଛି । ଏହା ଭାବି ସେ କ୍ରୋଧରେ କୁକୁରଟିକୁ ହତ୍ୟା କରିଦେଲେ । କିନ୍ତୁ ପରେ ସେ ସତ ଜାଣି ଅନୁତାପ କଲେ ଏବଂ ବାବା କାଳଭୈରବଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହିତ ତାଙ୍କର ପ୍ରାୟଶ୍ଚିତ ସ୍ୱରୂପ ଉକ୍ତ କୁକୁରର ଗୋଟିଏ ସମାଧି ନିର୍ମାଣ କଲେ । ପ୍ରତିଦିନ ଯାଯାବର ସମାଧିରେ ପୂଜାର୍ଚ୍ଚନା କରିବା ସହିତ ଖାଦ୍ୟ ଅର୍ପଣ କରୁଥିଲେ । ସେହି ପରମ୍ପରାକୁ ତାଙ୍କ ପରେ ଲୋକମାନେ ଗ୍ରହଣ କରିନେଲେ । ଅନ୍ୟ କେତେକ ଜନଶ୍ରୁତି ଓ ଲୋକମତ ଅନୁସାରେ ଛତିଶଗଡ଼ର ବାଲୋଦ ଜିଲ୍ଲାସ୍ଥିତ ଖପରି ଗାଁରେ ଥିବା 'କୁକୁରଦେବ ମନ୍ଦିର'ରେ ଯେଉଁ କୁକୁରର ପ୍ରତିମା ସ୍ଥାପନ କରାଯାଇଛି, ତାହା ପଛରେ କାହାଣୀ ଉପରୋକ୍ତ କାହାଣୀ ସହିତ ସମାନ ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଆରମ୍ଭ ହେଲା ଯୁକ୍ତ ୨ ଖାତା ଦେଖା

ଭୁବନେଶ୍ୱର, ୨।୪(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶେଷ ହେବା ପରେ ଆଜିଠାରୁ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଛି। ମୋଟ୍ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ଉଭୟ ପର୍ଯ୍ୟାୟରେ ଅନ୍‌ଲାଇନ୍ ଖାତାଦେଖା ପାଇଁ ୭୫ଟି ଏବଂ ଅଫ୍‌ଲାଇନ୍ ଖାତାଦେଖା ପାଇଁ ୭୬ଟି ଲେଖାଏଁ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଖାତା ଦେଖା ହେବ। ଅନ୍‌ଲାଇନ୍ ମୂଲ୍ୟାୟନ ପାଇଁ ୭୫ଟି କେନ୍ଦ୍ରରେ ୩୫୭୪ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ସେହିପରି, ୭୬ଟି କେନ୍ଦ୍ରରେ ଅଫ୍‌ଲାଇନ୍‌ରେ ଖାତାଦେଖା ପାଇଁ ୪୬୮୪ଜଣ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ଖାତାଦେଖା ସରିବା ପରେ ଏପ୍ରିଲ ୧୫ରୁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଆରମ୍ଭ ହେବ। ଏପ୍ରିଲ୍ ୨୬ ତାରିଖ ସୁଦ୍ଧା ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ମୂଲ୍ୟାୟନ ପ୍ରକ୍ରିୟା ସରିବ। ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ପ୍ରକ୍ରିୟା ସାରିବାକୁ ପରିଷଦ ପକ୍ଷରୁ ଗୁରୁତ୍ୱାରୋପ କରାଯାଉଛି। ମାସେ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟାବୁଲେସନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ମେ' ଦ୍ୱିତୀୟ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କେନ୍ଦ୍ରରେ ପାନୀୟ ଜଳଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯାଇଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

# ସରିଲା ମାଟ୍ରିକ୍ ପରୀକ୍ଷାଖାତା ମୂଲ୍ୟାୟନ

କଟକ, ୨।୪(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ମାର୍ଚ୍ଚ ୧୯ ତାରିଖଠାରୁ ରାଜ୍ୟର ୫୧ଟି କେନ୍ଦ୍ରରେ ଚାଲିଥିବା ମାଟ୍ରିକ୍ ପରୀକ୍ଷା ଖାତାଦେଖା ଆଜି ଶେଷ ହୋଇଛି। ଏହି ମୂଲ୍ୟାୟନ ପ୍ରକ୍ରିୟାକୁ ଆସନ୍ତା ଏପ୍ରିଲ୍ ୨ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିଲା। ମାଟ୍ରିକ୍ ସହିତ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସଓଏସସି) ଏବଂ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ଟି ଜିଲ୍ଲାରେ ସମୁଦାୟ ୫୧ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିଲା। ଏଥିପାଇଁ ପ୍ରାୟ୧୫ ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା।

# ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ପରଲୋକ

ଭୁବନେଶ୍ୱର, ୨।୪(ସମିସ): ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ନିଜର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। କିଛି ଦିନ ଧରି ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍‌ରେ ୧୯୫୫ ମସିହାରେ ଜନ୍ମିତ ସଦାନନ୍ଦ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୦୩ ମସିହାରେ 'ସତୀ' ନାମକ ଗଳ୍ପ ପୁସ୍ତକ ପାଇଁ



ପୁରସ୍କୃତ ହୋଇଥିଲେ। 'ଅନ୍ୟ ଜଣେ ସଦାନନ୍ଦଙ୍କ ମୃତ୍ୟୁପରେ' ହେଉଛି ତାଙ୍କର ଏକ ଲୋକପ୍ରିୟ ଗଳ୍ପ ସଂକଳନ। ସେହିପରି ତାଙ୍କର ଚର୍ଚ୍ଚିତ ଗଳ୍ପ ଭିତରେ 'ରଙ୍ଗନାଥ ଘଡ଼େଇ', 'ଝଡ଼ି ପୋକର ପର', 'ଅନ୍ଧାରରେ ଦିନେ' ଏବଂ ତାଙ୍କର ଶେଷ ବହି 'ଦେଶାଚାର' ଥିଲା। ସେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରେ ୩୪ବର୍ଷ କାଳ ଚାକିରି କରିବା ପରେ ଅବସର ଗ୍ରହଣ କରିଥିଲେ। ତାଙ୍କର ପରଲୋକରେ ଓଡ଼ିଆ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ଦୁଇଭାଇଁ ସୁଧାଂଶୁ ଓ ପ୍ରିୟବ୍ରତ ମୁଖାଗ୍ନି ଦେଇଥିଲେ।

# ୨୦୬ କୋଟି ଦୁର୍ନୀତି ମାମଲା ଡେରା ପକାଇଲା ଇଓଡବ୍ଲ୍ୟୁ ଟିମ୍

ଭାପୁର/ନୟାଗଡ଼, ୨।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବର୍ତ୍ତମାନ ରାଜ୍ୟରେ ଚର୍ଚ୍ଚାର ଅନ୍ୟତମ କେନ୍ଦ୍ର ହୋଇଛି। ୨୦୧୭-୨୦୨୧ ମସିହା ମଧ୍ୟରେ ହୋଇଥିବା ମହାଦୁର୍ନୀତିର ଛାନଭିନ୍ ପାଇଁ ଭାପୁରରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲ୍ୟୁ)ର ଦୁଇଜଣିଆ ଟିମ୍ ତିନି ଦିନ ରହି ଛାନଭିନ୍ କରିବା ଆରମ୍ଭ କରିଛି। ପ୍ରଥମ ଦିନରେ ବ୍ଲକ୍‌ରୁ ଅନେକ ଫାଇଲ ସଂଗ୍ରହ କରିଛି। ୩ଦିନ ମଧ୍ୟରେ ଉପରୋକ୍ତ ଦୁର୍ନୀତି ସଂପର୍କରେ

**■ ତିନିଦିନ କରିବ ଛାନଭିନ**
**■ ଅଭିଯୋଗ ଗ୍ରହଣ କରିବେ**

ଲୋକଙ୍କଠାରୁ ପ୍ରମାଣଯୁକ୍ତ ଅଭିଯୋଗ ଗ୍ରହଣ କରିବେ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ଭାପୁର ବ୍ଲକ୍‌ରେ ୨୦୧୭-୨୦୨୧ ମସିହା ମଧ୍ୟରେ ଘଟିଥିବା ମହାଦୁର୍ନୀତି ପାଇଁ ରାଜ୍ୟରେ ଚର୍ଚ୍ଚାରେ ରହିଛି। ଏ ନେଇ ଗତ କିଛି ମାସର ନିରବତା ପରେ ପୁନର୍ବାର କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା ତଦନ୍ତ ଆରମ୍ଭ କରିଛି। ତତ୍କାଳୀନ ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଫତେଗଡ଼ ଥାନାରେ, କୋର୍ଟରେ ତାଙ୍କର ଦସ୍ତଖତ ଓ ଲେଟର ପ୍ୟାଡକୁ ଜାଲିଆତି କରି ୮୦ କୋଟି ଟଙ୍କାର ଫଲସ ବିଲ୍ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ମାତ୍ର ତଦନ୍ତ ସେପରି ନ ହେବାରୁ ଶ୍ରୀମତୀ ବେହେରା ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲୋକାୟୁକ୍ତରେ ୪୪/୨୨ରେ ମାମଲା ରୁଜୁ ହୋଇଥିଲା।

୪ଜଣିଆ ଏକ ଟିମ୍ ଭାପୁର ବ୍ଲକ୍‌ରେ ଦୀର୍ଘ ତିନି ମାସ ରହି ୧୦୪୦ ଫାଇଲ ଛାନଭିନ୍ କରିଥିଲେ। ସେଥିରୁ ଜଣାପଡ଼ିଥିଲା ଯେ ଏହା ୮୦ କୋଟି ନୁହେଁ, ୨୦୬ କୋଟି ବୋଲି ଲୋକାୟୁକ୍ତ କୋର୍ଟରେ ୫ଶହ ପୃଷ୍ଠାର ରିପୋର୍ଟ ତାଙ୍କ ତଦନ୍ତକାରୀ ଦଳ ତଥ୍ୟ ପ୍ରଦାନ କହିଥିଲେ। ଏତେବଡ଼ ଦୁର୍ନୀତି ତଦନ୍ତ କରିବାକୁ ସେମାନଙ୍କ ପାଖରେ ଲୋକବଳ ନଥିବା କହି ଏହି ତଦନ୍ତଭାର ରାଜ୍ୟ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାକୁ ହସ୍ତାନ୍ତର କରିଥିଲେ। ଇଓଡବ୍ଲ୍ୟୁ ଏହାର ତଦନ୍ତ ନକରି ଚୁପ୍ ହୋଇ ରହିଥିଲା। ପରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଇଓଡବ୍ଲ୍ୟୁରେ ୯/୨୦୨୫ରେ ମାମଲା ରୁଜୁ ହୋଇ ତଦନ୍ତ ହେଉଛି। ଗୁରୁବାର ଦିନ ଇଓଡବ୍ଲ୍ୟୁ ଡିଏସପି ନମିତା ସାହୁ, ଇନ୍ସପେକ୍ଟର ଅକ୍ଷୟ କୁମାର ଗୁମାନସିଂହ ଭାପୁର ଆସି ବ୍ଲକ୍‌ରେ ଛାନଭିନ୍ କରି କେତେକ ଫାଇଲ୍ ଜବତ କରିଛନ୍ତି ଏହି ଟିମ୍ ଭାପୁରରେ ୩ ଦିନ ରହି ଜନସାଧାରଣଙ୍କଠାରୁ ପ୍ରମାଣଯୁକ୍ତ ଅଭିଯୋଗ ଗ୍ରହଣ କରିବେ ବୋଲି ଡିଏସ୍‌ପି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆନ୍ଧ୍ରରେ ରାତିଅଧିଆ...

ଅନ୍ୟୂନ ୧୪ ସେକେଣ୍ଡ ଲାଗୁଥିବାବେଳେ ଆନ୍ଧ୍ରପ୍ରଦେଶର ଅନେକ ବୁଥ୍‌ରେ ପ୍ରତି ୬ ସେକେଣ୍ଡରେ ମତଦାନ ହୋଇଥିବା ଦେଖାଯାଇଛି। ଯାହା ଅତ୍ୟନ୍ତ ଅସମ୍ଭବ ବୋଲି ଅଭିଯୋଗକାରୀ ପ୍ରଭାକର କହିଛନ୍ତି।

ଅଭିଯୋଗ ଅନୁସାରେ ଆନ୍ଧ୍ରପଦେଶରେ ନିର୍ବାଚନ କମିସନଙ୍କ ଦ୍ୱାରା ଜାରି କରାଯାଇଥିବା ମତଦାନ ପ୍ରତିଶତ ବାରମ୍ବାର ପରିବର୍ତ୍ତନ ଦେଖାଯାଇଥିଲା। ମତଦାନ ଦିନ ସନ୍ଧ୍ୟାରେ ଏହା ୬୮.୧୨ ପ୍ରତିଶତ ଥିବାବେଳେ, ୪ ଦିନପରେ ଏହା ବୃଦ୍ଧି ପାଇଁ ୮୧.୭୯ ପ୍ରତିଶତ ହୋଇ ଯାଇଥିଲା। ଯାହାକୁ ନେଇ ନିର୍ବାଚନ କମିସନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ। ସେ କହିଛନ୍ତି ଯେ ନିର୍ବାଚନ ଅଧିକାରୀମାନେ ରାଜନୈତିକ ଦଳକୁ ପ୍ରଦାନ କରାଯାଉଥିବା ଫର୍ମ ୧୭ସି (ପ୍ରତି ବୁଥ୍‌ର ଭୋଟ୍‌ତଥ୍ୟ) ପ୍ରଦାନ କରିନାହାନ୍ତି କିମ୍ବା ଏହାକୁ ସାର୍ବଜନୀନ କରିନାହାନ୍ତି। ଯାହା ସ୍ୱାଭାବିକ ଭାବରେ ନିର୍ବାଚନ କମିସନଙ୍କ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛି। ସିବିଆଇ, ଇଡ଼ି ପରି ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାରକୁ ନେଇ ଏବେ ସାରା ଦେଶକୁ ଚିନ୍ତିତ। ଏହି ସମୟରେ ନିର୍ବାଚନ କମିସନଙ୍କ ବିଶ୍ୱସନୀୟତା ହ୍ରାସ ସାରା ଦେଶକୁ ଚିନ୍ତିତ କରିଛି। ପ୍ରକ୍ରିୟାଗତ ଅସ୍ୱଚ୍ଛତା, ମତଦାନ ସମୟରେ ଭୋଟର ସଂଖ୍ୟାକୁ କ୍ୟାମେରାରେ ସାର୍ବଜନୀନ ନ କରିବା, ବିଳମ୍ବିତ ରାତିରେ ମତଦାନ, ପ୍ରତି ୬ ସେକେଣ୍ଡରେ ଭୋଟିଂ ଆଦି ଆଦୌ ବିଶ୍ୱାସଜନକ ହୋଇପାରୁ ନାହିଁ ବୋଲି କହିଛନ୍ତି।

ସେହିପରି ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର ଏସ. ୱାଇ. କୁରେଶି ଫର୍ମ ୧୭ ସି ଓ ଫର୍ମ ୨୦ ଉଭୟର ଫୋରେନସିକ୍ ଅଡିଟ୍ ସୁପାରିସ କରି ପଦ୍ଧତିଗତ ସଂସ୍କାର ପାଇଁ ଆହ୍ୱାନ କରିଛନ୍ତି। ମତଦାନ ପ୍ରତିଶତ ତଥ୍ୟ ପ୍ରତିଷ୍ଠିତ ମାନଦଣ୍ଡ ଅନୁଯାୟୀ ସେହି ଦିନରେ ପ୍ରକାଶ କରାଯିବା ଉଚିତ ଏବଂ ମତଦାନ ଶେଷ ହେବା ପରେ ଫର୍ମ ୧୭ସି ର ସାରାଂଶକୁ ସାର୍ବଜନୀନ ଭାବରେ ଉପଲବ୍ଧ କରାଯିବାର ବ୍ୟବସ୍ଥା ଥିବାବେଳେ ଏହାକୁ ସ୍ପଷ୍ଟ ଭାବରେ ଉଲ୍ଲଂଘନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ଏନ୍‌ଡିଏ ମୋଟ ୧୭୫ରୁ ୧୬୪ଟି ଆସନ ଜିତି ବିପୁଳ ବିଜୟ ହାସଲ କରିଛି। ଅଭିଯୋଗ ହୋଇଛି ଯେ ରାତିଅଧରେ ଯେଉଁ ୪.୧୬ ପ୍ରତିଶତ ଭୋଟିଛି, ତାହା ଏନଡିଏ ସପକ୍ଷରେ ହିଁ ଯାଇଛି।

ଅପରପକ୍ଷରେ ନିର୍ବାଚନ କମିସନ ଏ ସଂକ୍ରାନ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନିର୍ବାଚନର ଦୁଇ ବର୍ଷ ପରେ ଏଭଳି ତଥ୍ୟ ଉପସ୍ଥାପନ କରିବା ଅସାମ୍ବିଧାନିକ। ଯଦି କୌଣସି ଦଳର ଆପତ୍ତି ଥିଲା, ତେବେ ସେମାନେ ଆଇନଗତ ଭାବେ କୋର୍ଟଙ୍କ ଦ୍ୱାରସ୍ଥ ହେବା ଉଚିତ ଥିଲା, କିନ୍ତୁ ସେତେବେଳେ କେହି ବି ଅଭିଯୋଗ କରି ନଥିଲେ ବୋଲି ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି।

### ବଦଳିଲା ସ୍କୁଲ...

ତରବରିଆ ଭାବରେ ବିଜ୍ଞପ୍ତି ପ୍ରକାଶ ସହ ଆଜିଠାରୁ କାର୍ଯ୍ୟକାରୀ କରିବାକୁ ବିଭାଗର ନିର୍ଦ୍ଦେଶ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଜ୍ଞପ୍ତିରେ କୁହାଯାଇଛି ଯେ ଗଣଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ବିଦ୍ୟାଳୟରେ ସକାଳୁଆ ପାଠପଢ଼ା ହେବ। ଖରାଛୁଟି ହେବା ପର୍ଯ୍ୟନ୍ତ ପରିବର୍ତ୍ତିତ ସମୟରେ ପାଠପଢ଼ା ହେବ। ଖରାଛୁଟି ପରେ ବିଦ୍ୟାଳୟ ଖୋଲିଲେ ପୂର୍ବପରି ସାଧାରଣ ସମୟ ଅର୍ଥାତ୍ ସକାଳ ୧୦ ଟାରୁ ବିଦ୍ୟାଳୟ ଖୋଲିବ। ମାତ୍ର ବିଦ୍ୟାଳୟ ଖୋଲିବା ପରେ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ସ୍କୁଲ୍ ଖୋଲିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏହି ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସ୍ୱତନ୍ତ୍ର ଯତ୍ନ ନେବାକୁ କୁହାଯାଇଛି। ପର୍ଯ୍ୟାପ୍ତ ପିଇବା ପାଣି ମହଜୁଦ ରଖିବା ସହ ବିଦ୍ୟାଳୟ ମଧ୍ୟରେ ଥିବା ନଳକୂପ ସଜାଡ଼ିବା, ଛାତ୍ରଛାତ୍ରୀମାନେ ପାଣି ପିଇବାକୁ ସ୍ୱତନ୍ତ୍ର ଘଣ୍ଟି ବଜାଇବା, ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରଖିବା ଏବଂ ବାହ୍ୟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଛାତ୍ରଛାତ୍ରୀମାନେ ଖରାକୁ ଯେପରି ନ ଆସିବେ, ସେଥିପାଇଁ ଯତ୍ନବାନ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଖରା ସମୟରେ ପିଲାଙ୍କ ସ୍ୱତନ୍ତ୍ର ପ୍ରସ୍ତୁତି କରିବାକୁ ଅଭିଭାବକଙ୍କୁ ସଚେତନ କରାଯିବ। ବିଦ୍ୟାଳୟକୁ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ଆଣିବା ଏବଂ ଖରାରୁ ରକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଶିକ୍ଷାଦାନ ସମୟରେ ସଚେତନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ରାଷ୍ଟ୍ରପତି ଶାସନ...

ଉପରକୁ ପଥରମାଡ଼ କରିବା ସହ ଜାତୀୟ ରାଜପଥ-୧୨ ଅବରୋଧ କରିଥିଲେ।

ସୁପ୍ରିମକୋର୍ଟ ଏହି ଘଟଣାକୁ 'ରାଜ୍ୟ ସରକାରଙ୍କ ଅପରାଧିକ ବିଫଳତା' ବୋଲି କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ବେଞ୍ଚ୍ ଏହି ଘଟଣାର ତଦନ୍ତ ପାଇଁ ନିର୍ବାଚନ କମିସନଙ୍କୁ ସିବିଆଇ କିମ୍ବା ଏନ୍‌ଆଇଏକୁ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ବାହିନୀ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଣି ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ, ଡିଜିପି ଏବଂ ଜିଲ୍ଲାପାଳଙ୍କୁ କୈଫିୟତ ମଗାଯାଇଛି ଏବଂ ଏପ୍ରିଲ ୬ରେ କୋର୍ଟରେ ହାଜର ହେବାକୁ କୁହାଯାଇଛି। ସୁପ୍ରିମକୋର୍ଟ ପଶ୍ଚିମବଙ୍ଗକୁ ସବୁଠାରୁ ପୋଲାରାଇଜ୍‌ଡ ରାଜ୍ୟ ଭାବେ ବର୍ଣ୍ଣନା କରିଛନ୍ତି। ସେଠାରେ ଅଦାଲତଙ୍କ ଆଦେଶ ପାଳନ ବେଳେ ମଧ୍ୟ ରାଜନୀତି କରାଯାଉଛି। ଜଣେ ୫ ବର୍ଷର ଶିଶୁକୁ ଖାଦ୍ୟ ଓ ପାଣିରୁ ବଞ୍ଚିତ ରଖାଯିବା ଘଟଣାକୁ କୋର୍ଟ ଅତି ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ ପାଲଟା ଆକ୍ରମଣ କରିଛନ୍ତି। ମମତା କହିଛନ୍ତି ଯେ ଏହି ଘଟଣା ପଛରେ ବିଜେପିର ଷଡ଼ଯନ୍ତ୍ର ରହିଛି। ବିଜେପି ନିଜର ପରାଜୟ ଜାଣିପାରି ନିର୍ବାଚନ ବାତିଲ କରିବାକୁ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଷଡ଼ଯନ୍ତ୍ର ଚଳାଇଛି। ଅଧିକାରୀଙ୍କୁ ଘେରିଥିବା ଲୋକ କିଏ ସେ ଜାଣିନାହାନ୍ତି, କିନ୍ତୁ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ନାମ କଟାଯିବାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ରହିଛି। ମମତା କହିଛନ୍ତି ଯେ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ଦାୟିତ୍ୱ ନିର୍ବାଚନ କମିସନଙ୍କ ହାତରେ ଥାଏ। ମୁଖ୍ୟ ସଚିବ ଠାରୁ ଆରମ୍ଭ କରି ଗୃହ ସଚିବ, ପୁଲିସ ଡିଜି, ଜିଲ୍ଲାପାଳ ଏବଂ ସମସ୍ତେ ନିର୍ବାଚନ କମିସନରେ ନିୟନ୍ତ୍ରଣରେ କାମ କରୁଛନ୍ତି। ତେଣୁ ଅଧିକାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହେବା ପାଇଁ କମିସନ ଦାୟୀ। ମମତା ଅସହାୟତା ପ୍ରକାଶ କରି କହିଛନ୍ତି, ମୋ ପାଖରେ କୌଣସି କ୍ଷମତା ନାହିଁ। ନିର୍ବାଚନ କମିସନ ଆଇନ ଶୃଙ୍ଖଳା ସମେତ ସମସ୍ତ କ୍ଷମତା ମୋ ଠାରୁ ଛଡ଼ାଇ ନେଇଛନ୍ତି।

### ୧୬ ତାରିଖ ପର୍ଯ୍ୟନ୍ତ...

ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତକାଲି ବିରୋଧୀ ଦଳର ନେତାମାନଙ୍କ ସହିତ ଆଲୋଚନା କରିଛନ୍ତି। ତେବେ କଂଗ୍ରେସ ଏବଂ ଟିଏମ୍‌ସି ନେତାମାନଙ୍କ ସହିତ ସେ ଖୁବଶୀଘ୍ର ଆଲୋଚନା କରିବେ। ମହିଳା ଆସନ ସଂରକ୍ଷଣ ଲାଗି ସମ୍ବିଧାନରେ ସଂଶୋଧନ ଆବଶ୍ୟକ। ଏଥିପାଇଁ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତାର ଆବଶ୍ୟକତା ରହିଛି। ବିରୋଧୀ ଦଳଙ୍କ ବିନା ସମର୍ଥନରେ ଏହା ସମ୍ଭବ ନଥିବାରୁ ସରକାର ସେମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି।

ମହିଳା ଆସନ ସଂରକ୍ଷଣ ଲାଗି ସମ୍ବିଧାନରେ ସଂଶୋଧନ ଦରକାର ଥିବା ବେଳେ ସାଧାରଣ ବିଲ ଦ୍ୱାରା ଲୋକସଭା ଆସନ ସଂଖ୍ୟା ବୃଦ୍ଧି କରାଯାଇପାରିବ। ୨୦୨୭ ଜନଗଣନାକୁ ଅପେକ୍ଷା ନକରି ୨୦୧୧ ଜନଗଣନା ଭିତ୍ତିରେ ସରକାର ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ କରାଯିବ। ଏହାକୁ ୨୦୨୯ ସାଧାରଣ ନିର୍ବାଚନ ବେଳେ ଲାଗୁ କରାଯିବ। ସାଧାରଣ ନିର୍ବାଚନ ସହିତ ଓଡ଼ିଶା ସମେତ ୪ଟି ରାଜ୍ୟରେ ବିଧାନସଭା ନିର୍ବାଚନ ମଧ୍ୟ ହେବାକୁ ଯାଉଛି।

### ଚୈତ୍ରରେ ନିଗମ...

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ-ମୋହନ ଯୋଡ଼ିଙ୍କ ସଦ୍ୟ ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସରକାରଙ୍କ ଗତିବିଧିକୁ ନେଇ ଦୀର୍ଘ ଆଲୋଚନା କରିଛନ୍ତି। ଦୁଇ ମାସ ପରେ ସରକାରକୁ ୨ ବର୍ଷ ପୂରିବ। ମାତ୍ର ଏହି ଅବଧି ମଧ୍ୟରେ ସରକାର ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେବାରେ ସଫଳ ହୋଇପାରିନାହାନ୍ତି। ସରକାରଙ୍କ ପ୍ରତି ଲୋକଙ୍କ ମଧ୍ୟରେ ସେପରି କିଛି ଆକର୍ଷଣ ଦେଖାଯାଉନାହିଁ। ସୁଭଦ୍ରା, ସମୃଦ୍ଧ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ ସରକାର ଲୋକଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ବି ବିଶେଷ ଫଳପ୍ରଦ ହୋଇନାହିଁ। ଓଲଟି ରାଜ୍ୟ ସରକାର କାର୍ଯ୍ୟ ଓ ଛବିକୁ ନେଇ ତୃଣମୂଳସ୍ତରରେ ଏକ ନକରାତ୍ମକ ପରିବେଶ ସୃଷ୍ଟି ହୋଇଛି। ଲୋକଙ୍କୁ ପ୍ରଭାବିତ ତ ଦୂରର କଥା, ଦଳୀୟ ନେତା ବି ନିରୁତ୍ସାହିତ ଅନୁଭବ କରୁଛନ୍ତି। ବିଶେଷକରି ନିଗମ ବୋର୍ଡ, ଡିପିସି ନିଯୁକ୍ତିରେ ବିଳମ୍ବ ସରକାରଙ୍କ ନିଷ୍ପତ୍ତି ନେବା କ୍ଷମତା ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି। ଗୋଷ୍ଠୀକନ୍ଦଳ କାରଣରୁ ଏସବୁରେ ନିଯୁକ୍ତି ହୋଇପାରୁ ନାହିଁ ବୋଲି ସାଧାରଣରେ ସୃଷ୍ଟି ହୋଇଥିବା ବାର୍ତ୍ତାକୁ ନେଇ ଶୀର୍ଷ ନେତୃତ୍ୱ ଅସନ୍ତୋଷ ପ୍ରକାଶ କରିଥିବାକୁହାଯାଉଛି। ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଗମ ନିଯୁକ୍ତି ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ଶୀର୍ଷ ନେତୃତ୍ୱ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ଏପଟେ ଡିପିସି ଅଧ୍ୟକ୍ଷ ନିଯୁକ୍ତି ଦେଇ ରାଜ୍ୟ ସରକାର ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ନେଇ ଆପାତତଃ ଏକ ଚିତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରିମଣ୍ଡଳରେ ମୟୂରଭଞ୍ଜରୁ ସଞ୍ଜଲି ମୁର୍ମୁ, ସନାତନ ବିଜୁଳି, ଯାଜପୁରରୁ ଅମର ନାୟକ, ଖୋର୍ଦ୍ଧାରୁ ବାବୁ ସିଂ, ଗଞ୍ଜାମରୁ ସିଦ୍ଧାନ୍ତ ମହାପାତ୍ର, ବରଗଡ଼ରୁ ଇରାଶିଷ ଆଚାର୍ଯ୍ୟ, ଅନୁଗୋଳରୁ ଅଗସ୍ତି ବେହେରା ଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନାମ ରେସରେ ରହିଥିବା ଜଣାପଡ଼ିଛି। ସେହିପରି ମନ୍ତ୍ରିମଣ୍ଡଳରେ ଏକାଧିକ ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ହେବାକୁ ଥିବା ବେଳେ ୨ରୁ ୩ ଜଣଙ୍କ ମନ୍ତ୍ରୀ ପଦ ଯିବାର ସମ୍ଭାବନା ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ଜନଗଣନା ଅଧିକାରୀ ଓ କର୍ମଚାରୀଙ୍କ ବଦଳି ବନ୍ଦ

ଭୁବନେଶ୍ୱର,୨।୪(ସମିସ): ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁ ସମ୍ପାଦନ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏହି ଜନଗଣନା ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ସମ୍ପନ୍ନ କରାଯିବ। ଉକ୍ତ ଜନଗଣନା କାର୍ଯ୍ୟର ସଫଳ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବଦଳି କରାନଯିବା ନେଇ ଚିଠିରେ ନିର୍ଦ୍ଦେଶ ଜାରି କରାଯାଇଛି।

**ସଠିକ୍ ଦାୟିତ୍ୱ ସମ୍ପାଦନ ପାଇଁ ଚିଠି ଲେଖିଲେ ରାଜସ୍ୱ ସଚିବ**

ସୂଚନା ଅନୁସାରେ ସମସ୍ତ ଜିଲ୍ଲା ଓ ନଗର ନିଗମର ମୁଖ୍ୟ ଜନଗଣନା ଅଧିକାରୀମାନେ ଜନଗଣନା କର୍ମଚାରୀମାନଙ୍କ ପ୍ରଶିକ୍ଷଣକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବେ। ଜନଗଣନା କାର୍ଯ୍ୟରେ ନିୟୋଜିତ ମାଷ୍ଟର ଟ୍ରେନର ଓ ଫିଲ୍ଡ ଟ୍ରେନରମାନଙ୍କୁ ଜନଗଣନା କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଅର୍ଥାତ୍ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବଦଳି କରାଯିବ ନାହିଁ। ସୁପରଭାଇଜର ଓ ଏନ୍ୟୁମେରେଟର ଭାବେ ନିଯୁକ୍ତ କର୍ମଚାରୀମାନଙ୍କ ବଦଳି ସମ୍ବନ୍ଧରେ ସମ୍ପର୍କିତ ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀଙ୍କ ପୂର୍ବାନୁମତି ବିନା କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ। ବିଭାଗୀୟ ମୁଖ୍ୟ ଅଧିକାରୀମାନଙ୍କୁ କ୍ଷେତ୍ରସ୍ତରରେ ନିୟୋଜିତ ଜନଗଣନା ଅଧିକାରୀମାନଙ୍କ ବଦଳି ନିୟନ୍ତ୍ରଣ ନିୟମାବଳୀକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି, ଯାହା ଜନଗଣନା କାର୍ଯ୍ୟର ସୁସମ୍ପାଦନ ସୁନିଶ୍ଚିତ କରିବ। ଜନଗଣନା କାର୍ଯ୍ୟରେ ନିଯୁକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଜନଗଣନା ଆଇନ,୧୯୪୮ ଓ ଜନଗଣନା ନିୟମାବଳୀ,୧୯୯୦ ଅନୁଯାୟୀ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନ କରିବେ। ଏହି ସମସ୍ତ ପଦକ୍ଷେପ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗ୍ରହଣ କରାଯାଇଥିବାବେଳେ ରାଜ୍ୟ ସରକାର ଜନଗଣନା ୨୦୨୭ କାର୍ଯ୍ୟକ୍ରମର ସଫଳ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଛନ୍ତି।

# ବଣ୍ଡା ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ନିର୍ଯାତନା

ମାଲକାନଗିରି,୨।୪(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଣ୍ଡା ଘାଟିରେ ଥିବା ବଡ଼ବେଲ ବାଳିକା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ବଣ୍ଡା ଛାତ୍ରୀ। ନବମ ଶ୍ରେଣୀର ଛାତ୍ରୀଙ୍କୁ ସେଠାକାର ପ୍ରଧାନ ଶିକ୍ଷକ ରମାକାନ୍ତ ମହାରଣା ଅସଦାଚରଣ କରିବା ସହ ରାସ୍ତାରେ ମାଡ଼ ମାରିବା ଓ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ହୋଇଛି। ସେବାଶ୍ରମର ୪ ଛାତ୍ରୀ ଏ ସଂପର୍କରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ତେବେ ଏନେଇ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ କହିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER,
ANANDAPUR BARRAGE DIVISION, SALAPADA
(E-mail Id: - eeabd.anandapur@gmail.com/loabp-eicwr.od@nic.in)
32001/1/2627
e-Procurement Notice No. SEABD- 01 of 2026-27

| e-Procurement Officer | Name of the work | Bid id No. | Tender cost (Appx.) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding: From | Availability of tender online for bidding: To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Superintending Engineer, Anandapur Barrage Division, Salapada | Engagement of hired vehicle used by the Superintending Engineer, Anandapur Barrage Division, Salapada for the year 2026-27. | ABP- ABD-01 of 2026-27 | Rs. 37,200/- per month | Rs. 9,000/- | Nil | Travel Agencies/ Tour Operators or private individuals | 12 (Twelve) Calender Months | 06.04.2026 11.00 AM | 15.04.2026 03.00 PM | 15.04.2026 04.00 PM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in
Addendum/ corrigendum/ cancellation if any required will be published in Govt. website only.
Sd/-
Superintending Engineer
Anandapur Barrage Division
Salapada
OIPR-32001/32177/1/26-27/0001

ଉଦ୍ୟାନ ବିଭାଗ, ସୋନପୁର ଅଧିନସ୍ଥ ଉଦ୍ୟାନ କୃଷି ଫାର୍ମ ଆମ୍ବ ଫଳ ପାଇଁ
ନିଲାମ ଇସ୍ତାହାର
1001/4/2627

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ସୋନପୁର ଉଦ୍ୟାନ କୃଷି ଫାର୍ମ ୨୦୨୫-୨୬ ବର୍ଷ ପାଇଁ ଆମ୍ବ ଫଳର ନିଲାମ ଦେବାପାଇଁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି। ଉକ୍ତ ଟେଣ୍ଡର ପେପରଗୁଡ଼ିକ ରେଜ-ଡାକ କିମ୍ବା କୋରିଅର ସେବା ମାଧ୍ୟମରେ ସୂଚିତଥିବା ସ୍ତମ୍ଭ ନମ୍ବର-୫ ରେ ସୂଚିତ ତାରିଖ ଏବଂ ସମସ୍ଥ ପର୍ଯ୍ୟନ୍ତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟଠାରେ ଗ୍ରହଣ କରାଯିବ। କୌଣସି ପରିସ୍ଥିତିରେ ସିଧାସଳଖ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

| କ୍ରମିକ ନମ୍ବର | ଫାର୍ମ ର ନାମ ଏବଂ ଅଫିସର ନାମ | ବଉଳ ଆସିଥିବା ଆମ୍ବ ଗଛର ସଂଖ୍ୟା | ଅମାନତ ଜମା ରାଶି | ଟେଣ୍ଡର ଫର୍ମ ଗ୍ରହଣ କରିବାର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲା ଯିବା ତାରିଖ ଏବଂ ସମୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ସୋନପୁର ଉଦ୍ୟାନ କୃଷି ଫାର୍ମ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର | ୮୫୦ | ଆବେଦନ ନିଲାମ ରାଶିର ୧୦% (DD/BD) ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ ସପକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ସୋନପୁର ଶାଖା | ତା ୮.୪.୨୦୨୬ ସମୟ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ତା ୯.୪.୨୦୨୬ ସମୟ ଦିବା ୧୧.୩୦ ପର୍ଯ୍ୟନ୍ତ |

ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ନିୟମାବଳୀ ଏବଂ ସର୍ତ୍ତ ଥିବା ଆବଶ୍ୟକ ଫର୍ମ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଟ. ୧୦୦/-ଦେଲେ ଅଫିସ ସମୟରେ ସକାଳ ଘ. ୧୦.୦୦ ଠାରୁ ଘ. ୫.୩୦ ମଧ୍ୟରେ ଉପଲବ୍ଧ ହେବ। କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ଦରଖାସ୍ତ ନାକଚ କରିପାରିବେ।
ବିଦ୍ର : ସୋନପୁର, ଉଦ୍ୟାନ ବିଭାଗ ଫାର୍ମ ପାଇଁ ସୂଚିତ ତାରିଖ ଏବଂ ସମୟ ଅନୁଯାୟୀ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଆମ୍ବ ଫଳର ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ।
ସ୍ୱା - ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ
ସୋନପୁର
OIPR-1001/1383/1/26-27/0001

AFFIDAVIT
By virtue of an affidavit sworn before the Executive Magistrate, Satyabadi on dtd. 09.01.2026, I Sasmita Dalai, W/o- Nagen Kumar Dalai, residing at At-Bidyadharpur, P.S.-Balanga, Dist.-Puri, PIN-752045, do hereby declare that I have changed the name of my child from Padmini Dalai to Pragyansee Dalai. Henceforth, she shall be known as **Pragyansee Dalai** for all purposes.

AFFIDAVIT
By virtue of an affidavit sworn before the Executive Magistrate, Satyabadi on dated 09.01.2026, I Sasmita Dalai, W/o Nagen Kumar Dalai, residing at At-Bidyadharpur, P.S.-Balanga, Dist.-Puri, PIN-752045, do hereby declare that I have changed the name of my child from Banya Dalai to Jigyansu Dalai. Henceforth, he shall be known as **Jigyansu Dalai** for all purposes.

AFFIDAVIT
By virtue of an Affidavit sworn before the Notary Public, Phulbani, Kandhamal, dtd.02.04.2026, I, Nilamadhab Kanhar, At-Sripalla, P.O.-Sripalla, P.S.-Phiringia, Dist-Kandhamal, Pin-762011hereby declare that I have changed the name of my minor child from Jyotirmayee Kanhar to Jyotishree Kanhar. Henceforth, she shall be known as **Jyotishree Kanhar** for all purposes.
Sd/- Nilamadhab Kanhar

AFFIDAVIT
By virtue of an Affidavit sworn before the Notary Public, Phulbani, Kandhamal, dtd.02.04.2026, I, Brundabati Kanhar (formerly known as Bunda Kanhar), At Dakapada, P.O.-Rabingia, P.S.–Phiringia, Dist-Kandhamal-762011 hereby declare that I have changed my name from Bunda Kanhar to Brundabati Kanhar. Henceforth, I shall be known as **Brundabati Kanhar** for all purposes.
Sd/- Brundabati Kanhar

AFFIDAVIT
By virtue of an affidavit sworn before the Executive Magistrate, BBSR, dtd. 02.04.2026, I Lopamudra Mallik, At- Andharua, BBSR-751003 declare that I have changed my daughter's name from SUNIL SHANAYA to SHANAYA SUNIL MALLICK. Henceforth she shall be known as **SHANAYA SUNIL MALLICK** for all purposes.

AFFIDAVIT
By virtue of an Affidavit sworn before the Executive Magistrate, Athmallik dated 2nd April 2026, I,MRS. PADMABATI NAIK, W/O Sri Nirakara Bhukta, At/-Baragaon, Po/Ps/Sub-Divn.:-Athmallik, Dist. Angul, Pin-759125,Odisha declare that, I have changed my name from **PADMABAT NAIK to PADMABATI NAIK.** Henceforth, I shall be known as **PADMABATI NAIK** for all purposes.
PADMABATI NAIK

AFFIDAVIT
By virtue of an affidavit sworn before the Executive Magistrate, Satyabadi on dated 09.01.2026, I Bishnu Prasad Barik, S/o Bhramar Barik, residing at At-Bidyadharpur, P.S.-Balanga, Dist.-Puri, PIN-752045, do hereby declare that I have changed the name of my child from Satyaprakash Barik to Satyajit Barik. Henceforth, he/she shall be known as **Satyajit Barik** for all purposes.

AFFIDAVIT
By virtue of an affidavit no. 645 before the Executive Magistrate, Sukinda, dtd.30.03.2026, I, Sushanta Mohanta, resident of Vill/Po-Kuhika, P.S.-Sukinda, Dist-Jajpur, Pin–755018 hereby declare that I have changed the name of my minor son from **Ankit Mohanta to Suresh Mohanta**. Henceforth, he shall be known and identified as Suresh Mohanta for all purposes.
Sd/- Sushanta Mohanta

AFFIDAVIT
I, Iftekhar Alam, S/o- Mir Elyas Alam, resident of Plot No. 786/110, Lane-4, Durgamadhav Nagar, Sampur, Bhubaneswar, Bharatpur, Dist- Khorda, Pin- 751029, State- Odisha declare by this affidavit No. 126/2026, dtd- 02/04/2026 that now onwards I shall be known as **MIR IFTIKHAR ALAM** for all future purposes.

AFFIDAVIT
By virtue of an Affidavit before Notary Public, Malkangiri, I **Ramchandra Madkami**, aged about 25 Years, S/o: Dullav Madkami, resident of village: Materu, PO: Materu, PS: Kalimela, Dist.: Malkangiri, Odisha- 764044 declare by this Affidavit No.: 25/2026, Dated: 06.01.2026 that I have changed my name from Ramachandra Madakami to **Ramchandra Madkami.** Henceforth I shall be known as **Ramchandra Madkami** for all future purposes.

AFFIDAVIT
By virtue of an Affidavit before Notary Public, Malkangiri, I **Sourabi Ray**, aged about 21 Years, W/o.: Rohidas Ray, D/o.: Sukdeb Tarafdar resident of Village- M.P.V-04, PO: Gorakhunta, PS: Malkangiri, Dist.: Malkangiri, Odisha-764045 declare by this Affidavit No.: 104/2026, Dated: 22.01.2026, that I have changed my name from Sourabi Tarafdar to **Sourabi Ray**. Henceforth I shall be known as **Sourabi Ray** for all future purposes.

AFFIDAVIT
By virtue of an Affidavit before Notary Public, Malkangiri, I **Padma Jali,** aged about 35 Years, W/o: Sibananda Jali, D/o.: Ganga Dari resident of village: Garisapali, PO.: Pusuguda, P.S.:M.V-79, Dist.: Malkangiri, Odisha declare by this Affidavit No.: 710/2026, Dated: 02/04/2026 that I have changed my name from **Padma Dari to Padma Jali.** Henceforth I shall be known as **Padma Jali** for all future purposes.

AFFIDAVIT
By virtue of an Affidavit sworn before the Notary Public, Phulbani, Kandhamal, dtd.02.04.2026, I, Balakrushna Kanhar, At-Bhrungijodi, P.O.-Bhrungijodi, P.S.-Phiringia, Dist-Kandhamal, Odisha, Pin-762011 hereby declare that I have changed the name of my minor child from Ankta Kanhar to Ankita Kanhar. Henceforth, she shall be known as **Ankita Kanhar** for all purposes.
Sd/-Balakrushna Kanhar

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୮୪ ● ପାଉଣ୍ଡ ୧୨୩.୭୬
- ୟୁରୋ ୧୦୭.୮୬ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୬,୫୫୦ (ନୂଆଦିଲ୍ଲୀ)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 	୭୩,୩୧୯.୦୦
- ନିଫ୍ଟି 	୨୨,୭୧୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମଧ୍ୟପ୍ରାଚ୍ୟ ଯୁଦ୍ଧ: ୧୯୭୩କୁ ଟପିବ ତୈଳ ସଙ୍କଟ



ନୂଆଦିଲ୍ଲୀ,୨।୪(ଏଜେନ୍ସି): ଇରାନରେ ଚାଲିଥିବା ଯୁଦ୍ଧ ମଧ୍ୟରେ ବିଶ୍ୱ ଶକ୍ତି ଯୋଗାଣର କେନ୍ଦ୍ର ହରମୁଜ୍ ପ୍ରଣାଳୀ ଏକ ମାସ ହେବ ଅବରୋଧ କରାଯାଇଛି। ଯାହା ଫଳରେ ବିଶ୍ୱ ଏକ ସମ୍ଭାବ୍ୟ ବଡ଼ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ଜାହାଜ ଚଳାଚଳ ବିଶେଷଜ୍ଞ ଲାର୍ସ ଜେନସେନ୍ ଏବଂ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ମୁଖ୍ୟ ଫାତିହ ବିରୋଲ୍ ଚେତାବନୀ ଦେଇଛନ୍ତି ଯେ ବର୍ତ୍ତମାନର ପରିସ୍ଥିତି ୧୯୭୦ ଦଶକର ତୈଳ ସଙ୍କଟ ଅପେକ୍ଷା ଅଧିକ ଆର୍ଥିକ ବିପଦ ସୃଷ୍ଟି କରିପାରେ। ସ୍ଥିତି ଏଭଳି ଜାରି ରହିଲେ, ୨୦୨୬ରେ ଦେଶରେ ପେଟ୍ରୋଲ ପମ୍ପଗୁଡିକ ଖାଲି ହୋଇଯିବ, ଯାହା ୧୯୭୩ର ତୈଳ ସଙ୍କଟକୁ ଟପିଯିବ।

୧୯୭୩ରେ ଆରବ ପେଟ୍ରୋଲିୟମ ରପ୍ତାନିକାରୀ ଦେଶମାନଙ୍କର ସଂଗଠନ (ଓପେକ୍) ଆମେରିକା ଏବଂ ଏହାର ସହଯୋଗୀ ଦେଶମାନଙ୍କ ଉପରେ ସମ୍ପୂର୍ଣ୍ଣ ତୈଳ ପ୍ରତିବନ୍ଧକ ଲଗାଇଥିଲା। କାରଣ ଥିଲା ୟୋମ୍ କିପ୍ପୁର ଯୁଦ୍ଧ। ଏହି ଯୁଦ୍ଧରେ, ୧୯୬୭ ୬ ଦିନିଆ ଯୁଦ୍ଧରେ ହରାଇଥିବା ଅଞ୍ଚଳକୁ ପୁନର୍ବାର ହାସଲ କରିବା ପାଇଁ ଇଜିପ୍ଟ ଏବଂ ସିରିଆ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ସେହି ସମୟରେ, ଆମେରିକା ଇସ୍ରାଏଲକୁ ୨.୨ ବିଲିୟନ ଡଲାରର ଜରୁରୀକାଳୀନ ସହାୟତା ପ୍ରଦାନ କରିଥିଲା, ଯାହା ଆରବ ଦେଶମାନଙ୍କୁ ଉତ୍ତେଜିତ କରିଥିଲା। ଏଥିରେ ସେମାନେ ତୈଳ ଯୋଗାଣ ବନ୍ଦ କରିଦେଇଥିଲେ। ସେ ସମୟରେ ମଧ୍ୟପ୍ରାଚ୍ୟ ବିଶ୍ୱର ୫୦% ତେଲ ଉତ୍ପାଦନ କରୁଥିଲା। ଏହି ଘଟଣାରେ ଓପେକ୍ ମାସିକ ୫% ଉତ୍ପାଦନ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇ ଆମେରିକା, ନେଦରଲ୍ୟାଣ୍ଡ, ପର୍ତ୍ତୁଗାଲ ଏବଂ ଦକ୍ଷିଣ ଆଫ୍ରିକା ଉପରେ କଟକଣା ଲଗାଇଥିଲା। ପରିଣାମ ସ୍ୱରୂପ ବିଶ୍ୱ ଯୋଗାଣରେ ଦୈନିକ ୪.୫ ନିୟୁତ ବ୍ୟାରେଲ (ବିପିଡି) ହ୍ରାସ ଘଟିଥିଲା। ଏହା ସେତେବେଳେ ମୋଟ ଯୋଗାଣର ପ୍ରାୟ ୭% ଥିଲା। ୧୯୭୩ରେ ତେଲ ମୂଲ୍ୟ ମାତ୍ର କିଛି ମାସ ମଧ୍ୟରେ ୪ଗୁଣ ବୃଦ୍ଧି ପାଇଥିଲା। ତୈଳ ସଙ୍କଟ ୟୁରୋପ ଏବଂ ଜାପାନକୁ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ କରିଥିଲା। ବ୍ରିଟେନରେ ତିନି ଦିନିଆ କାର୍ଯ୍ୟ ସପ୍ତାହ ପ୍ରଚଳନ କରାଯାଇଥିଲା, ଏବଂ ୟୁରୋପରେ ରବିବାର ଗାଡି ଚାଳନା ନିଷେଧ କରାଯାଇଥିଲା। ମୁଦ୍ରାସ୍ଫୀତି ବୃଦ୍ଧି ପାଇଲା, ଶିଳ୍ପ ଉତ୍ପାଦନ ହ୍ରାସ ପାଇଲା,

### ବଢ଼ିବ ମୁଦ୍ରାସ୍ଫୀତି, ବେକାରି
### ଦେଖାଦେଇପାରେ ଗଭୀର ଆର୍ଥିକ ମାନ୍ଦାବସ୍ଥା

ଏବଂ ଅନେକ ଦେଶ ସ୍ଥିରତା ଅର୍ଥାତ୍ ମୁଦ୍ରାସ୍ଫୀତି ଏବଂ ମାନ୍ଦାବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିଲେ। ଆମେରିକା ଏବଂ ୟୁକେ ୧୯୭୩ ରୁ ୧୯୭୫ ପର୍ଯ୍ୟନ୍ତ ମାନ୍ଦାବସ୍ଥା ଅନୁଭବ କରିଥିଲେ। ସେତେବେଳେ ଭାରତ ଉପରେ କୌଣସି ସିଧାସଳଖ କଟକଣା ନ ଥିଲା, କିନ୍ତୁ ଏହାର ପ୍ରଭାବ ଗଭୀର ଥିଲା। ବଜାର ଦରରେ ୪ ଗୁଣ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ୨୦% ସୃଷ୍ଟି ହୋଇଥିଲା। ୨୦ ଲକ୍ଷ ରେଳ କର୍ମଚାରୀ ବୃହତ ଧର୍ମଘଟ କରିଥିଲେ। ଏହା ଦେଶରେ ଏକ ପ୍ରତିକୂଳ ପରିବେଶ ସୃଷ୍ଟି କରିଥିଲା। କଠୋର ସର୍ତ୍ତାବଳୀ ସହ ସରକାର ବିଶ୍ୱ ବ୍ୟାଙ୍କ ଏବଂ ଆଇଏମଏଫରୁ ସହାୟତା ଲୋଡ଼ିଥିଲେ। ୧୯୭୫ ଜୁନ୍ ୨୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା।

ଆଇଇଏ ମୁଖ୍ୟ ଫାତିହ ବିରୋଲ ଏହି ପରିସ୍ଥିତିକୁ ଇତିହାସର ସବୁଠାରୁ ବଡ଼ ବିଶ୍ୱ ଶକ୍ତି ସୁରକ୍ଷା ବିପଦ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅନୁସାରେ, ଏହି ସଙ୍କଟ କେବଳ ୧୯୭୦ ଦଶକର ତୈଳ ଝଟକା ଅପେକ୍ଷା ବଡ଼ ନୁହେଁ, ବରଂ ରୁଷ-ୟୁକ୍ରେନ ଯୁଦ୍ଧ ପରେ ହୋଇଥିବା ଗ୍ୟାସ ସଙ୍କଟଠାରୁ ମଧ୍ୟ ଅଧିକ ଭୟଙ୍କର। ସାମଗ୍ରିକ ଭାବରେ ବିଶ୍ୱ ଏକ ଏପରି ସ୍ଥିତିରେ ଅଛି ଯେଉଁଠାରେ, ଗୋଟିଏ ପଟେ ୧୯୭୦ ଦଶକ ସ୍ଥିତିର ପୁନରାବୃତ୍ତି ଘଟିବାର ସମ୍ଭାବନା ଦେଖାଦେଇଛି। ଅନ୍ୟପଟେ, ଆଧୁନିକ ଅର୍ଥନୈତିକ ଗଠନ ଏବଂ ଶକ୍ତି ପରିଚାଳନା ବ୍ୟବସ୍ଥା ଏହାକୁ ସହ୍ୟ କରିବାର କ୍ଷମତା ରଖିଥିବା କୁହାଯାଉଛି। ଭେସ୍ପୁଚି ମାରିଟାଇମ୍‌ର ମୁଖ୍ୟ ଲାର୍ସ ଜେନସେନ୍‌ଙ୍କ ଅନୁଯାୟୀ, ଯଦିଓ ପ୍ରଣାଳୀ ତୁରନ୍ତ ପୁନର୍ବାର ଖୋଲାଯାଏ, ତେବେ ଆଗାମୀ ୧୨ ମାସ ପର୍ଯ୍ୟନ୍ତ ବିଶ୍ୱରେ ଶକ୍ତି ମୂଲ୍ୟ ଅଧିକ ରହିବ, ଯାହା ଯୋଗାଣ ସଙ୍କଟକୁ ଆହୁରି ଘନୀଭୂତ କରିବ। ବଜାର ବିଶେଷଜ୍ଞଙ୍କ ମତରେ ଯଦି ପରିସ୍ଥିତି ଶୀଘ୍ର ସୁଧୁରେ ନାହିଁ, ତେବେ ଏକ ଗଭୀର ଆର୍ଥିକ ମାନ୍ଦାବସ୍ଥାର ଆଶଙ୍କା ରହିଛି। ଏହାର ପ୍ରଭାବରେ ତୈଳ ଏବଂ ଗ୍ୟାସ ମୂଲ୍ୟରେ ତୀବ୍ର ବୃଦ୍ଧି, ବ୍ୟାପକ ମୁଦ୍ରାସ୍ଫୀତି ଏବଂ ଏକ ଗଭୀର ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇପାରେ। ଏଥିରେ ବିଶେଷକରି ଆମଦାନୀ ଉପରେ ନିର୍ଭର କରୁଥିବା ଏସୀୟ ଦେଶଗୁଡିକ ଅଧିକ କ୍ଷତିଗ୍ରସ୍ତ ହେବେ।

## ଆଉ ମିଳିବନି ପ୍ଲେନ୍ ପେଟ୍ରୋଲ

**ଏବେ କେବଳ ଇ-୨୦ ଫୁଏଲ୍**

ନୂଆଦିଲ୍ଲୀ, ୨।୪(ଏଜେନ୍ସି): ଦେଶରେ ଲାଗୁ ହୋଇଛି ନୂଆ ଇନ୍ଧନ ନିୟମ। ଏହି ଅନୁଯାୟୀ ଏଣିକି ଦେଶର ସବୁ ପେଟ୍ରୋଲ ପମ୍ପରେ ସର୍ବନିମ୍ନ ୯୫ ଆର୍‌ଓଏନ୍ ଅକ୍ଟେନ ରେଟିଂ ଥିବା ଇ୨୦ ଇନ୍ଧନ ବିକ୍ରି ବାଧ୍ୟତାମୂଳକ ହୋଇଛି। ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହୋଇଥିବା ଏହି ନିୟମର ଉଦ୍ଦେଶ୍ୟ ହେଉଛି, ସ୍ୱଚ୍ଛ ପରିବହନ, ଅଶୋଧିତ ତେଲ ଉପରେ ନିର୍ଭରତା କମାଇବା ଏବଂ ଶକ୍ତି ସୁରକ୍ଷାକୁ ମଜଭୁତ କରିବା। ଏହା ପୂର୍ବରୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦେଶର ବିଭିନ୍ନ ତେଲ କମ୍ପାନୀଙ୍କୁ ଏ ନେଇ ଫେବ୍ରୁଆରୀ ୧୭ରେ ଏକ ବିଜ୍ଞପ୍ତି ଜାରି କରିଥିଲା। ଯେଉଁଥିରେ, ଏପ୍ରିଲ ପହିଲାରୁ ପେଟ୍ରୋଲରେ ୨୦% ଇଥାନଲ ମିଶାଇ ବିକ୍ରି କରିବାକୁ ତେଲ କମ୍ପାନୀଙ୍କୁ ବିକ୍ରି କରିବାକୁ କୁହାଯାଇଥିଲା। ଖାଲି ସେତିକି ନୁହେଁ ଏହା ସହ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ)ର ନିର୍ଦ୍ଦେଶ ପାଳନ କରିବାକୁ ହେବ। ଯେମିତି ଦେଶରେ ଇ୨୦ ତେଲର ଗୁଣବତ୍ତା ଗୋଟିଏ ପ୍ରକାର ରହିବ। ଅବଶ୍ୟ କେନ୍ଦ୍ର ସରକାର ଆବଶ୍ୟକତାସ୍ଥଳେ କିମ୍ବା ଅତି ଜରୁରୀ ପରିସ୍ଥିତିରେ କିଛି କ୍ଷେତ୍ର ପାଇଁ ଗୁଣବତ୍ତାରେ କୋହଳ ଅନୁମତି ଦେଇଛନ୍ତି।

ପ୍ରକୃତରେ ଇ୨୦ର ମାନକ ବା ଗୁଣବତ୍ତା ହେଉଛି ୯୫ ଆର୍‌ଓଏନ୍ ଅକ୍ଟେନ। ୯୫ ଆର୍‌ଓଏନ୍‌ର ମାନକ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଇଞ୍ଜିନର ନକିଂ ପ୍ରତି ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ। ଅର୍ଥାତ ଇଞ୍ଜିନରେ ତେଲ ଠିକ୍ ଭାବରେ ଜଳିଥାଏ ଏବଂ ଅଯଥାରେ ତେଲ ନଷ୍ଟ ହୋଇନଥାଏ। ଆଉ ଗାଡ଼ିର ମାଇଲେଜ ମଧ୍ୟ ବଢ଼ିଥାଏ। ଭାରତରେ ପେଟ୍ରୋଲର ଅକ୍ଟେନ ରେଟିଂ ସାଧାରଣତଃ ୯୧ରୁ ୯୨ ଆରଓଏନ ପାଖାପାଖି ରହିଥାଏ। ଯେତେବେଳେକି ଇଥାନଲର ଅକ୍ଟେନ ରେଟିଂ ସ୍ୱାଭାବିକ ଭାବରେ ପ୍ରାୟ ୧୦୮ ଆରଓଏନ ରହିଥାଏ।

## ଚାନ୍ଦି ଭଣ୍ଡାରରେ ଅକ୍ଷୟ ତୃତୀୟା ଅଫର

**ରୁପା ଗହଣା ଏବଂ କଳାକୃଷି ଉପରେ ୩୦% ପର୍ଯ୍ୟନ୍ତ ରିଆତି**

ଭୁବନେଶ୍ୱର,୨।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଚାନ୍ଦି ଭଣ୍ଡାର ବ୍ୟାପକ ରୁପା ସାମଗ୍ରୀ ପାଇଁ ନିଜକୁ ଏକ ପୂର୍ଣ୍ଣାଙ୍ଗ ସ୍ଥଳ ଭାବେ ଉପସ୍ଥାପନ କରିଛି। ଗହଣା ଏବଂ କଳାକୃତିଗୁଡ଼ିକର ବ୍ୟାପକ ଡିଜାଇନ୍ ଏବଂ ବିସ୍ତୃତ ସମ୍ଭାର ଗୋଟିଏ ଛାତ ତଳେ ଉପଲବ୍ଧ କରାଇଛି। ମହିଳାମାନଙ୍କ ପାଇଁ ଜିକନ୍ଦ୍ରଚିତ ନେକଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ପାଉଁଜିର ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ଏହି ପର୍ବର ଆନନ୍ଦକୁ ବହୁଗୁଣା କରି ଚାହିଁ ଭଣ୍ଡାର ଏକ ସ୍ୱତନ୍ତ୍ର ଅଫର ଆଣିଛି। ଏହା ଅନ୍ତର୍ଗତ ଏପ୍ରିଲ ୩ରୁ ୧୯ ପର୍ଯ୍ୟନ୍ତ ଗ୍ରାହକ ରୁପା ଗହଣା ଏବଂ କଳାକୃଷି ଉପରେ ୩୦% ପର୍ଯ୍ୟନ୍ତ ରିଆତି ପାଇବେ। ନିରନ୍ତର ସମ୍ପ୍ରସାରଣର ଅଂଶବିଶେଷ ଚାନ୍ଦି ଭଣ୍ଡାର ବରଗଡ଼ରେ ଏହାର ୨୮ତମ ଷ୍ଟୋର ଖୋଲିବାକୁ ଯାଉଛି। ଫଳରେ ରାଜ୍ୟରେ ବ୍ରାଣ୍ଡର ଉପସ୍ଥିତି ଆହୁରି ମଜଭୁତ ହେବ। କାରବାରରେ ନୂଆ ଅଧ୍ୟାୟ ଯୋଡ଼ି ରାଜ୍ୟ ବାହାରେ ଉପସ୍ଥିତି ବଢ଼ାଇଛି ଚାନ୍ଦି ଭଣ୍ଡାର। ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଓଡ଼ିଶାବାସୀ ଦେଇଥିବା ଭଲ ପାଇବା ଏବଂ ସମର୍ଥନ ପାଇଁ ଆମେ କୃତଜ୍ଞ। ଏହା ରାଜ୍ୟ ବାହାରେ ଡେଣା ମେଲାଇବା ପାଇଁ ଆମକୁ ଆତ୍ମବିଶ୍ୱାସ ଦେଇଛି। ଆଗକୁ ଅନେକ ମାଇଲଖୁଣ୍ଟ ଆସିବ। ଏହା ଆରମ୍ଭ ମାତ୍ର।




## କର୍ମଯୋଗୀ ସାଧନା ସପ୍ତାହ ଉଦ୍‌ଘାଟିତ



ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ମିଶନ କର୍ମଯୋଗୀର ୫ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଏପ୍ରିଲ୨ରୁ ୮ ପର୍ଯ୍ୟନ୍ତ କର୍ମଯୋଗୀ ସାଧନା ସପ୍ତାହ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଉଦ୍‌ଘାଟନ କହିଛନ୍ତି। ସାଧନା ସପ୍ତାହ ଏକ ସକ୍ଷମ, ପ୍ରତିବଦ୍ଧ ଏବଂ ନାଗରିକ-କୈନ୍ଦ୍ରିକ ପ୍ରଶାସନିକ ସେବା ଦିଗରେ ପରିବର୍ତ୍ତନକୁ ଦୃଢ଼ କରେ। ସେ କହିଛନ୍ତି, କ୍ଷମତା ବିକାଶ ସୀମିତ ତଥା ନିୟମ-ଆଧାରିତ ତାଲିମଠାରୁ ଆଗକୁ ବଢ଼ି ନିରନ୍ତର ତଥା ଯେକୌଣସି ସ୍ଥାନରୁ ଶିକ୍ଷାଦାନର ଏକ ବ୍ୟବସ୍ଥା ରୂପେ ବିକଶିତ ହୋଇଛି। ଏହାକୁ ଆଇଗଟ୍ ଭଳି ପ୍ଲାଟଫର୍ମ ଦ୍ୱାରା ସକ୍ଷମ କରାଯାଇଛି। ସେ ନିୟମ-ଆଧାରିତରୁ ଭୂମିକା-ଆଧାରିତ ପ୍ରଶାସନ ଦିଗରେ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ, ଯେଉଁଠାରେ ଦକ୍ଷତା,ଆଚରଣ ଏବଂ ସେବା ଅଭିମୁଖତା କେନ୍ଦ୍ରରେ ରହିଛି । ଦେଶବ୍ୟାପୀ ତାଲିମ ପ୍ରତିଷ୍ଠାନର ସମନ୍ୱୟ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, କ୍ଷମତା ବିକାଶ କମିଶନ ଇକୋସିଷ୍ଟମରେ ସମନ୍ୱୟ ଏବଂ ବ୍ୟାପକତା ଆଣିଛି। ଆଜି ପ୍ରଶାସନ ପାଇଁ ପ୍ରଯୁକ୍ତିବିଦ୍ୟା ବିଭ୍ରାଟ, ଜଳବାୟୁ ପରିବର୍ତ୍ତନ, ସହରୀକରଣ ଏବଂ ବିଶ୍ୱ ଅନିଶ୍ଚିତତାର ପ୍ରତିକ୍ରିୟା ନିମନ୍ତେ ନୂତନ କ୍ଷମତା ଆବଶ୍ୟକ। ଏହାସହିତ ନିରନ୍ତର ଜ୍ଞାନ ଆହରଣ, ନବସୃଜନ, ଅନୁକୂଳନ ଏବଂ ବୃତ୍ତିଗତ କ୍ଷମତାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଥିଲେ। ଏହି ଅବସରରେ କର୍ମଚାରୀ ଏବଂ ତାଲିମ ବିଭାଗର ସଚିବ ରଚନା ଶାହ, କର୍ମଯୋଗୀ ଭାରତର ଅଧ୍ୟକ୍ଷ ସୁବ୍ରମଣ୍ୟମ ରାମାଦୋରାଇ, କ୍ଷମତା ନିର୍ମାଣ କମିଶନର ସଦସ୍ୟ (ପ୍ରଶାସନ) ଡକ୍ଟର ଅଳକା ମିତ୍ତଲ, ଦକ୍ଷତା ନିର୍ମାଣ କମିଶନର ସଦସ୍ୟ ଡକ୍ଟର ଆର. ବାଲାସୁବ୍ରମଣ୍ୟ ଏବଂ ଦକ୍ଷତା ବିକାଶ କମିଶନର ସଦସ୍ୟ ଏବଂ କର୍ମଯୋଗୀ ଭାରତର ସିଇଓ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସେଲ୍ ଅଧ୍ୟକ୍ଷ ପଦରୁ ଅମରେନ୍ଦୁ ପ୍ରକାଶଙ୍କ ଅଚାନକ ଇସ୍ତଫା



ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ରାଷ୍ଟ୍ରାୟତ୍ତ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ସିଏମ୍‌ଡି ଅମରେନ୍ଦୁ ପ୍ରକାଶ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ନିର୍ଦ୍ଦେଶକ (କାର୍ମିକ) କୃଷ୍ଣ କୁମାର ସିଂହଙ୍କୁ କମ୍ପାନୀର ଅତିରିକ୍ତ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ପ୍ରକାଶ ୨୦୨୩ ମେ' ୩୧ରେ ଏହି ପଦରେ ଯୋଗଦେଇଥିଲେ। ପିଇଏସ୍‌ବି ଏହି ପଦ ପାଇଁ ସେଲ୍‌ର ବର୍ତ୍ତମାନ ନିର୍ଦ୍ଦେଶକ (ଅର୍ଥ) ଅଶୋକ କୁମାର ପଣ୍ଡାଙ୍କ ନାମକୁ ସୁପାରିଶ କରିଛି। ଏହି ପଦବୀ ପାଇଁ ୧୦ ଜଣ ପ୍ରାର୍ଥୀଙ୍କ ସାକ୍ଷାତକାର ନିଆଯାଇଥିଲା।

## ଉତ୍ପାଦନ ଓ ବିକ୍ରିରେ ନାଲ୍‌କୋର ରେକର୍ଡ



ଭୁବନେଶ୍ୱର, ୨।୪ (ସମିସ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲ୍‌କୋ) ଆର୍ଥିକ ବର୍ଷ ୨୦୨୫-୨୬ ରେ କମ୍ପାନୀର ସମସ୍ତ ପୂର୍ବ ରେକର୍ଡକୁ ଅତିକ୍ରମ କରି ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ଉତ୍ପାଦନ ଓ ବ୍ୟବସାୟର ବିଭିନ୍ନ ଦିଗରେ କମ୍ପାନୀ ଅଭୂତପୂର୍ବ ସଫଳତା ହାସଲ କରିଛି । କମ୍ପାନୀ ୭୭.୦୧ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ୭୭.୦୭ ଲକ୍ଷ ଟନ୍ ବକ୍ସାଇଟ୍ ପରିବହନର ରେକର୍ଡ କରିଛି, ଠିକ୍ ସେହି ପରି ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ ୨୩ ଲକ୍ଷ ଟନ୍ ଏବଂ କାଲସାଇଣ୍ଡ ଆଲୁମିନା ଉତ୍ପାଦନ ୨୨.୭୫ ଲକ୍ଷ ଟନ୍ ରେ ପହଞ୍ଚିଛି। କାଷ୍ଟ ଧାତୁ ଉତ୍ପାଦନ ୪.୭୨ ଲକ୍ଷ ଟନ୍ ରେକର୍ଡ କରାଯାଇଛି, ଏହା ସହିତ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ୬,୯୫୩ ମିଲିୟନ ୟୁନିଟ ଏବଂ କୋଇଲା ଉତ୍ପାଦନ ୪୦ ଲକ୍ଷ ଟନ୍ ରେକର୍ଡ କରାଯାଇଛି। ନାଲ୍‌କୋ ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଅନୁଗୁଳରେ ଅନୁଷ୍ଠିତ ବାର୍ଷିକ ବ୍ୟବସାୟ ଯୋଜନା ରଣନୈତିକ ବୈଠକରେ କମ୍ପାନୀର ପ୍ରଦର୍ଶନ ସମୀକ୍ଷା କରିବା ସମୟରେ, ସମଗ୍ର ନାଲକୋ ପରିବାର ଏବଂ ଅଂଶୀଦାରମାନଙ୍କୁ ସେମାନଙ୍କର ପ୍ରତିବଦ୍ଧତା ଏବଂ ସାମୂହିକ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ସଫଳତା ଆମର କର୍ମଚାରୀମାନଙ୍କର ସମର୍ପଣ, ଶୃଙ୍ଖଳା ଏବଂ ସାମୂହିକ ଶକ୍ତିକୁ ପ୍ରତିଫଳିତ କରେ।

## ଭୀମ୍ ପେମେଣ୍ଟ୍‌ସ ଆପ୍ ପକ୍ଷରୁ 'ମାହି ୱେ' ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨।୪(ସମିସ): ଏନ୍‌ପିସିଆଇ ଭିମ ସର୍ଭିସେସ ଲିମିଟେଡ (ଏନବିଏସଏଲ) ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ୱଦେଶୀ ଡିଜିଟାଲ ପେମେଂଟ ପ୍ଲାଟଫର୍ମ ଭୀମ୍ ପେମେଣ୍ଟ ଆପ ପକ୍ଷରୁ ମାହି ୱେ ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହା ଭିମକୁ ଏକ ସ୍ୱଚ୍ଛ ଓ ଭରସାଯୋଗ୍ୟ ପେମେଣ୍ଟ ବିକଳ୍ପ ଭାବେ ଉପସ୍ଥାପନ କରିଛି,ଯାହା ଜରିଆରେ ତତ୍କାଳ ପେମେଣ୍ଟ ହୋଇଯାଉଛି। ଏହି ଅଭିଯାନରେ କିମ୍ବଦନ୍ତୀ କ୍ରିକେଟ ତାରକା ତଥା ବ୍ରାଣ୍ଡ ଆମ୍ବାସାଡର ମହେନ୍ଦ୍ର ସିଂହ ଧୋନୀଙ୍କୁ ନିଆଯାଇଛି ଯିଏ ନିଜର ଶାନ୍ତ ଓ ଭରସାଯୋଗ୍ୟ ବ୍ୟକ୍ତିତ୍ୱ ପାଇଁ ପରିଚିତି ହାସଲ କରିଛନ୍ତି। ଏହି ଅଭିଯାନର ଟ୍ୟାଗଲାଇନ ରହିଛି 'ଭୀମ୍ ଆପ ସେ କରୋ ପେ, ଇଟ୍ସ ମାହି ୱେ'। ଏଥିରେ ଲୋକମାନଙ୍କ ଦୈନନ୍ଦିନ ଜୀବନର କିଛି ଘଟଣାକୁ ନିଆଯାଇଛି ଯେଉଁଠାରେ ସେମାନେ ବିଭିନ୍ନ ପେମେଣ୍ଟ ବିକଳ୍ପ ସାମନା କରୁଛନ୍ତି, କିନ୍ତୁ କାରବାର ପାଇଁ ଏକ ସହଜ ଓ ଭରସାଯୋଗ୍ୟ ଉପାୟକୁ ପସନ୍ଦ କରୁଛନ୍ତି। ଏହି ସିନେମାରେ ଭିମର ସ୍କାନ ଆଣ୍ଡ ପେ ଅନୁଭୂତିକୁ ମଧ୍ୟ ପ୍ରଦର୍ଶନ କରାଯାଇଛି ଯେଉଁଥିରେ ତତ୍କାଳ ରିୱାର୍ଡର ସୁବିଧା ରହିଛି। ଏ ସମ୍ପର୍କରେ ଏନପିସିଆଇ ଭିମ ସର୍ଭିସେସ ଲିମିଟେଡର ଏମଡି ଓ ସିଇଓ ଲଳିତା ନଟରାଜନ କହିଛନ୍ତି ଯେ, 'ଭାରତରେ ଲୋକମାନେ କିଭଳି ଡିଜିଟାଲ ପେମେଂଟକୁ ଗ୍ରହଣ ଓ ବ୍ୟବହାର କରୁଛନ୍ତି ସେଥିରେ ବିଶ୍ୱାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ଆକ୍ସିସ ବ୍ୟାଙ୍କ ପକ୍ଷରୁ ମୋବାଇଲ ନମ୍ବର ଅପଡେଟ୍ ପାଇଁ ଆଧାର ଫେସ ଅଥେଣ୍ଟିକେଶନ୍

ମୁମ୍ବଇ, ୨।୪: ଦେଶର ଅନ୍ୟତମ ସର୍ବବୃହତ ଘରୋଇ ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ପକ୍ଷରୁ ଏହାର ମୋବାଇଲ ବ୍ୟାଙ୍କିଂ ଆପରେ ଆଧାର ଫେସ ଅଥେଣ୍ଟିକେଶନ ଜରିଆରେ ପଞ୍ଜୀକୃତ ମୋବାଇଲ ନମ୍ବର ଅପଡେଟ କରିବାର ସୁବିଧା ଆରମ୍ଭ କରାଯାଇଛି। ଏଥି ସହିତ ଭାରତର ଅଗ୍ରଣୀ ବ୍ୟାଙ୍କ ମଧ୍ୟରେ ପ୍ରଥମ ବ୍ୟାଙ୍କ ଭାବେ ଆକ୍ସିସ ବ୍ୟାଙ୍କ ପକ୍ଷରୁ ନିଜେ ମୋବାଇଲ ନମ୍ବର ଅପଡେଟ କରିବା ପାଇଁ ୟୁଆଇଡିଏଆଇର ଆଧାରା ଚେହେରା ପ୍ରମାଣୀକରଣ ସେବାକୁ କାର୍ଯ୍ୟକାରୀ କରାଯାଇଛି। ଏହି ନୂତନ ସେବା ଜରିଆରେ ଗ୍ରାହକମାନେ ଡିଜିଟାଲ ମାଧ୍ୟମରେ ଯେକୌଣସି ସମୟ ଓ ଯେକୌଣସି ସ୍ଥାନରେ ଏକ ସୁରକ୍ଷିତ ତିନି ସୋପାନ ବିଶିଷ୍ଟ ଆଧାର ଫେସ ଅଥେଣ୍ଟିକେଶନ ଜରିଆରେ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ଅପଡେଟ୍ କରିପାରିବେ। ଏହା ଗ୍ରାହକମାନଙ୍କୁ ଏକ ସୁବିଧାଜନକ ସେଲ୍ଫ ସର୍ଭିସ୍ ବିକଳ୍ପ ପ୍ରଦାନ କରୁଛି ଯାହା ମୋବାଇଲ୍ ନମ୍ବର ପଞ୍ଜୀକରଣକୁ ଅଧିକ ସହଜ ଓ ସୁରକ୍ଷିତ କରିପାରିଛି।

## ଆର୍‌ବିଆଇ ରିପୋର୍ଟ; ବ୍ୟାଙ୍କରେ ନଗଦ ସଙ୍କଟ

ନୂଆଦିଲ୍ଲୀ, ୨।୪ (ସମିସ): ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି। ବ୍ୟାଙ୍କ ଋଣ ଦ୍ରୁତ ଗତିରେ ବଢୁଛି, କିନ୍ତୁ ଜମା ସମାନ ଗତିରେ ବଢୁନାହିଁ। ବ୍ୟାଙ୍କରେ ମନ୍ଥର ଜମା ଅଭିବୃଦ୍ଧି ଏବେ ସରକାରଙ୍କ ଚିନ୍ତା ବଢାଇଛି। ବ୍ୟାଙ୍କ ଜମା କେବଳ ୧୧.୪% ହାରରେ ବୃଦ୍ଧି ପାଉଛି, ଯାହା ଋଣ ଅଭିବୃଦ୍ଧି ତୁଳନାରେ ଯଥେଷ୍ଟ କମ୍। ଏହି ବ୍ୟବଧାନ ଏବେ ଏକ ଚାପ ପାଲଟିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ସଦ୍ୟତମ ରିପୋର୍ଟରେ ଏହା ଦର୍ଶାଯାଇଛି।

ଅଣ-ଖାଦ୍ୟ ଋଣ ଅଭିବୃଦ୍ଧି ଫେବୃଆରୀ ୨୦୨୬ରେ ୧୫.୨% ରେ ପହଞ୍ଚିଛି, ଯାହା ପୂର୍ବ ମାସଗୁଡ଼ିକ ତୁଳନାରେ ଅଧିକ। ଯଦିଓ ଏହା ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ସାମାନ୍ୟ ହ୍ରାସ ପାଇ ୧୪.୬% ହୋଇଛି, ତଥାପି ଧାରା ସ୍ପଷ୍ଟ। ଋଣ ଚାହିଦା ଦୃଢ଼ ରହିଛି। ବ୍ୟାଙ୍କଗୁଡ଼ିକର କ୍ରେଡିଟ୍-ଡିପୋଜିଟ୍ ଅନୁପାତ ୮୧.୮% ର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଜମାର ଧୀର ଗତି ବ୍ୟାଙ୍କଗୁଡ଼ିକୁ ନୂତନ ରାସ୍ତା ଅନୁସନ୍ଧାନ କରିବାକୁ ବାଧ୍ୟ କରିଛି। ଜମା ପ୍ରମାଣପତ୍ର ଭଳି ଉପକରଣର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ମୋଟ ଜମାରେ ସେଗୁଡ଼ିକର ଅଂଶ ଏବେ ୨.୭% ରେ ପହଞ୍ଚିଛି, ଯାହା କିଛି ମାସ ପୂର୍ବେ ପ୍ରାୟ ୨% ଥିଲା। ଏହା ସୂଚାଇ ଦିଏ ଯେ ବ୍ୟାଙ୍କଗୁଡ଼ିକ ଆଉ କେବଳ ପାରମ୍ପରିକ ଜମା ଉପରେ ନିର୍ଭର କରିପାରିବେ ନାହିଁ। ଆଣ୍ଟିକ୍ ବ୍ରୋକେରେଜର ଏକ ରିପୋର୍ଟ ଅନୁଯାୟୀ, ଋଣରେ ଏହି ଅଭିବୃଦ୍ଧି କୌଣସି ଗୋଟିଏ କ୍ଷେତ୍ର ପର୍ଯ୍ୟନ୍ତ ସୀମିତ ନୁହେଁ। ଶିଳ୍ପ, ସେବା ଏବଂ ଖୁଚୁରା କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଶିଳ୍ପରେ ବଡ଼ କର୍ପୋରେଟ୍ ଋଣର ଗତି ତ୍ୱରାନ୍ୱିତ ହୋଇଛି, ଯାହା ସୂଚାଇ ଦିଏ ଯେ କମ୍ପାନୀଗୁଡ଼ିକ ପୁଣି ଥରେ ନିବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମଧ୍ୟ ଋଣ ଚାହିଦା ଅଧିକ ରହିଛି। ସେବା କ୍ଷେତ୍ରରେ, ବିଶେଷକରି ଏନ୍‌ବିଏଫ୍‌ସିଗୁଡ଼ିକୁ ଋଣ ଯୋଗାଣରେ ଏକ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି, ଯାହା ପାଣ୍ଠିର ବର୍ଦ୍ଧିତ ଆବଶ୍ୟକତାକୁ ପ୍ରତିଫଳିତ କରୁଛି। ଖୁଚୁରା ଋଣରେ ମଧ୍ୟ ଭଲ ଅଭିବୃଦ୍ଧି ଦେଖାଯାଇଛି,

### ଦ୍ରୁତ ଗତିରେ ବଢୁଛି ଋଣ
### ଚିନ୍ତା ବଢ଼ାଉଛି ଜମା ଅଭିବୃଦ୍ଧି
### ସୁନା ଋଣରେ ବାର୍ଷିକ ୧୦୦%ରୁ ଅଧିକ ବୃଦ୍ଧି




କିନ୍ତୁ ସୁନା ଋଣରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବୃଦ୍ଧି ଦେଖାଯାଇଛି। ଏହା ବାର୍ଷିକ ୧୦୦%ରୁ ଅଧିକ ବୃଦ୍ଧି ରେକର୍ଡ କରିଛି। ବିପରୀତରେ, ଗୃହ ଋଣ ବୃଦ୍ଧି ସ୍ଥିର ରହିଛି ଏବଂ ଯାନବାହନ ଋଣରେ ମଧ୍ୟ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହି ଧାରା ଏହା ମଧ୍ୟ ଦର୍ଶାଉଛି ଯେ ଲୋକମାନେ ଲିକ୍ୟୁଡିଟି ପାଇଁ ସୁନା ବ୍ୟବହାର କରୁଛନ୍ତି।

୨୦୨୫ ଡିସେମ୍ବରରେ ସୁଧ ହାର ହ୍ରାସର ପ୍ରଭାବ ଏବେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ବ୍ୟାଙ୍କଗୁଡିକ ପାଇଁ ଋଣ ରିଟର୍ଣ୍ଣ ଏବଂ ଜମା ସୁଧ ହାର ମଧ୍ୟରେ ବ୍ୟବଧାନ ହ୍ରାସ ପାଇଛି। ଘରୋଇ ବ୍ୟାଙ୍କଗୁଡିକ ଏଥିରେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି। ଏହାର ଅର୍ଥ ହେଉଛି ବ୍ୟାଙ୍କଗୁଡିକର ଆୟ ଉପରେ ଚାପ ବୃଦ୍ଧି ପାଉଛି, କାରଣ ସେମାନଙ୍କୁ କମ୍ ମାର୍ଜିନ୍ ସହିତ କାର୍ଯ୍ୟ କରିବାକୁ ପଡୁଛି। ଜମା ସଂଗ୍ରହ ପାଇଁ ବ୍ୟାଙ୍କଗୁଡିକ ମଧ୍ୟରେ ପ୍ରତିଯୋଗିତା ତୀବ୍ର ହୋଇଛି। ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ନୂତନ ସ୍ଥାୟୀ ଜମା ହାର ବୃଦ୍ଧି କରାଯାଉଛି। ପିଏସୟୁ ବ୍ୟାଙ୍କଗୁଡିକ ହାରାହାରି ୧୩ ବେସିସ୍ ପଏଣ୍ଟ ଏବଂ ଘରୋଇ ବ୍ୟାଙ୍କଗୁଡିକ ପ୍ରାୟ ୭ବେସିସ୍ ପଏଣ୍ଟ ବୃଦ୍ଧି କରିଛନ୍ତି। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ବ୍ୟାଙ୍କଗୁଡିକ ପାଇଁ ପାଣ୍ଠି ସଂଗ୍ରହ ଅଧିକ ମହଙ୍ଗା ହୋଇଯାଉଛି। ରିପୋର୍ଟ ଅନୁଯାୟୀ, ୨୦୨୭ ଆର୍ଥିକବର୍ଷରେ ଋଣ ବୃଦ୍ଧି ୧୩% ରୁ ୧୩.୫% ମଧ୍ୟରେ ରହିବ ବୋଲି ଆଶା କରାଯାଉଛି। ତଥାପି, ବିଶ୍ୱ ଅନିଶ୍ଚିତତା, ବିଶେଷକରି ପଶ୍ଚିମ ଏସିଆରେ ଉତ୍ତେଜନା ଏହି ଗତିକୁ ପ୍ରଭାବିତ କରିପାରେ। ସାମଗ୍ରିକ ଚିତ୍ରକୁ ଦେଖିଲେ, ଏହା ସ୍ପଷ୍ଟ ଯେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଋଣ ଚାହିଦା ଦୃଢ଼ ରହିଛି, ଯାହା ଅର୍ଥନୀତି ପାଇଁ ଭଲ। ତଥାପି, ଜମା ଅଭିବୃଦ୍ଧିକୁ ଧୀର କରିବା, ଖର୍ଚ୍ଚ ବୃଦ୍ଧି ଏବଂ ମାର୍ଜିନ୍ ହ୍ରାସ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଯଦିଓ ସିଷ୍ଟମଟି ବର୍ତ୍ତମାନ ପାଇଁ ସୁରୁଖୁରୁରେ କାର୍ଯ୍ୟ କରୁଥିବା ପରି ମନେ ହେଉଛି, ଆଭ୍ୟନ୍ତରୀଣ ଚାପ ବୃଦ୍ଧି ପାଉଛି।

# ଗୋ-ମାଂସ ସନ୍ଦେହରେ କଣ୍ଟେନର ଜବତ

ଗାଡ଼ି ଓଲଟାଇଲେ ଉତ୍ତ୍ୟକ୍ତ ଯୁବଗୋଷ୍ଠୀ
୬୫ ନଂ ରାଜ୍ୟ ରାଜପଥ ଅବରୋଧ
ଡ୍ରାଇଭର ଓ ସହାୟକଙ୍କୁ ନିସ୍ତୁକ ମାଡ଼
ଘଟଣାସ୍ଥଳରେ ପୁଲିସ ସହ ଧସ୍ତାଧସ୍ତି

ତିଗିରିଆ,୨।୪(ସମିସ): ତିଗିରିଆ ଥାନା ଅଧୀନ ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ବିନ୍ଧାଣିମା ବାଇପାସ୍‌ଠାରେ ଗୁରୁବାର ସକାଳେ ଏକ ମାଂସ ବୋଝେଇ କଣ୍ଟେନରକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଗୋ-ମାଂସ ଚାଲାଣ କରାଯାଉଥିବା ସନ୍ଦେହରେ ସ୍ଥାନୀୟ ଯୁବଗୋଷ୍ଠୀ ଗାଡ଼ିକୁ ଜବତ କରିବା ସହ ରାଜପଥ ଅବରୋଧ କରିବାରୁ ଦୀର୍ଘ ସମୟ ଧରି ସେଠାରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଯୁବଗୋଷ୍ଠୀଙ୍କ ଅଭିଯୋଗ ଅନୁଯାୟୀ, ନରସିଂହପୁର ଥାନା ଅଧୀନ ଚମ୍ପେଶ୍ୱର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧ ଗୋ-ହତ୍ୟା କରାଯାଇ ମାଂସ ବାହାରକୁ ଚାଲାଣ କରାଯାଉଛି। ଏହି ସୂଚନା ପାଇ କିଛି ଯୁବକ ଗାଡ଼ିଟିକୁ ବଡ଼ମ୍ବା ଅଞ୍ଚଳରୁ ପିଛା କରିଥିଲେ। ଡ୍ରାଇଭର ଗାଡ଼ିଟିକୁ ଦ୍ରୁତ ଗତିରେ ନେଇ ବଡ଼ମ୍ବା ଓ ମାଣିଆବନ୍ଧ ଥାନା ଅତିକ୍ରମ କରିବାରେ ସଫଳ ହୋଇଥିଲେ ହେଁ, ବିନ୍ଧାଣିମା ହନୁମାନ ମନ୍ଦିର ନିକଟ ହମ୍ପସରେ ଗତି କମିବା ବେଳେ ଯୁବକମାନେ ତାକୁ ମାଡ଼ି ବସିଥିଲେ। ଉତ୍ତ୍ୟକ୍ତ ଯୁବକମାନେ କଣ୍ଟେନରର ଡ୍ରାଇଭର ଓ ସହାୟକଙ୍କୁ ଗାଡ଼ିରୁ ଟାଣି ଆଣି ପ୍ରବଳ ମାଡ଼ ମାରିବା ସହ ଗାଡ଼ିଟିକୁ ରାସ୍ତା ଉପରେ ଓଲଟାଇ ଦେଇଥିଲେ। ଏପରିକି ଗାଡ଼ିରେ ନିଆଁ ଲଗାଇବା ପାଇଁ ଚେଷ୍ଟା କରାଯାଉଥିବା ବେଳେ ପୁଲିସ ସେମାନଙ୍କୁ ନିବୃତ୍ତ କରିଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଯୁବକ ଓ ପୁଲିସ ମଧ୍ୟରେ ଟଣାଓଟରା ଓ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଅଞ୍ଚଳର ଶତାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି ପ୍ରଶାସନିକ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ପାଇ କଟକ ଗ୍ରାମାଞ୍ଚଳ ଏସପି ପ୍ରଦୀପ କୁମାର ସାହୁ, ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା, ତହସିଲଦାର ଧର୍ମ ରଞ୍ଜନ ପଣ୍ଡା ଓ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଉପଯୁକ୍ତ ତଦନ୍ତର ପ୍ରତିଶ୍ରୁତି ପାଇବା ପରେ ପରିସ୍ଥିତି କିଛିଟା ଶାନ୍ତ ପଡ଼ିଥିଲା। ପଶୁ ଚିକିତ୍ସା ଅଧିକାରୀ ରାଜେଶ୍ୱରୀ ଦାସ ଜବତ ମାଂସର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ତିଗିରିଆ ପୁଲିସ ଗାଡ଼ିଟିକୁ ଉଦ୍ଧାର କରିବା ସହ ଡ୍ରାଇଭର ଓ ସହାୟକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଜବତ ମାଂସ ପ୍ରକୃତରେ କେଉଁ ପଶୁର, ତାହା ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।



## ୧୫ ଘଣ୍ଟା ପରେ ହଟିଲା ଦୁର୍ଘଟଣାଗ୍ରସ୍ତ ଟ୍ରକ୍

ନିଶ୍ଚିନ୍ତକୋଇଲି, ୨।୪ (ସମିସ): ନିଶ୍ଚିନ୍ତକୋଇଲି ପୁଲିସ ଓ ପ୍ରଶାସନର ଚରମ ଅବହେଳା ଯୋଗୁଁ କଟକ-ଚାନ୍ଦବାଲି ମୁଖ୍ୟ ରାଜପଥରେ ଯାତାୟାତ ୧୫ ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଛି। ଥାନାଠାରୁ ମାତ୍ର ୩୦୦ ମିଟର ଦୂର ବାହାବଳପୁର ଛକ ନିକଟରେ ଏକ ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ ଦୀର୍ଘ ସମୟ ଧରି ରାସ୍ତା ମଝିରେ ପଡ଼ିରହିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଏକ ୧୬ ଚକିଆ କୋଇଲା ବୋଝେଇ ଟ୍ରକ (ଓଡି ୨୯ ଏଫ ୭୯୩୫) ଦ୍ରୁତ ଗତିରେ ପାରାଦୀପ ଯାଉଥିବା ବେଳେ ଅନ୍ୟ ଏକ ସିମେଣ୍ଟ ବୋଝେଇ ଟ୍ରକ (ଓଡି ୦୪ କ୍ୟୁ ୪୩୨୪)କୁ ଓଭରଟେକ କରିବା ସମୟରେ ପଛପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କୋଇଲା ବୋଝେଇ ଟ୍ରକର ହେଲପର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଉଭୟ ଗାଡ଼ିର ବହୁ କ୍ଷତି ଘଟିଛି। ରାଜପଥରେ ୧୬ ଚକିଆ ଭାରୀଯାନ ଚଳାଚଳ ଉପରେ କଟକଣା ଥିଲେ ମଧ୍ୟ ଟୋଲ ଗେଟ୍ ଫି ଫାଙ୍କିବା ପାଇଁ ଅନେକ ଗାଡ଼ି ଏହି ରାସ୍ତା ଦେଇ ବେଆଇନ ଭାବେ ଯାତାୟାତ କରୁଛନ୍ତି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ରାସ୍ତା ମଝିରେ ଗାଡ଼ି ଓ କୋଇଲା ପଡ଼ି ରହିଥିଲେ ମଧ୍ୟ ପୁଲିସ ତାହାକୁ ହଟାଇବାକୁ କୌଣସି ପଦକ୍ଷେପ ନେଇ ନ ଥିଲା। ପରିଶେଷରେ ଗୁରୁବାର ସନ୍ଧ୍ୟାରେ ଟ୍ରକ ମାଲିକ ଜେସିବି ଲଗାଇ ଗାଡ଼ିଟିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ବର୍ତ୍ତମାନ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ରାମଚନ୍ଦ୍ର ଜିଲ୍ଲା କଂଗ୍ରେସ ଉପସଭାପତି



କନ୍ଦରପୁର,୨।୪(ସମିସ): କଟକ ଜିଲ୍ଲା କଂଗ୍ରେସ କମିଟିରେ ଉପସଭାପତି ଭାବେ ଦାୟିତ୍ୱ ନେଇଛନ୍ତି କଟକ ସଦର ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ରାମଚନ୍ଦ୍ର ଗୋଛାୟତ। ଶ୍ରୀ ଗୋଛାୟତ ପୂର୍ବରୁ ବ୍ଲକ୍ କଂଗ୍ରେସ ସଭାପତି ରହିବା ସହ ବିଧାୟକ ପ୍ରାର୍ଥୀ ମଧ୍ୟ ହୋଇଥିଲେ। ତାଙ୍କର ଏହି ନିଯୁକ୍ତି ପାଇଁ ଶ୍ରୀ ଗୋଛାୟତ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲା କଂଗ୍ରେସକୁ ଅଧିକ ମଜବୁତ୍ କରିବା ସହ ଲୋକଙ୍କ ସମସ୍ୟାକୁ ନେଇ ଜିଲ୍ଲା କଂଗ୍ରେସ ଆଗକୁ ଲୋକଙ୍କ ସ୍ୱର ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି।

## ପଦ୍ମଶ୍ରୀ ଶରତ ପାତ୍ରଙ୍କୁ ସମ୍ବର୍ଦ୍ଧନା



ତିଗିରିଆ,୨।୪(ସମିସ): ଓଡ଼ିଶା ଦିବସ ଅବସରରେ କଟକର 'ଉତ୍କଳ ତସ୍ରିକା' ମହିଳା ସଙ୍ଗଠନର (ଓଡିଶା ହସ୍ତତନ୍ତ ପ୍ରଚାର ଓ ପ୍ରସାର ଅଭିଯାନ) ତରଫରୁ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନପ୍ରାପ୍ତ ତଥା ଓଡିଶା ହସ୍ତତନ୍ତ ଜଗତକୁ ଗୌରବ ଆଣିଥିବା ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଗ୍ରାମର ଶରତ କୁମାର ପାତ୍ରଙ୍କୁ ସଂଗଠନର ସଦସ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। 'ଉତ୍କଳ ତସ୍ରିକା' ମହିଳା ସଂଗଠନ ବହୁବର୍ଷ ଧରି ଓଡିଶା ହସ୍ତତନ୍ତ ବୁଣାକାରଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେଇ ଆସୁଛି।

## ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ବୈଠକ



ନିଶ୍ଚିନ୍ତକୋଇଲି,୨।୪(ସମିସ): କଟକ ଜିଲ୍ଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଚୟନ ପରେ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ଅଣ୍ଟା ଭିଡ଼ିଛି ଜିଲ୍ଲା କଂଗ୍ରେସ। ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ବ୍ଲକ ତରତ ପଞ୍ଚାୟତ ଦାମୋଦରପୁରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ବ୍ଲକ ସଭାପତି ଓ ଜିଲ୍ଲା କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଜିଲ୍ଲା ସଭାପତି ଶ୍ରୀ ଦାସ କର୍ମକର୍ତ୍ତାମାନଙ୍କୁ ବୁଥ୍ ସ୍ତରରେ ସଂଗଠନକୁ ସକ୍ରିୟ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ନୂତନ ଭାବେ ଗଠିତ ଆଞ୍ଚଳିକ ଦଳ "ଓଡ଼ିଶା ଜନତା କଂଗ୍ରେସ' ପ୍ରସଙ୍ଗରେ ସେ କହିଥିଲେ ଯେ ଯେଉଁମାନେ କଂଗ୍ରେସ ଛାଡ଼ିଛନ୍ତି ସେମାନେ କେବେ ବି ସଚ୍ଚା କର୍ମୀ ନ ଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା ସଭାପତି ଅକ୍ଷୟ କାପ, କଟକ ସଦର ସଭାପତି ସୀତାକାନ୍ତ ପଣ୍ଡା, କଣ୍ଟାପଡ଼ା ସଭାପତି ପ୍ରଦ୍ୟୁମ୍ନ ଖଟୋଇ, ନରସିଂହପୁର ସଭାପତି ସଚିଦାନନ୍ଦ ନାୟକ, ନିଆଳି ସଭାପତି କେଦାରନାଥ ସାହୁ ଏବଂ ମାହାଙ୍ଗା ସଭାପତି ଦୀପକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁକାନ୍ତ ନନ୍ଦ, ବଂଶୀଧର ବେହେରା ଓ ବାନାମ୍ବର ଚାନ୍ଦଙ୍କ ସମେତ ବହୁ ନବନିର୍ବାଚିତ କର୍ମକର୍ତ୍ତା ଦଳୀୟ ରଣନୀତି ଉପରେ ଆଲୋଚନା କରିଥିଲେ।

## ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ତିଗିରିଆ,୨।୪(ସମିସ): ଗତ ଶନିବାର ଅନୁଷ୍ଠିତ ତିଗିରିଆ ଆଇନଜୀବୀ ସଂଘର ନିର୍ବାଚନରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ତିଗିରିଆ ଜେଏମଏଫସି କୋର୍ଟ ପରିସରସ୍ଥିତ ଆଇନଜୀବୀ ସଂଘ ଗୃହରେ ନିର୍ବାଚନ ଅଧିକାରୀ ଆଇନଜୀବୀ ସୁରେଶ ପ୍ରଧାନ ସଭାପତି ପ୍ରଶାନ୍ତ ପଟ୍ଟନାୟକ, ସମ୍ପାଦକ ତନ୍ମୟ କୁମାର ମିଶ୍ର, ଉପସଭାପତି ଶ୍ରୀକାନ୍ତ ସାହୁ, ସହ ସମ୍ପାଦକ ଅର୍ଚ୍ଚନା ସିଂହ ସାମନ୍ତ, ଏକଜିକ୍ୟୁଟିଭ ବଡ଼ିର ସଭ୍ୟ ଗିରିଜା ପ୍ରସାଦ ପଟ୍ଟନାୟକ, ଇଭା ପଣ୍ଡା, ସଞ୍ଜୟ ଦାସଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଜୟ ବେହେରା ଓ ତିଗିରିଆ ଓକିଲ ସଂଘର ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ।

## ଶିକ୍ଷାକେନ୍ଦ୍ରରେ ପ୍ରବେଶ ଉତ୍ସବ



ଟାଙ୍ଗୀ,୨।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ସୁବାସଚନ୍ଦ୍ର ବେହେରା ଓ ମଧୁସୂଦନ ସାହୁ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ସଚେତନ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ୩୫ ଜଣ ନୂତନ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀଙ୍କୁ ବନ୍ଦାପନା କରାଯାଇ ଉପହାର ଦିଆଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରୁବୀ ବେହେରା ଧନ୍ୟବାଦ ଦେଇଥିବାବେଳେ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମାରୁଗୋଠ-ବଡ଼ଭୂଇଁ ରାସ୍ତା କାମ ନିମ୍ନମାନର

ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଆଠଗଡ଼,୨।୪(ସମିସ): ଆଠଗଡ଼ ବ୍ଲକର ମାରୁଗୋଠ ଛକରୁ ବଡ଼ଭୂଇଁ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଆଠଗଡ଼-ନରସିଂହପୁର ରାଜ୍ୟ ରାଜପଥ ସହ ସଂଯୋଗ କରୁଥିବା ଏହି ରାସ୍ତାଟି ବର୍ତ୍ତମାନ "ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ରେ ନବୀକରଣ କରାଯାଉଛି। ତେବେ କାମରେ ବ୍ୟାପକ ଅନିୟମିତତା ହେଉଥିବା ଦର୍ଶାଇ ଗ୍ରାମବାସୀ ଶୋଭାଯାତ୍ରାରେ ଆସି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାମରେ ଆବଶ୍ୟକ ପରିମାଣର ମେଟାଲ ଓ ଚିପ୍ସ ବ୍ୟବହାର କରା ନ ଯାଇ ଅତ୍ୟଧିକ କ୍ରସର ଗୁଣ୍ଡ ବ୍ୟବହାର କରାଯାଉଛି। ପିଚୁ କାମ ଏତେ ନିମ୍ନମାନର ଯେ ହାତ ମାରିଲେ ପିଚୁ ସ୍ତର ଉଠିଯାଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଯାଞ୍ଚ କରି କାମର ମାନ ଠିକ୍ ନ ଥିବା ସ୍ୱୀକାର କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗୁରୁବାର ବଡ଼ଭୂଇଁ ଦଳ ଗ୍ରାମର ବହୁ ଅଧିବାସୀ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ ଶର୍ମା ଘଟଣାର ବିଭାଗୀୟ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲ୍ଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ
















### ଆଠଗଡ଼ ବିଜୁ ଯୁବ-ଛାତ୍ର ଜନତା ଦଳ

ଆଠଗଡ଼,୨।୪(ସମିସ): ଆଠଗଡ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଆଠଗଡ ସ୍ଥିତ ସୂର୍ଯ୍ୟଭବନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଆଠଗଡ ବିଜୁ ଜନତା ଦଳର ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଉପସଭାପତି ନୃସିଂହ ଚରଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡା, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ବରିଷ୍ଠ ନେତା ରମେଶ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ ଓଡିଶା ଗଠନର ବିନ୍ଧାଣିମାନଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରରିପେକ୍ଷୀରେ ବିଜୁ ଜନତା ଦଳର ବହୁ କର୍ମୀ ଓ ନିର୍ବାଚିତ ଜନପ୍ରତିନିଧୀମାନେ ଉପସ୍ଥିତ ଥିଲେ।

### ଆଠଗଡ଼ ମାର୍ଶଲ ଆର୍ଟ ଏକାଡେମୀ

ଆଠଗଡ଼ ମାର୍ଶଲ ଆର୍ଟ ଏକାଡେମୀ ଓ କଟକ ଜିଲ୍ଲା କ୍ୱାନ କି-ଡୋ ଆସୋସିଏସନ, ଆଠଗଡ଼ର ସହାୟତାରେ ପବିତ୍ର ଉତ୍କଳ ଦିବସ ଅବସରରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଡା. ମାନସ କୁମାର ପାଣି, ଆସୋସିଏସନର କ୍ରୀଡାବିତ ସାଇ ଜିଗ୍ନେଶ ନାଥ, ଆୟୁଷ ରଞ୍ଜନ ସାହୁ, ସ୍ମରଣିକା ସ୍ୱାଇଁ, ରାମ ପ୍ରକାଶ ସାହୁ, ସୋନାଲି ସେଠି, ଜୟଦେବ ପଟ୍ଟନାୟକ, ଆୟୁଷ ମହାପାତ୍ର ଏବଂ ଆସୋସିଏସନର ସଭ୍ୟ ବଦ୍ରିନାରାୟଣ ବାହିନୀପତି, ଶ୍ୟାମ ପ୍ରସାଦ ପଣ୍ଡା, ରାହୁଲ ଜେନା, ଶିଶିର ପ୍ରସାଦ ମାନସିଂ, ରାକେଶ ଚନ୍ଦ୍ର ଦାଶ, ପ୍ରତ୍ୟୁଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ସୁଭଦ୍ରା ମହତାବ କଲେଜ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରଠାରେ ଥିବା ସୁଭଦ୍ରା ମହତାବ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୯୦ତମ ଉତ୍କଳ ଦିବସ ପାଳିତ ହୋଇଛି। ସେବା ଯୋଜନାର କାର୍ଯ୍ୟକ୍ରମ ପରିଚାଳକ ଅଧ୍ୟାପକ ସୁଧୀର ଦାସଙ୍କ ସଂଯୋଜନାରେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ସୁପ୍ରଭା ପରିଡା ମଧୁବାବୁ, ଗୋପବନ୍ଧୁ, ହରେକୃଷ୍ଣ ମହତାବ, ଗୌରୀଶଙ୍କର ରାୟ ଆଦି ବରପୁତ୍ରମାନଙ୍କ ତୈଳଚିତ୍ରରେ ଭକ୍ତିଅର୍ଘ୍ୟ ସ୍ୱରୂପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମାକାନ୍ତ ସାମଲ, ବିଜୟ ପରିଡା, ଲୋଲୁପ ଚନ୍ଦ୍ର ମହାରଣା, ସୁବାଷ ଚନ୍ଦ୍ର ବେହେରା, ଦୀପକ ଜେନା, ବିଶ୍ୱଜିତ୍ ମଲିକ, କର୍ମଚାରୀ ରାଜେନ୍ଦ୍ର ପ୍ରସାଦ ଦାସ, ଧୂଳେଶ୍ୱର ପରିଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ସୁଧୀର ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ପିପି କଲେଜ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରହିତ୍ୟରେ କଲେଜ ସଭା ଗୃହରେ ଏପ୍ରିଲ ୧ ଉପଲକ୍ଷେ ଉତ୍କଳ ଦିବସ ପାଳିତ ହୋଇଛି। ଓଡିଶାର ସ୍ୱାଭିମାନ ଓ ଆମ ଭାଷା ସଂକ୍ରାନ୍ତ ଏକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ହୃଦୟାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଲକ୍ଷ୍ମଣ ଦାଶ, ମୁଖ୍ୟବକ୍ତା ଭାବେ କଲେଜର ପ୍ରଶାସନିକ ଅଧିକାରୀ ଡ. ପଦ୍ମଲୋଚନ ରାଉତ, ସମ୍ମାନୀତ ଅତିଥି ଭାବେ ଭାଷା, ସାହିତ୍ୟ ବିଭାଗର ଅଧ୍ୟାପିକ କବିତା ଷଡଙ୍ଗୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର, ଶିକ୍ଷକ ଅଭୟ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଦେବଯାନୀ ସିହ୍ନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ. ପୁଷ୍ପଲତା ବେହେରା ଧନ୍ୟବାଦ ଦେଇଥିଲେ।

### ଆଞ୍ଚଳିକ ଟାଇଗର କ୍ଲବ

ଭଦ୍ରେଶ୍ୱର: ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ମାହାଙ୍ଗା ଆଞ୍ଚଳିକ ଟ୍ରାଇଗର କ୍ଲବ କୁଆଁପାଳ ଆନୁକୂଲ୍ୟରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କ୍ୟାପିଟାଲ ଫ୍ରେଣ୍ଡର୍ସ ଆସୋସିଏସନର ମୁଖ୍ୟ ଓ ସତ୍ୟମ ଶିବମ ସୁନ୍ଦରମ ପତ୍ରିକାର ସମ୍ପାଦକ ଇଂ ଜିତେନ କୁମାର ରାଉତରାୟ ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ମହିମା ଗବେଷକ ଡ. ଏକାଦଶୀ ପ୍ରଧାନ, ବିଶିଷ୍ଟ ଅତିଥିରୂପେ କବୟିତ୍ରୀ ଲବଙ୍ଗଲତା ରାଉତ, ମୁଖ୍ୟବକ୍ତାରୂପେ ଆଶୁକବି ଡମ୍ବରୁଧର ପରିଡା, ବିଶିଷ୍ଟ ବକ୍ତା ରୂପେ ସୁସାହିତ୍ୟିକ ପ୍ରଶାନ୍ତ କୁମାର କର, ସମାଜସେବୀ ପ୍ରଶାନ୍ତ ପଟ୍ଟନାୟକ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ କ୍ରୀଡା ଓ ଯୋଗ ସମ୍ପାଦକ ଜୟଦେବ ମୁଦୁଲି ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମହିମା ଧର୍ମ ଗବେଷକ ଡ. ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବିଦୁଷୀ ଲବଙ୍ଗଲତା ରାଉତଙ୍କ ପୁସ୍ତକ ସ୍ୱପ୍ନ ବିଳାଶିନୀ ମାହାଙ୍ଗା ଉନ୍ମୋଚିତ ହୋଇଥିଲା। ଶେଷରେ କ୍ଲବର ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ତୁଷାର ଦାସଙ୍କ ସମେତ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ପୂର୍ଣ୍ଣ ସହଯୋଗ କରିଥିଲେ।

### ଗୋପାଳପୁର

ମାହାଙ୍ଗା: ମାହାଙ୍ଗା ବ୍ଲକ ପଲ୍ଲିସାହୀ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଠାରେ ଉତ୍କଳ ଗୌରବ ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦ ପକ୍ଷରୁ ୫୨ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ଗାନ୍ଧୀବାଦି ସମାଜସେବୀ ସରୋଜ ବନ୍ଧୁ ଦାଶ, ମୁଖ୍ୟ ବକ୍ତା ଭାବେ ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥିଭାବେ ସୁଶିଲ ଶରଣ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାଗ୍ୟଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ନାୟକ, ଗୋପାଳ ଦାସ, ଚିତ୍ତରଞ୍ଜନ ନାୟକ, ସଚ୍ଚିଦାନନ୍ଦ ଶରଣ, ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ହିମାଂଶୁ ଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଚୌଧୁରୀ କ୍ଷୀରୋଦ କୁମାର ଶରଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗାନ୍ଧୀବାଦି ଶତାୟୁ ନେତା ସରୋଜବନ୍ଧୁ ଦାଶଙ୍କୁ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବରିଷ୍ଠ ନାଗରିକ ପରିଷଦ

ଟାଙ୍ଗୀ: ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଠାରେ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ପୁରାତନ ଛାତ୍ର ସଂଘ ପାଠାଗାର ପରିସରରେ ବୁଧବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସରସ୍ୱତୀ ବିଦ୍ୟା ମନ୍ଦିର ଓ ନିଗମାନନ୍ଦ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଦ୍ୱାରା ମହିମା ଅଲେଖ ଟୁଙ୍ଗି ଠାରୁ ପାଠାଗାର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ପାଠାଗାର ପରିସରରେ ସୁରେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିଜୟ ସାହୁ, ଶରତ ନାୟକ, ବିଭୂଦେନ୍ଦ୍ର ଷଡ଼ଙ୍ଗୀ, ଅଭିମନ୍ୟୁ ଗୋଛାୟତ ଓ ଅରକ୍ଷିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ଓ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଶୋକ ପୃଷ୍ଟି ଅତିଥି ପରିଚୟ ଦେଇଥିବାବେଳେ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ନାୟକ, ଭୀମସେନ ମହାନ୍ତି, ଚନ୍ଦ୍ରମୋହନ ସାହୁ, ବିନୋଦ ବେହେରା, ଶିବରାମ ଦାସ, ଧନେଶ୍ୱର ସାହୁ, ଭାଗ୍ୟଧର ସେଠୀ, ଭରତ ସାହୁ, ରାଜକିଶୋର ନାୟକ ଓ ଶାରଦା ମହାନ୍ତିଙ୍କ ସମେତ ବରିଷ୍ଠ ନାଗରିକ ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ।



ମହାପ୍ରଭୁଙ୍କ ଚାପ ଖେଳ ପାଇଁ ନରେନ୍ଦ୍ର ପୁଷ୍କରିଣୀରୁ ଡଙ୍ଗା ବାହାର କରାଯାଉଛି

## ଏପ୍ରିଲ ୨୦ରେ ଚନ୍ଦନ ଯାତ୍ରା

# ନରେନ୍ଦ୍ରରୁ କଢ଼ାଗଲା ୫ ଡଙ୍ଗା

ପୁରୀ, ୨।୪(ସମିସ): ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ ମହାପ୍ରଭୁ। ତେଣୁ ଠାକୁରଙ୍କ ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ପରମ୍ପରା ମୁତାବକ, ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ଡଙ୍ଗା (୨ଟି ଲେଖାଏଁ ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଚାପ ଓ ଅନ୍ୟଟି ବୈଜୟନ୍ତୀ)କୁ ଚୈତ୍ର ପୂର୍ଣ୍ଣିମାରେ ଗୁରୁବାର ଭୋଇ ସେବକମାନେ ଉପରକୁ କାଢ଼ିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୩୫ଜଣ ଭୋଇ ସେବକ ପ୍ରାୟ ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରି ଡଙ୍ଗାଗୁଡ଼ିକୁ ପାଣି ଭିତରୁ ବାହାର କରିଛନ୍ତି।

ଏ ସମ୍ପର୍କରେ ଭୋଇ ସର୍ଦ୍ଦାର କୁହନ୍ତି, ଚନ୍ଦନ ଯାତ୍ରା ଶେଷ ହେବା ପରେ ୨ଟି ଚାପିକୁ ଖୋଲି ୪ଟି ଡଙ୍ଗାକୁ ଅଲଗା କରାଯାଇଥିଲା। ଚନ୍ଦନ ଯାତ୍ରାରେ ସାମିଲ୍ ୫ଟି ଯାକ ଡଙ୍ଗାକୁ ନରେନ୍ଦ୍ରରେ ବୁଡ଼ାଇ ରଖାଯାଏ। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଡଙ୍ଗାଗୁଡ଼ିକୁ ବାହାର କରାଯାଇ ନରେନ୍ଦ୍ର ପୁଷ୍କରିଣୀ କଡ଼ରେ ରଖାଯାଏ। ଶୁଖିଯିବା ପରେ ସେଥିରେ ଆବଶ୍ୟକ ମରାମତି ସହ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ମିଶ୍ରଣ (ପିଚୁ ରାଳ, ଝୁଣାକୁ ଗରମ କରାଯାଇ)ର ପ୍ରଲେପ ଦିଆଯିବ। ଯାହା ଫଳରେ କାଠରେ ନିର୍ମିତ ଡଙ୍ଗାଟି ବର୍ଷେ ଜଳ ରାଶି ଭିତରେ ରହିଲେ ବି କାଠର କିଛି ଅସୁବିଧା ହୁଏ ନାହିଁ। ଚନ୍ଦନ ଯାତ୍ରାର ୪/୫ଦିନ ପୂର୍ବରୁ ଚାପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ବିଶ୍ୱକର୍ମାମାନେ ଚାପ ନିର୍ମାଣ କରନ୍ତି। ଦୁଇଟି ଡଙ୍ଗାକୁ ନେଇ ଗୋଟିଏ ଗୋଟିଏ ଚାପ ପ୍ରସ୍ତୁତ ହୁଏ। ଦୁଇ ଚାପ ନନ୍ଦା ଓ ଭଦ୍ରା ଆଗରେ ବୈଜୟନ୍ତୀ ଡଙ୍ଗା ରହିଥାଏ। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଅବସ୍ଥାନ କରନ୍ତି। ଭଦ୍ରା ଚାପରେ ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରି ଚାପ ଖେଳିଥା'ନ୍ତି। ବୈଜୟନ୍ତୀରେ ତେଲିଙ୍ଗୀ ବାଜା ବଜାଯାଏ।

## ଖାନୁଆ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ

# ବିଜେଡି ସମର୍ଥିତ ପ୍ରାର୍ଥୀ ସୁରେନ୍ଦ୍ର ସିଂ ବିଜୟୀ

ବଡ଼ସାହି, ୨।୪(ସମିସ): ମାର୍ଚ୍ଚ ୩୧ରେ ଅନୁଷ୍ଠିତ ବଡ଼ସାହି ବ୍ଲକ୍ ଅଧୀନ ଖାନୁଆ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୁରେନ୍ଦ୍ର ସିଂ ବାଜି ମାରିଛନ୍ତି। ୧୮୦ ଖଣ୍ଡ ଭୋଟ୍ ବ୍ୟବଧାନରେ ସେ ବିଜୟୀ ହୋଇଛନ୍ତି। ସେ ୬୫୩ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ସମର୍ଥିତ ପ୍ରାର୍ଥୀ ଗୋପୀନାଥ ବେଶ୍ରା ୪୭୩ ଭୋଟ୍ ପାଇ ପରାଜିତ ହୋଇଛନ୍ତି। ଏହି ଫଳାଫଳକୁ ନେଇ ବିଜେଡି ଶିବିରରେ ଉତ୍ସାହ ଦେଖାଦେଇଛି। ବିଶେଷକରି ଏହାକୁ ନେଇ ସାଧାରଣଲୋକ ଓ କର୍ମୀମହଲରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ବହୁ ଚେଷ୍ଟା କରି ମଧ୍ୟ ଶାସକ ଦଳ ଏଠାରେ ଧରାଶାୟୀ ହୋଇଛି। ଅପରପକ୍ଷେ, ଏହି ଉପନିର୍ବାଚନର କାର୍ଯ୍ୟକାଳ ମାତ୍ର ୮ ମାସ ପାଖାପାଖି ଥିବା ବେଳେ ଯଥା ସମ୍ଭବ ଓ ଯାହା ସମ୍ଭବ ସେ ଲୋକଙ୍କ ପାଇଁ କାମ କରିବେ ବୋଲି ନିଜ ପ୍ରତିକ୍ରିୟାରେ ସୁରେନ୍ଦ୍ର କହିଛନ୍ତି।



ସୂଚନାଯୋଗ୍ୟ, ପାଖାପାଖି ଦେଢ଼ବର୍ଷ ତଳେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ସିଂଙ୍କ ଅକାଳ ବିୟୋଗ ହୋଇଥିଲା। ସେବେଠାରୁ ଏହି ସରପଞ୍ଚ ପଦ ଫାଙ୍କା ପଡ଼ିଥିଲା। ନାଏବ ସରପଞ୍ଚ ଦାୟିତ୍ୱରେ ରହି କାମଚଳା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଉଥିଲେ। ମାତ୍ର ଏହି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗତ ମାର୍ଚ୍ଚ ୫, ୬ ଓ ୭ ତାରିଖରେ ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟ ସୀମା ମଧ୍ୟରେ କରୁଣାକର ସିଂ, ଗୋପୀନାଥ ବେଶ୍ରା, ସୁନିମଣୀ ସିଂ, ସୁରେନ୍ଦ୍ର ସିଂ ଓ ଦଳଗୋବିନ୍ଦ ବେହେରା ନାମାଙ୍କନ ଦାଖଲ କରିଥିଲେ। ମାତ୍ର ୮ ତାରିଖ ଯାଞ୍ଚରେ ଦଳଗୋବିନ୍ଦ କଟି ଯାଇଥିବା ବେଳେ ୯ ତାରିଖ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ଅନ୍ୟ ୪ ଜଣଙ୍କ ନାମ ସ୍ଥାନିତ ହୋଇଥିଲା। ୧୨ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତରେ ଭୋଟର୍ ସଂଖ୍ୟା ୩୧୦୯ ହୋଇଥିବା ବେଳେ ୧୭୫୫ ପୋଲିଂ ହୋଇଥିଲା। ସେଥିରୁ ୫୫ଖଣ୍ଡ ଭୋଟ୍ ନାକଚ ହୋଇଥିବା ଜଣାଯାଇଛି।

# ପ୍ରଥମ ଦିନରେ ୧୭ ହଜାର ସ୍ୱଗଣନା

ଭୁବନେଶ୍ୱର,୨।୪(ସମିସ): ବୁଧବାରଠାରୁ ରାଜ୍ୟରେ ଜନ ଗଣନା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ୧୭ ହଜାର ଲୋକ ନିଜର ସ୍ୱ-ଗଣନା କରିଛନ୍ତି। ଡିଜିଟାଲ ପ୍ରକ୍ରିୟାରେ ଲୋକେ ଜନ ଗଣନା କରିଥିବା ନେଇ ରାଜ୍ୟ ଜନ ଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବୁଧବାର ସ୍ୱ-ଗଣନାରେ ସାମିଲ ହୋଇ ନିଜର ତଥ୍ୟ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ସ୍ୱ-ଗଣନାରେ ନିଜ ତଥ୍ୟ ପ୍ରଦାନ କରିଛନ୍ତି। ଏହାସହ ଜନଗଣନା କିପରି ଚାଲିଛି ସେନେଇ ବୈଠକ ଡାକି ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ। ଜନଗଣନା ସମନ୍ୱୟ କମିଟିର ଦ୍ୱିତୀୟ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବିଭିନ୍ନ ବିଭାଗର ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ୱଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ମୁଖ୍ୟ ଶାସନ ସଚିବ ଓ ଜନ ଗଣନା ନିର୍ଦ୍ଦେଶକ ସାଧାରଣ ଲୋକଙ୍କୁ ଅପିଲ କରିଛନ୍ତି। ସୂଚନାଯୋଗ୍ୟ ଯେ ଜଣ ଗଣନାର ପ୍ରଥମ ପର୍ଯ୍ୟାୟରେ ନୂତନ ବ୍ୟବସ୍ଥା ଭାବେ ସେଲ୍ଫ-ଏନ୍ୟୁମେରେସନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହା ଅନୁସାରେ ଏପ୍ରିଲ୍ ୧ ଠାରୁ ୧୫ ପର୍ଯ୍ୟନ୍ତ ଲୋକମାନେ ନିଜେ ଅନଲାଇନ୍ ମାଧ୍ୟମରେ ତାଙ୍କର ପରିବାର ଓ ଘର ସମ୍ପର୍କିତ ସମସ୍ତ ତଥ୍ୟ ଭରିପାରିବେ। ଏହା ପରେ ଏପ୍ରିଲ୍ ୧୬ ଠାରୁ ମେ ୧୫ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଜିଲ୍ଲାରେ ଘରେ ଘରେ ଯାଇ ସରକାରୀ କର୍ମଚାରୀମାନେ ସର୍ଭେ କାମ କରିବେ।

## ପୁରୀରେ ପର୍ଯ୍ୟଟକ ଅସୁରକ୍ଷିତ

# ପାଟି ଖୋଲିଲେ ମାଡ଼, ମହିଳା ପର୍ଯ୍ୟଟକଙ୍କୁ ବି ଛାଡ଼ିଲେନି

ପୁରୀ,୨।୪(ସମିସ): ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ସହର। ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତିଦିନ ଦେଶ ବିଦେଶରୁ ପର୍ଯ୍ୟଟକ ଏଠାକୁ ଛୁଟି ଆସିଥା'ନ୍ତି। ସେମାନଙ୍କୁ ଉପଯୁକ୍ତ ସେବା ସୁବିଧା ଏବଂ ଉତ୍ତମ ଆତିଥେୟତା ଉପରେ ସରକାର ଗୁରୁତ୍ୱ ଦେଉଥିବା କହୁଛନ୍ତି। ହେଲେ, ବାସ୍ତବତା ଭିନ୍ନ। କାରଣ ପର୍ଯ୍ୟଟକଙ୍କୁ ଶୋଷଣ ଏକ ନିତିଦିନିଆ ଘଟଣା ହୋଇଯାଇଛି। ଅନେକ ସମୟରେ ସେମାନଙ୍କୁ ମାଡ଼ ମରାଯାଉଥିବା ଅଭିଯୋଗ ଆସୁଛି। ପର୍ଯ୍ୟଟକମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଗତ ମଙ୍ଗଳବାରର ଏମିତି ଏକ ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଉତ୍ତରପ୍ରଦେଶରୁ ଆସିଥିବା କିଛି ପର୍ଯ୍ୟଟକଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ଏପରିକି, ସେମାନଙ୍କ ସହ ଥିବା ମହିଳାଙ୍କୁ ବି ଛାଡ଼ିନାହାନ୍ତି ହୋଟେଲ୍ କର୍ମଚାରୀ। ଚେୟାର୍‌ରେ ପିଟିବା ଭଳି ଲୋମଟାଙ୍କୁରା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ପୁରୀରେ ପର୍ଯ୍ୟଟକଙ୍କୁ ଏଭଳି ଆତିଥେୟତା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଭାଇରାଲ ଭିଡିଓରେ ଉତ୍ତରପ୍ରଦେଶର କିଛି ପର୍ଯ୍ୟଟକଙ୍କୁ ହୋଟେଲ କର୍ମଚାରୀ ନିସ୍ତୁକ ମାଡ଼ ମାରୁଥିବା ଦେଖିବାକୁ ମିଳୁଛି। ଗତ ମଙ୍ଗଳବାର ସମୁଦ୍ର କୂଳ ଥାନା ଅନ୍ତର୍ଗତ ସିଟି ରୋଡ୍‌ସ୍ଥିତ ହୋଟେଲକୁ ଜଳଖିଆ ଖାଇବାକୁ ପର୍ଯ୍ୟଟକମାନେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଖାଇବା ଅର୍ଡର ଦେଇଥିଲେ। ହେଲେ କୌଣସି କାରଣକୁ ନେଇ ହୋଟେଲ କର୍ମଚାରୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ



ଯୁକ୍ତିତର୍କ ଏବଂ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହୋଟେଲ କର୍ମଚାରୀ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରିଥିଲେ। ଧକ୍କା ମାରିଥିଲେ। ଏପରିକି, ମହିଳା ପର୍ଯ୍ୟଟକଙ୍କୁ ମଧ୍ୟ ଛାଡ଼ି ନ ଥିଲେ ହୋଟେଲ ମାଲିକ ଓ କର୍ମଚାରୀ। ଚେୟାରରେ ପିଟିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏନେଇ ପର୍ଯ୍ୟଟକ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପାଲଟା ଅଭିଯୋଗକୁ ନେଇ ପୁଲିସ ୨ଟି ମାମଲା (ନଂ. ୯୮/୨୬ ଓ ୯୯/୨୬) ରୁଜୁ କରି ତଦନ୍ତ କରିଥିବା ବେଳେ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି ପର୍ଯ୍ୟଟକଙ୍କୁ ନିସ୍ତୁକ ମାଡ଼ ମାରିବାର ଦୃଶ୍ୟ।

ନିକଟରେ ସ୍ୱର୍ଗଦ୍ୱାରରୁ ମଧ୍ୟ ଆସିଥିଲା ପର୍ଯ୍ୟଟକଙ୍କୁ ମାଡ଼ ମାରିବାର ଛାତିଥରା ଦୃଶ୍ୟ। ଗତ ମାର୍ଚ୍ଚ ୧୧ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଲୁହାପାଇପ୍ ମାଡ଼ରେ ଲହୁଲୁହାଣ ହୋଇଥିଲେ ବଙ୍ଗୀୟ ପର୍ଯ୍ୟଟକ ଆନନ୍ଦ ସାହୁ। ଏହାର ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭିଡିଓରେ ଜଣେ ଯୁବକଙ୍କ ମୁଣ୍ଡ ଫାଟି ରକ୍ତ ବାହାରୁଥିଲା। ତାଙ୍କ ଦୁଇ ହାତ ସମ୍ପୂର୍ଣ୍ଣ ରକ୍ତରେ ଲାଲ୍ ଦେଖାଯାଉଥିଲା। ତାଙ୍କର ଅନ୍ୟ ସାଙ୍ଗମାନଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ଏହି ଗୋଟିଏ କି ଦୁଇଟି ନୁହେଁ, ପର୍ଯ୍ୟଟକଙ୍କୁ ବିଭିନ୍ନ ସମୟରେ ନିସ୍ତୁକ ମାଡ଼ ମରାଯାଉଥିବାର ଅଭିଯୋଗ ଆସୁଛି। ରାମଚଣ୍ଡୀରେ ମଧ୍ୟ କିଛି ଦୁର୍ବୃତ୍ତ ଆତଙ୍କରାଜ ଚଳାଇଛନ୍ତି। ସେମାନେ ପର୍ଯ୍ୟଟକଙ୍କୁ ନାନା ପ୍ରକାର ଶୋଷଣ କରୁଛନ୍ତି। ଯଦି କେହି ମୁହଁ ଖୋଲୁଛନ୍ତି, ସଂଘବଦ୍ଧ ଭାବେ ସେମାନେ ଆକ୍ରମଣ କରୁଛନ୍ତି। ଏମିତି ଏକାଧିକଥର ପର୍ଯ୍ୟଟକ ଆକ୍ରମଣର ଶିକାର ହେବାର ନଜିର ରହିଛି।

## ଯୁବକଙ୍କୁ ମାଡ଼ ସହ 'ଜୟ ଶ୍ରୀରାମ' କହିବାକୁ ବାଧ କରାଯିବା ଘଟଣା

# ଡିଏସ୍‌ପି ପାହ୍ୟା ଅଧିକାରୀଙ୍କ ତଦାରଖରେ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ଜୋରଜବରଦସ୍ତି 'ଜୟ ଶ୍ରୀରାମ' କହିବାକୁ ବାଧ କରିବା ଘଟଣାକୁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଜଣେ ଡିଏସ୍‌ପି କିମ୍ବା ଏସ୍‌ଡିପିଓ ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିବାକୁ ମୟୂରଭଞ୍ଜ ଏସ୍‌ପିଙ୍କୁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେକ୍ ହନିଫଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ରଥ କହିଛନ୍ତି ଯେ ଅଭିଯୋଗର ଗମ୍ଭୀରତା ଏବଂ ସୋସିଆଲ ମିଡିଆ ଭିଡିଓ ଭାଇରାଲ ହୋଇଥିବା ଦୃଷ୍ଟିରୁ ଏହାର ତଦନ୍ତ ଜଣେ ବରିଷ୍ଠ ପଲିସ ଅଧିକାରୀଙ୍କ ଦ୍ୱାରା ହେବା ଆବଶ୍ୟକ। ସେହିଭଳି, ଏହି ଘଟଣାରେ ଏତଲା ବିଏନ୍‌ଏସ୍‌ର ଧାରା ୧୧୭(୨)ରେ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ଏହି ଦଫା ଲଗାଯାଇ ନ ଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ ଯେ କେତେକ ଯୁବକ ଆବେଦନକାରୀଙ୍କ ପୁଅଙ୍କୁ ଆକ୍ରମଣ କରିବା ସହ ତାଙ୍କ ପୋଷାକ ଖୋଲି ଦେଇଥିଲେ। ଏପରିକି, ଗୋଡ଼କୁ ଦଉଡ଼ିରେ ବାନ୍ଧି ଉଲଗ୍ନ ଅବସ୍ଥାରେ ରାସ୍ତାରେ ଘୋଷାଡ଼ିଥିଲେ ଏବଂ 'ଜୟ ଶ୍ରୀରାମ' କହିବାକୁ ବାଧ କରିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗତ ଜାନୁଆରୀ ୩ତାରିଖରେ ବହଳଦା ଥାନାରେ ଏକ ମାମଲା ହୋଇଥିଲା। ବହଳଦା ପୁଲିସ ଏହି ଘଟଣାରେ କୁନାଲ ସାହୁ ଏବଂ ସନ୍ତୋଷ କୁମାର ସାହୁ ନାମକ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନ ଥିଲା। ତେବେ ପୁଲିସ କେବଳ ସାଧାରଣ ଦଫା ଲଗାଇଥିଲା। ଏଣୁ, ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୧, ୨୯୯ ଓ ୩୦୨ ଭଳି ସଂଗୀନ ଦଫା ଲଗାଇବା ସହ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କିମ୍ବା ଏସ୍‌ଆଇଟି ଦ୍ୱାରା କରିବାକୁ ଦାବି କରି ପୀଡ଼ିତ ଯୁବକଙ୍କ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ପକ୍ଷରୁ ମାମଲା ଶୁଣାଣି ବେଳେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ଯୁବକଙ୍କ କ୍ଷତ ସାମାନ୍ୟ ଧରଣର ଏବଂ ବର୍ତ୍ତମାନ ସୁଦ୍ଧା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପି.ଆର୍ ଛାଟୋଇ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ୍ ସାରଥୀ ଜ୍ୟୋତି ମହାନ୍ତି ମାମଲା ପରିଚାଳନା କରିଥିଲେ।

# ପ୍ରକାଶ ପାଇଲା କନିଷ୍ଠ ଶିକ୍ଷକଙ୍କ ନିୟମିତ ବିଜ୍ଞପ୍ତି

ଭୁବନେଶ୍ୱର, ୨।୪ (ସମିସ): କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କୁ ନିୟମିତ କରିବା ପାଇଁ ଆଜି ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସହକାରୀ ଶିକ୍ଷକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ। ନିୟମିତ କର୍ମଚାରୀ ଲେଭେଲ୍-ଭି (ଏ) ଦରମା ପିଛିଲା ଭାବେ ଗତ ଜାନୁଆରୀ ୧ତାରିଖରୁ ପାଇବେ। ସେହିପରି ଚାକିରିରେ ଯୋଗଦେବା ଦିନରୁ ସେମାନଙ୍କୁ ନିୟମିତ ଭାବେ ଗଣନା କରାଯିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ରାଜ୍ୟର ପ୍ରାୟ ୧୩ ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ଉପକୃତ ହେବେ। ସୂଚନାଯୋଗ୍ୟ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପ୍ରାୟ ୬ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ନିୟମିତ ବିଜ୍ଞପ୍ତି ପ୍ରକାଶ ପାଉନଥିବାରୁ ଗତ ୨୨ ତାରିଖରେ ହଜାରହଜାର କନିଷ୍ଠ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୩ ତାରିଖରେ ସେମାନଙ୍କୁ ନିୟମିତ କରାଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେବା ପରେ ଆଜି ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଭୁଲ୍ ସର୍ଭେ ରିପୋର୍ଟକୁ ନେଇ ମାମଲା

# ସବୁ ପକ୍ଷଙ୍କୁ ଏନ୍‌ଜିଟିଙ୍କ ନୋଟିସ୍

ବାରିପଦା, ୨।୪(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସ୍‌ଆର)କୁ ବେଆଇନ ଦର୍ଶାଇ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। ଜଷ୍ଟିସ୍ ଅରୁଣ ତ୍ୟାଗୀ ଓ ଜୁଡିସିଆଲ ଏକ୍ସପର୍ଟ ମେମ୍ବର୍ ଈଶ୍ୱର ସିଂଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି

**■ ୪ ସପ୍ତାହ ମଧ୍ୟରେ ଜବାବ ରଖିବେ**
**■ ୧୩କୁ ଘୁଞ୍ଚିଲା ପରବର୍ତ୍ତୀ ଶୁଣାଣି**

ସମସ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବଡ଼ସାହି ତହସିଲଦାର, ବାରିପଦା ସର୍କଲର ଖଣି ଉପ-ନିର୍ଦ୍ଦେଶକ, ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣର ସଦସ୍ୟ ସଚିବ, ରାଜ୍ୟ ପରିବେଶ ନିୟନ୍ତ୍ରଣ ମନ୍ତ୍ରାଳୟର ସଦସ୍ୟ ସଚିବ ଓ ଲିଜ୍‌ଧାରୀ ଦୀନେଶ ଅଗ୍ରୱାଲଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ମେ'୧୩ରେ ହେବ ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପ୍ରକାଶ କରିଛନ୍ତି।

ବିଶିଷ୍ଟ ପରିବେଶବିତ୍ ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକଙ୍କ ଅଭିଯୋଗକୁ ଭିତ୍ତି କରି ୪୬/୨୨ ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଥିଲା। ଲଘୁ ଖଣିଜଦ୍ରବ୍ୟର ପରିଚାଳନା ପାଇଁ ୨୦୧୯ରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ରିପୋର୍ଟଟି ଅନ୍ତରୀଣ ରିପୋର୍ଟ ତଥା ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରକାର କ୍ଷେତ୍ର ପରିଦର୍ଶନ କରାଯାଇନାହିଁ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ବାଲିଘାଟ ନିଲାମ ପାଇଁ ବାହାରିଥିବା ୪ଟି ବାଲି ସଇରାତକୁ ୫ ହେକ୍ଟର୍ କମ କରିଦିଆଯାଇଛି। କିନ୍ତୁ ଡିଏସ୍‌ଆର୍‌ରେ ତାହା ୫ ହେକ୍ଟର୍‌ରୁ ଅଧିକ ରହିଛି। ପ୍ରସ୍ତାବିତ ବାଲିଘାଟ ମଧ୍ୟରୁ ବେଲପାଳ ସଇରାତ ନିକଟରେ ପୋଲ ଥିଲା ବେଳେ ତାହାକୁ ଅଣଦେଖା କରାଯାଇଛି। ଏହି ବିଷୟକୁ ଅନୁଧ୍ୟାନ ନକରି ରିପୋର୍ଟକୁ ବେପରୁଆ ଭାବେ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଜୀବନ ନେଲା ରିଲ୍ସ ନିଶା

# ୪୦ ଫୁଟ୍ ପୋଲ ତଳକୁ ଖସି ଯୁବକ ମୃତ

ଭଦ୍ରକ/ ତୁରୁମୁଙ୍ଗା, ୨।୪(ସମିସ): ରିଲସ୍ ନିଶା ଯୁବପିଢ଼ିଙ୍କ ପାଇଁ ଘାତକ ସାଜୁଛି। ସୋସିଆଲ ମିଡିଆରେ ଅଧିକ 'ଭ୍ୟୁ ଓ ଲାଇକ୍' ପାଇଁ ଜୀବନକୁ ବାଜି ଲଗାଇ ଭିଡିଓ କରୁଛନ୍ତି। ଏପରି ଏକ ଦୁଃସାହସିକ ରିଲ୍ସ କରୁଥିବା ବେଳେ ଜଣେ



ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ପଞ୍ଚାୟତ ଭୁଲୁଦା ରାଜବନ୍ଧସାହିର ଲୋକନାଥ ନାଏକଙ୍କ ବଡ଼ପୁଅ ମିଥୁନ ନାଏକ (୨୫)। ସେହିପରି ତାଙ୍କର ଜଣେ ସାଙ୍ଗ ନଦୀରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ହିମାଂଶୁ ନାୟକ। ଭଦ୍ରକ ପୁରୁଣାବଜାର ଥାନା ଅଧୀନ ସାଳନ୍ଦୀ ନଦୀର ସନ୍ଥିଆ ବ୍ରିଜ୍‌ଠାରେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ମିଥୁନ୍, ହିମାଂଶୁ ଓ ଅନ୍ୟ ଜଣେ ସାଙ୍ଗ ତପନ ନାୟକ ଭଦ୍ରକରେ ଦିନମଜୁରିଆ ଭାବେ କାମ କରୁଥିଲେ। ଗୁରୁବାର କୌଣସି କାମ ନ ମିଳିବାରୁ ରିଲ୍‌ସ କରିବାକୁ ସାଳନ୍ଦୀ ବ୍ରିଜ୍ ନିକଟକୁ ଆସିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଜଣେ ଯୁବକ ନଦୀକୁ ଡେଇଁବା ପରେ ଆଉ ଜଣେ ଡେଇଁଥିଲେ ଏବଂ ରିଲ୍‌ସ ପାଇଁ ତପନ

### ଅନ୍ୟ ଜଣେ ସାଙ୍ଗ ସାଳନ୍ଦୀରେ ନିଖୋଜ

ମୋବାଇଲ୍‌ରେ ଏହି ଦୃଶ୍ୟ ରେକର୍ଡିଂ କରୁଥିଲେ। ପ୍ରଥମେ ନଦୀକୁ ଡେଇଁ ହିମାଂଶୁ ନିଖୋଜ ହୋଇଯାଇଥିବା ବେଳେ ମିଥୁନ ପୋଲର ପିଣ୍ଡିରେ ବାଡ଼େଇ ହୋଇଯାଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନିଖୋଜ ଯୁବକଙ୍କୁ ନଦୀ ଭିତରେ ବହୁ ଖୋଜାଖୋଜି କରିଥିଲେ। କିଛି ଘଣ୍ଟାର ସର୍ଚ୍ଚ ଅପରେସନ୍ ପରେ ନିଖୋଜ ମିଥୁନଙ୍କ ମୃତଦେହ ଠାବ ହୋଇଥିଲା। ପୁରୁଣା ବଜାର ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ତ୍ୱରାନ୍ୱିତ ହେଉ ରାଜ୍ୟ ରାଜପଥ ୬୩ ପ୍ରଶସ୍ତୀକରଣ

ଭୁବନେଶ୍ୱର (ସମିସ) ଅନୁଗୋଳ ଜିଲ୍ଲାରେ କୋଇଲା ପରିବହନ ଏବଂ ଶିଳ୍ପ ଭିତ୍ତିଭୂମିକୁ ସଦୃଢ଼ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୋଳ ରାଜ୍ୟ ରାଜପଥ (ଏସଏଚ- ୬୩) ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର କେନ୍ଦ୍ରଭାଗରେ ଅବସ୍ଥିତ ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଏବଂ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ରେ ପ୍ରାୟ ୫ ପ୍ରତିଶତ ଅବଦାନ ଦେଉଛି । କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ବର୍ତ୍ତମାନର ୧୧୬ ମିଲିୟନ ଟନ୍ (ଏମଟି) ରୁ ବୃଦ୍ଧି ପାଇ ୨୦୩୩ ସୁଦ୍ଧା ୨୫୦-୩୦୦ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।



ଏହି ଜିଲ୍ଲା ଇସ୍ପାତ, ଆଲୁମିନିୟମ ଏବଂ ତାପଜ ବିଦ୍ୟୁତ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଏବଂ ଆନୁସଙ୍ଗିକ ଏମଏସଏମଇ ଗୁଡ଼ିକ ପାଇଁ ଏକ ଉତ୍ତମ ବାତାବରଣ ତିଆରି କରୁଛି । ଅନୁଗୋଳରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ, ଏନଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତ୍ତାର ମେରୁଦଣ୍ଡ ସାଜିଛି । ଛେଣ୍ଡିପଦା ତହସିଲ ଅଞ୍ଚଳ ଭାରତର କୋଇଲା ଗଚ୍ଛିତ ଭଣ୍ଡାରର ପ୍ରାୟ ଏକ-ଷଷ୍ଠାଂଶ ହୋଇଥିବାରୁ, ଏହା ଦେଶର ଶକ୍ତି ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ସଡ଼କ ଭିତ୍ତିଭୂମି, ବିଶେଷ କରି ରାଜ୍ୟ ରାଜପଥ-୬୩ ଏବଂ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତା, ଅତ୍ୟଧିକ କୋଇଲା ପରିବହନ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି । ଏହି ରାସ୍ତା ଜନବସତି ଦେଇ ଯାଉଥିବାରୁ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣା ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ଛେଣ୍ଡିପଦାରୁ ଅନୁଗୋଳ ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୬୩କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ କରିବା ସହ ଜନବସତି ଅଞ୍ଚଳରେ ବାଇପାସ ନିର୍ମାଣ କରିବାକୁ ସେ ଅନୁରୋଧ କରିଛନ୍ତି । ପୁନଶ୍ଚ ଛେଣ୍ଡିପଦା-ଜରପଡ଼ା ମୁଖ୍ୟ ଜିଲ୍ଲା ରାସ୍ତାକୁ ପ୍ରଶସ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଏହି ରାସ୍ତାଟି ଖଣି ଅଞ୍ଚଳକୁ ୫୫ ନମ୍ବର ଜାତୀୟ ରାଜପଥ ଓ ରେଳ କରିଡର ସହ ଯୋଡୁଛି। ଏହାର ପ୍ରଶସ୍ତିକରଣ ଦ୍ୱାରା ରାଜ୍ୟ ରାଜପଥ- ୬୩ ଉପରୁ ଯାନବାହନ ଚାପ କମିବ ଏବଂ ଏକ ବିକଳ୍ପ ପରିବହନ ମାର୍ଗ ସୃଷ୍ଟି ହେବ । ଉନ୍ନତ ସଡ଼କ ସଂଯୋଗୀକରଣ ଦ୍ୱାରା କେବଳ କୋଇଲା ପରିବହନ ସହଜ ହେବ ନାହିଁ, ବରଂ ଏହା ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

### ସାମ୍ବାଦିକ ସମ୍ମିଳନୀରେ ବିସ୍ଫୋରକ ଖୁଲାସା

# ମିଥ୍ୟା ମାମଲାରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଫସାଇବା ଅଭିଯୋଗ

ମହାକାଳପଡା, ୨।୪ (ସମିସ)



ମହାକାଳପଡା ବ୍ଲକ୍ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପରିବାରକୁ ମିଥ୍ୟା ମାମଲାରେ ଫସାଇବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗ ନେଇ ଗୁରୁବାର ଦଳୀୟ କାର୍ଯ୍ୟାଳୟରେ ପ୍ରେସ୍‌ମିଟ୍ କରାଯାଇଛି। ଏହି ପ୍ରେସ୍ ମିଟ୍‌ରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ବର୍ତ୍ତମାନ ସରପଞ୍ଚ ମମତା ସାମଲ, ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ବିଜୟ ଜେନା, ଅନୁରାଧା ସ୍ୱାଇଁ ଉପସ୍ଥିତ ରହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଜଣାଇଥିଲେ। ରାଜଗଡ ପଞ୍ଚାୟତର ସରପଞ୍ଚ ମମତା ସାମଲଙ୍କ ଘରକୁ ଯାଇଥିବା ପିଇଓ ମୃତ୍ୟୁଞ୍ଜୟ ରାଉତ ପୂର୍ବ ତାରିଖର ବିଲ୍ ଓ ଭାଉଚରରେ ସ୍ୱାକ୍ଷର କରିବାକୁ ଚାପ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ସରପଞ୍ଚ ଏଥିରେ ଅସ୍ୱୀକାର କରିବାରୁ ପିଇଓ ଧମକ ଦେଇ ଘରୁ ବାହାରିଯାଇଥିବା କୁହାଯାଉଛି। ପରେ ସେ ମହାକାଳପଡା ଥାନାରେ ଅଶୋକ ମହାପାତ୍ରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଥିବାରୁ ଅଭିଯୋଗ ଉଠିଛି। ଅଭିଯୋଗରେ ମୋବାଇଲ ଓ ସୁନା ଚେନ ସହିତ ୩୦

### ବାପାଙ୍କ ଶବଦାହରେ ଯୋଗ ଦେଇପାରିଲେନି ଅଶୋକ ମହାପାତ୍ର

ହଜାର ଟଙ୍କା ଛିଣ୍ଡାଇ ନେବା କଥା ଉଲ୍ଲେଖ ରହିଛି। ଏହି ଘଟଣା ପରେ ପୁଲିସ ଅଶୋକ ମହାପାତ୍ରଙ୍କୁ ଖୋଜୁଥିବାବେଳେ, ସେହି ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ଘଟିଥିଲା। କିନ୍ତୁ ପୋଲିସ ଚାପରେ ସେ ବାପାଙ୍କ ଶବଦାହ କାର୍ଯ୍ୟରେ ଯୋଗ ଦେଇପାରିନଥିବା ଓ ମୁଖାଗ୍ନି ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପ୍ରେସ୍‌ମିଟ୍‌ରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ମହାକାଳପଡା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଅବନତି ଘଟିଛି ଓ ନିର୍ଦୋଷ ଲୋକଙ୍କୁ ମିଥ୍ୟା ମାମଲାରେ ଫସାଯାଉଛି। ଯଦି ଅଶୋକ ମହାପାତ୍ରଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର କରାଯିବ ନାହିଁ, ତେବେ ଆଗାମୀ ଦିନରେ ବିଜେଡି ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।

## ସିଡିଏଓ ଉମାଶଙ୍କର ମିଶ୍ର ହେଲେ ଯୁଗ୍ମ କୃଷି ନିର୍ଦ୍ଦେଶକ



ଭୁବନେଶ୍ୱର,୨।୪(ସମିସ): ଅନୁଗୋଳ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ଉମାଶଙ୍କର ମିଶ୍ର କୃଷି ବିଭାଗର ଯୁଗ୍ମ କୃଷି ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି। ଯୋଜନା ଓ ବାଣିଜ୍ୟିକ ଫସଲ ବର୍ଗ ପାଇଁ ବିଭାଗ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ସିଡିଏଓ ଭାବେ ଜିଲ୍ଲାରେ ଅନେକ ଯୋଜନାର ସଫଳ ରୂପାୟନ କରି କୃଷକଙ୍କୁ ସଶକ୍ତ କରିପାରିଛନ୍ତି। ବିଶେଷକରି ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରିବାକୁ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇ କୃଷି ଓ କୃଷକଙ୍କୁ ନୂତନ ପରଚୟ ଦେଇପାରିଛନ୍ତି। ପ୍ରଶାସନିକ ଦୂରଦୃଷ୍ଟି ପାଇଁ ସଠିକ୍ ସମୟରେ ବିହନ ଓ ସାର ପ୍ରଦାନ କରିବାକୁ ପ୍ରାଥମିକତା ଏବଂ ରୋଗ ପୋକ ନିରାକରଣ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଚାଷୀଙ୍କ ମଧ୍ୟରେ ତାଙ୍କୁ ପ୍ରିୟପାତ୍ର କରିପାରିଥିଲା। ଅପରପକ୍ଷରେ ଶ୍ରୀ ମିଶ୍ରଙ୍କ ପଦୋନ୍ନତି ପରେ ଜିଲ୍ଲାରେ ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ସରକାର କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦେଇନାହାନ୍ତି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ

ପଟ୍ଟାମୁଣ୍ଡାଇ,୨।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥିବାରୁ ଜିଲ୍ଲାବ୍ୟାପି ଆନନ୍ଦ ପ୍ରକାଶ ପାଇଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଡ. ନାୟକଙ୍କୁ ବିଜେପି ଯୁବନେତା ମିଟୁ ମନୋଜ ନାୟକ, ଆଡ଼ଭୋକେଟ ଶିଶିର ମଲିକ, ସଞ୍ଜୟ ସ୍ୱାଇଁ, ପରେଶ ସାହୁ, ସୁଶାନ୍ତ ଦାସ, ଅନ୍ତର୍ଯ୍ୟାମୀ ମଲିକ, ପୀତାମ୍ବର କର ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଆନ୍ତର୍ଜାତିକ କବାଡ଼ିରେ ସ୍ୱର୍ଣ୍ଣ ଜିତିଲେ କେନ୍ଦ୍ରାପଡ଼ା ଝିଅ



କେନ୍ଦ୍ରାପଡ଼ା,୨।୪ (ସମିସ): ଆନ୍ତର୍ଜାତିକ କ୍ରୀଡା ମଞ୍ଚରେ ପୁଣିଥରେ କେନ୍ଦ୍ରାପଡ଼ା ଜିଲ୍ଲାର ଝିଅ ଓଡ଼ିଶାର ମାନ ଉଚ୍ଚ କରିଛନ୍ତି। ୟୁଥ ଗେମ୍ସ ଇଣ୍ଡୋନେପାଳ ଇଣ୍ଟରନ୍ୟାସନାଲ ସିରିଜ କବାଡି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ନୂଆପଡା ଗ୍ରାମର ସ୍ୱୟଂପ୍ରଭା ବେହେରା ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ କ୍ଷୀରୋଦ ବେହେରା ଓ ସ୍ୱର୍ଗତ ସତ୍ୟଭାମା ବେହେରାଙ୍କ କନ୍ୟା। ମାର୍ଚ୍ଚ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ନେପାଳର ପୋଖରାସ୍ଥ ଖେଳ ରଙ୍ଗଶାଳା ଷ୍ଟାଡିୟମରେ ଆୟୋଜିତ ଏହି ଆନ୍ତର୍ଜାତିକ କବାଡି ପ୍ରତିଯୋଗିତାରେ ସେ ଅତ୍ୟନ୍ତ ଦକ୍ଷତା ଓ ଦୃଢ଼ ସଙ୍କଳ୍ପର ପରିଚୟ ଦେଇ ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସ୍ୱୟଂପ୍ରଭାଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର କେନ୍ଦ୍ରାପଡ଼ା ଓ ଓଡିଶା ପାଇଁ ଗୌରବର ବିଷୟ ହୋଇପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଥିବାବେଳେ ବିଭିନ୍ନ ସ୍ତରରୁ ସ୍ୱୟଂପ୍ରଭାଙ୍କୁ ଅଭିନନ୍ଦନର ସୁଅ ଛୁଟିଚି। କ୍ରୀଡା ପ୍ରତିଭାଙ୍କୁ ଉତ୍ସାହ ଓ ସୁଯୋଗ ମିଳିଲେ ଗ୍ରାମୀଣ ଅଞ୍ଚଳର ଯୁବ ପ୍ରତିଭା ମଧ୍ୟ ଆନ୍ତର୍ଜାତିକ ମଞ୍ଚରେ ସଫଳତା ଅର୍ଜନ କରିପାରିବେ ବୋଲି ସ୍ୱୟଂପ୍ରଭାଙ୍କ ଏହି ଜୟ ପୁଣିଥରେ ପ୍ରମାଣ କରିଛି।

### ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ

# ଉଲ୍ଲେଖନୀୟ ସେବା ପାଇଁ ୩୩ ଅଧିକାରୀ ପୁରସ୍କୃତ

ଅନୁଗୋଳ,୨।୪(ସମିସ)



ଅନୁଗୋଳ ରିଜର୍ଭ ପୁଲିସ ପଡ଼ିଆରେ ଓଡ଼ିଶା ପୁଲିସର ୯୧ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏସପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ସହ ଆଇନଶୃଙ୍ଖଳା କ୍ଷେତ୍ରରେ ପୁଲିସ ସର୍ବଦା ସୁଚାରୁରୂପେ କାର୍ଯ୍ୟ କରିଆସିଛି। ଅପରାଧ ନିୟନ୍ତ୍ରଣରେ ପୁଲିସ ସଫଳ ହୋଇଛି। କେତେକ ସମ୍ବେଦନଶୀଳ ଅପରାଧକୁ ଭଲ ଭାବେ ତଦନ୍ତ କରି ଅପରାଧୀକୁ ଦୋଷୀ ସାବ୍ୟସ୍ତ କରିବାରେ ସଫଳତା ହାସଲ କରିଛି। ଅନୁଗୋଳ ଏକ ଶିଳ୍ପ ସହର ହୋଇଥିବାରୁ ପୁଲିସକୁ ସବୁବେଳେ ଆଇନଶୃଙ୍ଖଳ। ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ଏସପି ଓ ପୁଲିସ କର୍ମଚାରୀ ବହୁତ ଭଲ ଭାବେ ପରିସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି ବୋଲି ଏହି ଅବସରରେ ଆଇଜି କହିଥିଲେ। ପରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ପୁଲିସ ସେବା ପାଇଁ ୩୩ ଜଣ ଅଧିକାରୀଙ୍କୁ ଆଇଜି ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଓ ଡିଏସପି ଯୋଗେଶ୍ୱରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୀନବନ୍ଧୁ ସାହୁ ଆଇନ କଲେଜରେ ଉତ୍କଳ ଦିବସ

କେନ୍ଦ୍ରାପଡା,୨।୪(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳର ବୀରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ପ୍ରତିଛବିରେ ପୁଷ୍ପମାଳା ଅର୍ପଣ କରାଯାଇଥିଲା।



ପରେ ଏକ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବିନ୍ଦ୍ର କୁମାର ବଳ ଅଧ୍ୟକ୍ଷତା କରି ଉତ୍କଳର ବୀରପୁତ୍ରଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଦିବସଟି ଓଡ଼ିଶାର ଏକ ସ୍ମରଣୀୟ ଦିବସ ବୋଲି କହି ଏହାକୁ ଗାଁଠାରୁ ସହର ପର୍ଯ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ଅନୁରୋଧ କରିଥିଲେ। ସଭାରେ ତିମିର କାନ୍ତ ପରିଜା, ସସ୍ମିତା ସେଠୀ, କଳିଙ୍ଗ କେଶରୀ ବେହେରା, ଅବନୀ ରଞ୍ଜନ ନାୟକ, ରମେଶ ଚନ୍ଦ୍ର ପଳାଇ, କେଶବ ଚନ୍ଦ୍ର ସାହୁ, ତ୍ରିଲୋଚନ ପତ୍ରୀ, କେଶବ ଚନ୍ଦ୍ର ଗୋଚ୍ଛାୟତ, ରାମ ବାହାଦୁର ବିଶ୍ୱକର୍ମା, ତ୍ରିଲୋଚନ ପତ୍ରୀ, ସହିତ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ। ଏଥିପାଇଁ ଛାତ୍ରଛାତ୍ରୀଙ୍କ ସକ୍ରିୟ ଉପସ୍ଥିତି ସଭାକୁ ସଫଳମଣ୍ଡିତ କରିଥିଲା। ଶେଷରେ ସମସ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ



କଣିହାଁ,୨।୪(ସମିସ): କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଆଜନ୍ମ ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ଏବିଇଓ ସୁଜନ ପ୍ରଧାନ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଭୀମସେନ ସାମଲ, ବିନାୟକ ପ୍ରଧାନ ଓ ପୁରାତନ ଛାତ୍ର ବିନୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୂର୍ବ ସୁରୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ। ସେହିପରି, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପବିତ୍ରନଗର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ସମଲ ଶିଶୁମନ୍ଦିର ସହ ବିଭିନ୍ନ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି।

## ମହାବୀରଙ୍କ ପ୍ରତିଷ୍ଠା ଉତ୍ସବ

ରାଜନଗର,୨।୪(ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ବାଉଁଶକଣି, ତୁଳସୀପୁର, ବଡିନାଖୁଲା ମଧ୍ୟସ୍ଥଳରେ ସ୍ଥାପନ କରାଯାଇଥିବା ଶ୍ରୀଶ୍ରୀ ସିଦ୍ଧ ମହାବୀରଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୫ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଅଙ୍କୁରାରୋପଣ, କଳସ ଯାତ୍ରା ଓ ତିନିଦିନ ଧରି ଦେବ ପୂଜନ, ଯଜ୍ଞ ବରଣ ଆଚାର୍ଯ୍ୟଙ୍କ ଦ୍ୱାରା କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସ୍ୱାମୀ ଜ୍ଞାନାନନ୍ଦ ବ୍ରହ୍ମଚାରୀଙ୍କ ଦ୍ୱାରା ଶ୍ରୀରାମ ଚରିତ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଏହି ତିନିଖଣ୍ଡ ଗ୍ରାମର ଅଧିବାସୀଙ୍କ ସହିତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ବଳରାମପ୍ରସାଦରେ ହିଙ୍ଗୁଳା ଯାତ୍ରା ପାଳିତ

ନାଲକୋ ନଗର, ୨।୪(ସମିସ)



ବଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ୯ଦିନ ଧରି ଅନୁଷ୍ଠିତ ହେବ। ମଙ୍ଗଳବାର ଅପରାହ୍ନରେ ଦିଅଁଘରୁ ମା'ଙ୍କ ଆଲମ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ପୀଠରେ ପହଞ୍ଚିବା ପରେ ମୁଖ୍ୟ ପୂଜକ ମଦନ ମୋହନ ଦେହୁରୀ ପୂଜାର୍ଚ୍ଚନା ଓ ମାଜଣା କରିଥିଲେ। ପରେ କାଳିଶି ରୂପରେ ପ୍ରାଣବନ୍ଧୁ ମହାପାତ୍ର ବିଜେ କରି ଉଭା ସ୍ଥଳକୁ ଯାଇ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ମନ୍ଦିର ସମ୍ମୁଖ ପାହାଡ଼ ତଳେ ଚଳିତ ବର୍ଷ ଅଗ୍ନିରୂପା ମା' ଆବିର୍ଭୂତ ହୋଇଛନ୍ତି। ବହୁଭକ୍ତ ଠାକୁରାଣୀଙ୍କୁ ଉଭାସ୍ଥଳୀରେ ନୈବେଦ୍ୟ ଅର୍ପଣ କରିବା ସହ ଦର୍ଶନ କରିଥିଲେ। ମହିଳାମାନେ ମା'ଙ୍କ ନିକଟରେ ଅଧିଆ ପଡ଼ିଥିଲେ।

ମୀନା ବଜାର ସାଙ୍ଗକୁ ୫ରୁ ଉର୍ଦ୍ଧ୍ୱ ବିଭିନ୍ନ ଦୋଳି, ୫୦ରୁ ଉର୍ଦ୍ଧ୍ୱ ମନୋହରି ଦୋକାନ ପୂଜା ମାହୋଲକୁ ଅଧିକ ଆକର୍ଷଣୀୟ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜନ ହୋଇଥିଲା। ବୁଧବାରଠାରୁ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତା ବୁଧବାର ଶୀତଳ ପର୍ବ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଅନିଲ କୁମାର ବେହେରା, ସମ୍ପାଦକ ସରୋଜ କୁମାର ସିଂ, ସହ ସମ୍ପାଦକ ବସନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଗୋକୁଳ ବଲ୍ଲଭ ଅମାନ୍ତ ସୂଚନା ଦେଇଛନ୍ତି। ପୂଜା କମିଟି ସଦସ୍ୟ ପର୍ଶୁରାମ ସାମଲ, ଗଜେନ୍ଦ୍ର ମହାଳିକ, ଭଗବାନ ସାମଲ, ହେରେନ ସିଂ, ଗୋପବନ୍ଧୁ ବାରିକ, ରଞ୍ଜନ ସାମଲ ସହଯୋଗ କରୁଛନ୍ତି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ କଣ୍ଟ୍ରୋଲରୁମ ବ୍ୟବସ୍ଥା କରାଯାଇଛି। ଯାତ୍ରା ପଡ଼ିଆରେ କମିଟି ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯାଇଛି। ଯାତ୍ରା ଅବସରରେ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ, ବଳରାମ ପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, ପୂର୍ବତନ ସରପଞ୍ଚ ମଧୁଛନ୍ଦା ସାହୁ, ମନୋଜ ବେହେରା ପ୍ରମୁଖ ଯୋଗଦେଇ ମା'ଙ୍କ ଦର୍ଶନ କରିଛନ୍ତି।

## ନଡ଼ିଆ ଚାଷୀଙ୍କ ପ୍ରଶିକ୍ଷଣ ଶିବିର

ଡେରାବିଶ, ୨।୪(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କସ୍ଥ ଜୟହନୁମାନ ନାରିକେଳ ସୋସାଇଟି ପରିସରରେ ନଡ଼ିଆ ଚାଷୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନାରିକେଳ ବିକାଶ ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ସନାତନ କରଙ୍କ ସଂଯୋଜନାରେ



ଆୟୋଜିତ ଏହି ଶିବିରରେ ଖୋର୍ଦ୍ଧା ଜିଲ୍ଲା ପିତାପଲ୍ଲୀସ୍ଥ ନାରିକେଳ ବିକାଶ ବୋଡର୍‌ର ମୁଖ୍ୟ ଶଶି କୁମାର ସି ମୁଖ୍ୟଅତିଥି ଓ ସରପଞ୍ଚ କନକଲତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀ ସୁଖଦାନନ୍ଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଶ୍ରୀ ସି ଉପସ୍ଥିତ ଚାଷୀଙ୍କୁ ନାରିକେଳ ଚାଷୀଙ୍କ ପାଇଁ ଏହା ଏକ ଅର୍ଥକାରୀ ଚାଷ। ଏହା ବିଭିନ୍ନ ଉପାୟରେ ଲାଭ ଦେଇଥାଏ। ସେ ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ଏହି ଚାଷରେ ଜୈବିକ ସାର ଓ କୀଟନାଶକର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଚାଷୀ ଅତନୁ ଘୋଷାଲ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖି ଏହାର ସମାଧାନ ପାଇଁ ଅଧିକାରୀଙ୍କ ପରାମର୍ଶ ଲୋଡ଼ିଥିଲେ। ଉପସ୍ଥିତ ଶତାଧିକ ଚାଷୀଙ୍କୁ ନିମ୍ବପିଡ଼ିଆ ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା। ଶେଷରେ ଯୁଗଳ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚାଷୀ ଗୋଲଖ ଚନ୍ଦ୍ର ସ୍ୱାଇଁ, ନୃସିଂହ ନାୟକ, କୈଳାସ କର ପ୍ରମୁଖ ପରିଚାଳନା କରିଥିଲେ।

## ଭାଗବତ ପଲାଇଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨।୪(ସମିସ): ଧୋୟାଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ତରଡ଼ିପାଳ ଯାଦବ ସମିତି ସଭାପତି ଭାଗବତ ପଲାଇଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ତରଡ଼ିପାଳଠାରେ ଅନୁଷ୍ଠିତ ହୋଇଯାଇଛି। ସେ ଥିଲେ ଜଣେ ସଚ୍ଚୋଟ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି। ବରିଷ୍ଠ ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ



ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଭ୍ରମରବର ଦାସ, ବରୀର ପୂର୍ବତନ ବିଧାୟିକା। ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟା ନିରଞ୍ଜନ ବାରିକ, ପୂର୍ବତନ ଜିଲ୍ଲା ପରିଷଦ ନାରଦ ବିଶ୍ୱାଳ, ଶିକ୍ଷାବିତ ରବିରଞ୍ଜନ ଶର୍ମା, ଅଶୋକ ଦାସ ପ୍ରମୁଖ ଯୋଗଦେଇ ଭାଗବତ ପଲାଇଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶୋକ ପ୍ରକାଶ କରିଥିଲେ। ତରଡ଼ିପାଳ ଯାଦବ ସଙ୍ଘର ସହସମ୍ପାଦକ ବିଜୟ କୁମାର ଦାସ, ତାଙ୍କ ପୁତ୍ର ସଭା କାର୍ଯ୍ୟରେ ସହଯୋଗ କରିଥିଲେ।

## ଅନୁଗୋଳରେ ପ୍ରଥମ ପର୍ଯ୍ୟାୟ ଗୃହଗଣନା ଆରମ୍ଭ

ଅନୁଗୋଳ,୨।୪(ସମିସ): ପବିତ୍ର ଓଡ଼ିଶା ଦିବସ ଅବସରରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲାରେ ଆରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଅବ୍ଦାଲ୍ ମୁହମ୍ମଦ୍ ଅଖତର ସ୍ୱ-ଗଣନା ମାଧ୍ୟମରେ ଗୃହଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ଜନଗଣନାକାରୀମାନେ ସାମିଲ ହୋଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବାସଭବନରେ ସ୍ୱ-ଗଣନାରେ ସହାୟତା କରିଥିଲେ। ପରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟ ଓ ଡେପୁଟି କଲେକ୍ଟର ତଥା ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ରଙ୍କ ବାସଭବନକୁ ଯାଇ ସ୍ୱ-ଗଣନା ମାଧ୍ୟମରେ ଗୃହଗଣନା କରିବା ସହ ବିଶିଷ୍ଟ ବ୍ୟକ୍ତିବିଶେଷ



ଜନସାଧାରଣଙ୍କ ଉଦ୍ଦେଶ୍ୟରେ ତାଙ୍କ ବାର୍ତ୍ତା ମଧ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ତଥା ଚାର୍ଜ ଅଫିସର ସତ୍ୟପ୍ରକାଶ ତ୍ରିପାଠୀ, ଅନୁଗୋଳ ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର ଶ୍ରୀପାଳୀ ଭରଦ୍ୱାଜ, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇ, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ଜିଲ୍ଲା ସଂଯୋଜକ ଅମିତ ରତ୍ନମ ଓ ଦୀପକ କୁମାର ଏବଂ ଜନଗଣନା ପର୍ଯ୍ୟବେକ୍ଷକ, କ୍ଷେତ୍ର ପ୍ରଶିକ୍ଷକମାନେ ସାମିଲ ହୋଇଥିଲେ। ଜିଲ୍ଲାର ସମସ୍ତ ୧୨ ଜଣ ଚାର୍ଜ ଅଫିସର ମଧ୍ୟ ନିଜ ନିଜ ଅଞ୍ଚଳରେ ସ୍ୱ-ଗଣନା (ଗୃହଗଣନା) କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଜନଗର, ୨।୪(ସମିସ): ରାଜନଗର ଥାନାଞ୍ଚଳରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ରାଜନଗର ଥାନା ଅଞ୍ଚଳର ୧୯ ବର୍ଷୀୟ ଯୁବତୀ ଗାଁ ପାଖ ଗାଁରେ ହେଉଥିବା ଯଜ୍ଞ ଦେଖିବାକୁ ଯାଇଥିଲେ। ଯଜ୍ଞ ସ୍ଥଳରେ ପ୍ରସାଦ ସେବନ କରିବା ସମୟରେ ଜଣେ ଯୁବକ ଅଶ୍ଳୀଳ ଇଙ୍ଗିତ କରିଥିଲା। ଯଜ୍ଞରୁ ଘରକୁ ଫେରିବା ସମୟରେ ଯୁବକ ଜଣଙ୍କ ତାଙ୍କୁ ପିଛା କରି ଅଶ୍ଳୀଳ ଇଙ୍ଗିତ କରିଥିଲା। ଯୁବତୀ ବିରୋଧ କରିବାରୁ ଯୁବକ ଜଣକ ଦୁଷ୍କର୍ମ କରିଥିଲା। ଯୁବତୀଙ୍କ ଚିତ୍କାର ଶୁଣି ଲୋକମାନେ ଚାଲି ଆସି ଯୁବତୀଙ୍କୁ ଉଦ୍ଧାର କରି ଘର ଲୋକଙ୍କୁ ଖବର ଦେଇଥିଲେ ବୋଲି ଦୁଷ୍କର୍ମ ପୀଡ଼ିତା ଯୁବତୀଙ୍କ ମାଆ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଜଣକ ତାଙ୍କ ଝିଅଙ୍କୁ ଦୁଷ୍କର୍ମ କରିବା ସହିତ ଝିଅ ବେକରୁ ଚେନ ଟାଣି ନେଇଥିବା ନେଇ ଅଭିଯୋଗ କରିଛନ୍ତି। ଦୁଷ୍କର୍ମର ଶିକାର ହେବା ପରେ ଝିଅ ମାନସିକ ଆଘାତ ପାଇବା ସହ ନିଜକୁ ଅସୁରକ୍ଷିତ ମନେ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ରାଜନଗର ଥାନାରେ ୧୩୩/୨୦୨୬ରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ କିଆଯୋଡି ଗାଁର ଗୁରୁ ଚରଣ ସ୍ୱାଇଁଙ୍କୁ ଗିରଫ କରିଥିବା ପୁଲିସ ସୂତ୍ରରୁ ସୂଚନା ଦିଆଯାଇଛି।

# ଗାଁର ଲୁକ୍କାୟିତ ପରମ୍ପରା ଓ ସଂସ୍କୃତିରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବ

କିଶୋରନଗର,୨।୪(ସମିସ): ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଶା ଦିବସ ସମାରୋହ ପାଳିତ ହୋଇଛି। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ସଭାପତି ପ୍ରାକ୍ତନ ଅଧ୍ୟାପକ ବିବେକାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗ୍ରାମାଞ୍ଚଳରେ ହିଁ ଓଡ଼ିଆ ସଂସ୍କୃତି ବଞ୍ଚି ରହିଛି। ଗାଁର ଲୁକ୍କାୟିତ ପରମ୍ପରା ଓ ସଂସ୍କୃତି ସାହିତ୍ୟରେ ସ୍ଥାନ ପାଇଲେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବା ସହ ଯୁବ ପିଢ଼ିକୁ ଆକୃଷ୍ଟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ



ଅଧିକାରୀ ଜ୍ୟୋତିରଞ୍ଜନ ବାଗ ଓ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଦୀପେଶ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆମେ ସମସ୍ତେ ଓଡ଼ିଆ ଭାବେ ଆମ କଳା, ସାହିତ୍ୟ, ସଂସ୍କୃତିକୁ ନେଇ ଗର୍ବ କରିବା ଉଚିତ୍ ବୋଲି କହିଥିଲେ। ପଞ୍ଚଧାର ସାହିତ୍ୟ ସଂସଦ ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଅମରଜିତ୍ ପଣ୍ଡା ରେ ପିଞ୍ଜରା ଭିତରର ବାଘ ଓ ସର୍ବେଶ୍ୱର ଘିବାଲା ଆମ ଭାଷା ଆମ ପରିଚୟ କବିତା ଆବୃତ୍ତି କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମାର ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ଯୁବ ତବଲା ବାଦକ ମାନସ କର୍ଣ୍ଣ ସହଯୋଗ କରିଥିଲେ। ସଙ୍ଗୀତଜ୍ଞ ପରମେଶ୍ୱର ପାତ୍ର, ଶିଳ୍ପୀ ରଣଜିତ ରଣା, ଚିତ୍ରଶିଳ୍ପୀ ଟୁକୁନୁ ବେହେରା, ଶିକ୍ଷକ ବାବୁଲି ଦେହୁରିଆ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକ ଉଦୀପ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ, ଅଭିଷେକ ଓ ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

# କେକେଆର୍ ପରାସ୍ତ; ହାଇଦରାବାଦ୍‌ର ପ୍ରଥମ ବିଜୟ



ନୀତୀଶ ରେଡ୍ଡୀ

କୋଲକାତା,୨।୪(ଏଜେନ୍ସି): ଇଡେନ୍ ଗାର୍ଡେନରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍-୨୦୨୬ର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଖେଳାଳିଙ୍କ ଅଲରାଉଣ୍ଡ ସଫଳତାକୁ ଆଧାର କରି ଭ୍ରମଣକାରୀ ସନ୍‌ରାଇଜର୍ସ ହାଇଦରାବାଦ୍ ୬୫ ରନ୍‌ରେ ଆୟୋଜକ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ଏହା ଫଳରେ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରୁ ହାଇଦରାବାଦ୍ ପ୍ରଥମ ବିଜୟ ହାସଲ କରିଥିଲାବେଳେ କୋଲକାତା ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ହେନ୍‌ରିକ୍ କ୍ଲାସେନ(୫୨)ଙ୍କ ଅର୍ଦ୍ଧଶତକ, ଅଭିଷେକ ଶର୍ମା (୨୧ବଲ୍‌ରେ ୪୮ରନ୍), ଟ୍ରାଭିସ୍ ହେଡ୍ (୨୧ବଲ୍‌ରେ ୪୬ରନ୍) ଓ ନୀତୀଶ କୁମାର ରେଡ୍ଡୀ (୨୪ବଲ୍‌ରେ ୩୯ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୨୬ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଖେଳାଳିଙ୍କ ଭୁଲ ବୁଝାମଣା ଓ ପ୍ରତିପକ୍ଷ ଦଳର ଉପଯୋଗୀ ବୋଲିଂ ବଳରେ କୋଲକାତାର ବ୍ୟାଟିଂ ବେଶି ସମୟ ତିଷ୍ଠି ପାରି ନ ଥିଲା। ଦଳ ୧୬ଓଭର ଖେଳି ୧୬୧ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ଅଙ୍ଗକ୍ରିସ୍ ରଘୁବଂଶୀ କ୍ରମାଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରି ପ୍ରଥମ ମ୍ୟାଚ୍ ଭଳି ୫୨ରନ୍‌ରେ ଆଉଟ ହୋଇଥିଲେ। ରିଙ୍କୁ ସିଂ ୨୫ବଲ୍‌ରେ ୩୫ ଓ ମାତ୍ର ୬ଟି ବଲ୍‌ରେ ଫିନ୍ ଆଲେନ୍ ୨୮ ରନ୍ କରିଥିଲେ। ବିଜୟୀ ହାଇଦରାବାଦ୍ ପକ୍ଷରୁ ଜୟଦେବ ଉନାଦ୍‌କତ ୩ଟି, ଏହସାନ ମାଲିଙ୍ଗା ଓ ନୀତୀଶ କୁମାର ରେଡ୍ଡୀ ୨ଟି ଲେଖାଏଁ ୱିକେଟ ପାଇଥିଲେ।

**ମୁଜାରବାନିଙ୍କ ବୋଲିଂ ବେକାର:** ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦୁଇ ବାମହାତୀ ଓପନର ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ପ୍ରଥମ ୱିକେଟରେ ୫.୪ ଓଭରରେ ୮୨ ରନ୍ ଉଠାଇଥିଲେ। ୯ମ ଓଭରରେ କାର୍ତ୍ତିକ ତ୍ୟାଗୀ ୪୬ ରନ୍ କରିଥିବା ହେଡ୍‌ଙ୍କୁ ଆଉଟ କରି ଓପନିଂ ଯୋଡି ଭାଙ୍ଗିଦେଇଥିଲେ। ହେଡ୍ ୨୧ ବଲ୍‌ରେ ୬ଚୌକା ଓ ୩ଛକା ମାରିଥିଲେ। ଏହାପରେ ଅଭିଷେକ ଓ ଇଶାନ ଦ୍ରୁତ ସଂଗ୍ରହରେ ମନୋନିବେଶ କରିଥିଲେ। ଜିମ୍ବାୱେ ଫାଷ୍ଟ ବୋଲର ମୁଜାରବାନି ଏହି ସମୟରେ ଚମତ୍କାର ବୋଲିଂ କରି ଉଭୟ ଇଶାନ ଓ ଅଭିଷେକଙ୍କୁ ଆଉଟ କରି ଦ୍ରୁତ ରନ୍ ସଂଗ୍ରହରେ ବ୍ରେକ୍ ଲଗାଇଦେଇଥିଲେ। ସେ ୪ ଓଭରରେ ୪୧ ରନ୍ ଦେଇ ୪ ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। କିନ୍ତୁ ତାଙ୍କ ଦଳ ହାରିଯିବା ପରେ ତାଙ୍କର ଏହି ପ୍ରଚେଷ୍ଟା ବିଫଳ ହୋଇଥିଲା। ହାଇଦରାବାଦ୍‌ର ଅନ୍ୟମାନଙ୍କ ମଧ୍ୟରେ ହେଡ୍‌ଙ୍କ ଭଳି ଅଭିଷେକ ମଧ୍ୟ ୨୧ଟି ବଲ୍ ଖେଳିଥିଲେ ଓ ଏଥିରେ ୪ଟି ଲେଖାଏଁ ଚୌକା ଓ ଛକା ରହିଥିଲା। ଶେଷ ଭାଗରେ କ୍ଲାସେନ୍ ଦାୟିତ୍ୱବାନ ଭାବେ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ମୋଟ ୩୫ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ୫୨ ଏବଂ ନୀତୀଶ କୁମାର ରେଡ୍ଡୀ ୨୪ବଲ୍‌ରେ ୩୯ ରନ୍ କରିଥିଲେ। ଅନ୍ୟ କେହି ଭଲ ଖେଳି ପାରି ନ ଥିଲେ। କୋଲକାତା ପକ୍ଷରୁ ମୁଜାରବାନି ଉପଯୁକ୍ତ ସମୟରେ କ୍ଲିକ୍ କରିଥିଲେ ମଧ୍ୟ ହାଇଦରାବାଦ୍‌କୁ ଅଟକାଇ ପାରି ନ ଥିଲେ। ଦଳର ଅନ୍ୟତମ ଫାଷ୍ଟ ବୋଲର ବୈଭବ ଅରୋରା ୨ଟି ୱିକେଟ ନେଇଥିଲେ। ୧୯ତମ ଓଭରରେ ସେ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ।




**ଆଜିର ଆଇପିଏଲ୍ ମ୍ୟାଚ୍**
ଚେନ୍ନାଇ ବନାମ ପଞ୍ଜାବ
ଭେନ୍ୟୁ-ଚେନ୍ନାଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଇପିଏଲ୍‌ରେ ବିରଳ ସଂଯୋଗ; ହୋମ୍ ଭେନ୍ୟୁ, ଟସ୍, ଚେଜ୍ କରି ୪ର୍ଥ ବିଜୟ

ନୂଆଦିଲ୍ଲୀ,୨।୪(ଏଜେନ୍ସି): ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଏକ ବିରଳ ସଂଯୋଗ ଦେଖିବାକୁ ମିଳିଛି। ଏହି ସଂଯୋଗ ୩ଟି ଭିନ୍ନ ଭିନ୍ନ ବିଭାଗରେ ସମାନ ହୋଇଥିବାରୁ ଏହାକୁ ବିରଳ ସଂଯୋଗ କୁହାଯାଉଛି। ଏହି ବିଭାଗଗୁଡ଼ିକ ହେଲା ପ୍ରଥମ ୪ଟି ମ୍ୟାଚ୍‌ରେ ଟସ୍ ଜିତିଥିବା ଦଳ, ହୋମ୍ ଭେନ୍ୟୁରେ ଖେଳିବା ଓ ଟାର୍ଗେଟ ଚେଜ୍ କରିଥିବା ଦଳଗୁଡିକ ବିଜୟୀ ହୋଇଛି। ଏପରି ୩ଟି ବିଭାଗରେ ସମାନ ଘଟଣା ପୂର୍ବରୁ କେବେ ଘଟି ନ ଥିଲା। ସନ୍‌ରାଇଜର୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଆର୍‌ସିବି ଅଧିନାୟକ ଟସ୍ ଜିତି ଘରୋଇ ବେଙ୍ଗାଲୁରୁରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କୋଲକାତା ବିପକ୍ଷରେ ମୁମ୍ବାଇ ଟସ୍ ଜିତି ରନ୍ ଚେଜ୍ କରି ମ୍ୟାଚ୍ ଜିତିଥିଲା। ସେହିପରି ଆସାମର ବର୍ଷାପଡ଼ା ଷ୍ଟାଡିୟମ୍‌କୁ ରାଜସ୍ଥାନ ରୟାଲ୍ସ ହୋମ୍ ଭେନ୍ୟୁ କରିଛି। ଏଠାରେ ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତିବା ପରେ ରନ୍ ଚେଜ୍ କରି ଜିତିଥିଲା। ସେହିପରି ଚତୁର୍ଥ ଲିଗ୍ ମ୍ୟାଚ୍ ପଞ୍ଜାବ କିଙ୍ଗ୍‌ସର ହୋମ୍ ଭେନ୍ୟୁ ନ୍ୟୁ ଚଣ୍ଡିଗଡ ବା ମୁଲାନପୁରରେ ଖେଳାଯାଇଥିଲା। ଏଥିରେ ମଧ୍ୟ ହୋମ୍ ଭେନ୍ୟୁରେ ପଞ୍ଜାବ ଟସ୍ ଜିତିବା ପରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲା। ଯେ କୌଣସି ଆଇପିଏଲ୍‌ରେ ପ୍ରଥମ ୪ଟି ମ୍ୟାଚ୍ ହେଉ କିମ୍ବା କ୍ରମାଗତ ୪ଟି ମ୍ୟାଚ୍‌ରେ ଏଭଳି ସଂଯୋଗ ଦେଖିବାକୁ ମିଳିନାହିଁ। ହୋମ୍ ଭେନ୍ୟୁ, ଟସ୍ ବିଜୟ, ରନ୍ ଚେଜ୍ କରି ମ୍ୟାଚ୍ ଜିତିବା ଚଳିତ ଆଇପିଏଲ୍‌ର ପ୍ରଥମ ୪ଟି ମ୍ୟାଚ୍‌ରେ କେବଳ ଦେଖିବାକୁ ମିଳିଛି। କିନ୍ତୁ ଲକ୍ଷ୍ନୌରେ ଖେଳାଯାଇଥିବା ୫ମ ଲିଗ୍ ମ୍ୟାଚ୍‌ରେ ଏହି ଧାରା ଭାଙ୍ଗିଯାଇଥିଲା। ଏଥିରେ ଟସ୍ ଜିତିଥିବା ଦଳ ଦିଲ୍ଲୀ କ୍ୟାପିଟାଲ୍ସ ରନ୍ ଚେଜ୍ କରି ମ୍ୟାଚ୍ ଜିତିଛି ସହ କିନ୍ତୁ ଏହା ବିଜୟୀ ଦଳର ହୋମ୍ ଭେନ୍ୟୁ ନ ଥିଲା।

## ୨୦୦ତମ ଆଇପିଏଲ୍ ମ୍ୟାଚ୍ ଖେଳିବାରେ ଆଜିଙ୍କ୍ୟ ରାହାଣେ ୧୧ତମ ଖେଳାଳି

ଇଡେନ୍: ଏଠାରେ ଆଜି ସନ୍‌ରାଇଜର୍ସ ବିପକ୍ଷରେ ଖେଳି ନାଇଟ୍ ରାଇଡର୍ସର ଅଧିନାୟକ ଆଜିଙ୍କ୍ୟ ରାହାଣେ ଆଇପିଏଲ୍‌ରେ ୨୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏହି ତାଲିକାରେ ସେ ହେଉଛନ୍ତି ୧୧ତମ ଖେଳାଳି। ତାଙ୍କ ପୂର୍ବରୁ ଚେନ୍ନାଇ/ପୁଣେର ମହେନ୍ଦ୍ର ସିଂ ଧୋନି ସର୍ବାଧିକ ୨୭୮, ଡେକାନ/ମୁମ୍ବଇର ରୋହିତ ଶର୍ମା ୨୭୩, ଆର୍‌ସିବିର ବିରାଟ କୋହଲି ୨୬୮, ଦିନେଶ କାର୍ତ୍ତିକ ୨୫୭, ରବୀନ୍ଦ୍ର ଜାଡେଜା ୨୫୫, ଶିଖର ଧାୱନ ୨୨୨, ରବିଚନ୍ଦ୍ରନ ଅଶ୍ୱିନ ୨୨୧, ସୁରେଶ ରାଇନା ୨୦୫, ରବିନ ଉତପ୍ପା ୨୦୫, ଅମ୍ବତି ରାୟୁଡୁ ୨୦୪ଟି ମ୍ୟାଚ୍ ଖେଳି ଏହି ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଘରୋଇ କ୍ରିକେଟରେ ମୁମ୍ବଇ ପକ୍ଷରୁ ଖେଳୁଥିବା ରାହାଣେ ୬ଟି ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳି ୨୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏହି ମୁକାବିଲା ଆରମ୍ଭରୁ ସେ ୧୯୯ଟି ମ୍ୟାଚ୍‌ରୁ ୩୦.୭୧ ହାରରେ ୫୦୯୯ ରନ୍ କରିଛନ୍ତି। ଏଥିରେ ୨ଟି ଶତକ ରହିଛି। ଏବେ ସେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଉଛନ୍ତି।

### ● ପ୍ରଥମ ବଲ୍‌ରେ ୫ଥର ନେଲେ ୱିକେଟ

## ଆଇପିଏଲ୍‌ରେ ସାମି ରଚିଲେ ଇତିହାସ

ଲକ୍ଷ୍ନୌ,୨।୪(ଏଜେନ୍ସି): ଆଇପିଏଲ୍ ବା ଇଣ୍ଡିଆନ୍ ପ୍ରିମିୟର ଲିଗରେ ମହମ୍ମଦ୍ ସାମି ରଚିଛନ୍ତି ଇତିହାସ। ସେ ପ୍ରଥମ ତଥା ଏକମାତ୍ର ବୋଲରଭାବେ ଆଇପିଏଲ୍‌ରେ ଗୋଟିଏ ଇନିଂସର ପ୍ରଥମ ବଲ୍‌ରେ ୱିକେଟ ନେବାରେ ୫ଥର ସଫଳତା ପାଇଛନ୍ତି। ଗତକାଲି ଏକନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ରେକର୍ଡ ଲକ୍ଷ୍ନୌ ସୁପର ଜାଏଣ୍ଟସ ପକ୍ଷରୁ ଖେଳି ଦିଲ୍ଲୀ କ୍ୟାପିଟାଲ୍ସ ଓପନର ଲୋକେଶ ରାହୁଲଙ୍କୁ ପ୍ରଥମ ବଲ୍‌ରେ ଆଉଟ କରିବା ସହ ଏହି ସଫଳତା ୫ମଥର ଲାଗି ପାଇଛନ୍ତି। ତାଙ୍କ ପୂର୍ବରୁ ୩ଥର ଲେଖାଏଁ ୭ଜଣ ବୋଲର ଏହି ସଫଳତା ପାଇଛନ୍ତି। ସେମାନେ ହେଲେ ପ୍ରବୀଣ କୁମାର, ଉମେଶ ଯାଦବ, ଟ୍ରେଣ୍ଟ ବୋଲ୍ଟ, ଲାସିଥ ମାଲିଙ୍ଗା, ଭୁବନେଶ୍ୱର କୁମାର, ଅଶୋକ ଦିଣ୍ଡା ଓ ପ୍ୟାଟ କମିନ୍ସ। ଜାତୀୟ ଦଳକୁ ଫେରିବା ଲାଗି ସଂଘର୍ଷ କରୁଥିବା ସାମିଙ୍କ ଏହି ସଫଳତା କିନ୍ତୁ ଦଳ ଲାଗି କାମ ଦେଇନି। ଦିଲ୍ଲୀ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା।

### ● ଆଜି ପଞ୍ଜାବ ସହ ସିଏସକେର ଲଢ଼େଇ

## ଅଭ୍ୟାସ ଆରମ୍ଭ କଲେ ଧୋନି

ଚେନ୍ନାଇ, ୨।୪ (ଏଜେନ୍ସି): ଆଇପିଏଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଶୁକ୍ରବାର ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଲଢ଼େଇ ହେବ। ଏହି ମ୍ୟାଚ ଲାଗି ଘରୋଇ ଚେନ୍ନାଇର ଷ୍ଟାର ଖେଳାଳି ମହେନ୍ଦ୍ର ସିଂ ଧୋନି ଅଭ୍ୟାସ ଆରମ୍ଭ କରିଛନ୍ତି। ଆଘାଜନିତ ସମସ୍ୟା ଲାଗି ରାଜସ୍ଥାନ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ନ ଥିବା ୪୪ ବର୍ଷୀୟ ଧୋନି ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ନେଟ୍ସରେ ଯୋଗଦେଇଛନ୍ତି। ତେବେ ଧୋନି ପଞ୍ଜାବ ବିପକ୍ଷରେ ଖେଳିବେ କି ନାହିଁ ଚେନ୍ନାଇ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

## ହକି ଦଳ ରାଜ୍ୟର ସୁନାମ ବଢ଼ାଇଛନ୍ତି: ନବୀନ

ଭୁବନେଶ୍ୱର, ୨।୪ (ସମିସ): ସ୍ୱର୍ଣ୍ଣ ବିଜୟୀ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ହକି ଦଳକୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଲେଖିଛନ୍ତି, 'ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ହକି ଦଳ ଚାମ୍ପିଅନ ହୋଇ ରାଜ୍ୟର ସୁନାମ ବଢ଼ାଇଛନ୍ତି। ଜନଜାତି କ୍ରୀଡ଼ା ପ୍ରତିଭାମାନଙ୍କ ଏହି ସଫଳତା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ସଭିଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା କାମନା କରୁଛି।'

**ହକିରେ ୨ସ୍ୱର୍ଣ୍ଣ; ଆଥ୍‌ଲେଟିକ୍ସରେ ଓଡ଼ିଶା ଓଭରଅଲ୍ ଚାମ୍ପିଅନ**

ଛତିଶଗଡ଼ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ହକିରେ ଡବଲ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ହକି ଦଳ ଚାମ୍ପିଅନ ହୋଇଛନ୍ତି। ସେହିଭଳି ଆଥ୍‌ଲେଟିକ୍ସରେ ଓଡ଼ିଶା ଦଳ ଓଭରଅଲ୍ ଚାମ୍ପିଅନ ହୋଇ ଟ୍ରଫି ଜିତିଛି। ଅପରପକ୍ଷରେ ତୀରନ୍ଦାଜୀରେ ଗୁରୁବାର ଓଡ଼ିଶା ୨ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଅର୍ଜୁନ ଖରା ଓ ମମିତା ଓରାମ ରୌପ୍ୟ, ପୁରୁଷ କମ୍ପାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇଜା କାଂସ୍ୟ ଏବଂ ପୁରୁଷ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ଓଡ଼ିଶା କାଂସ୍ୟ ପଦକ ଜିତିଥିଲା। ଆଥଲେଟିକ୍ସରେ ସନ୍ଧ୍ୟା ମୁର୍ମୁ ମହିଳା ୧୦ ହଜାର ମିଟରରେ ରୌପ୍ୟ ଓ ସୁନିତା ସାନ୍ତା ୧୫୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି।

## ଭାନୁକାଙ୍କ ଚେନ ବନ୍ଧା ପକାଇ ସିଂହଳୀ ଅଭିନେତ୍ରୀ ଗିରଫ

କଲମ୍ବୋ, ୨।୪ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟର୍ ଭାନୁକା ରାଜପକ୍ଷେ ଓ ସିଂହଳୀ ଅଭିନେତ୍ରୀ ହର୍ଷି ରସାଙ୍ଗାଙ୍କୁ ନେଇ ଏକ ବିବାଦ ଦେଖାଦେଇଛି। ଏକ ସୁନା ଚେନକୁ ନେଇ ଭାନୁକା ଅଭିନେତ୍ରୀ ରସାଙ୍ଗାଙ୍କୁ ଏକ ଆଇନଗତ ନୋଟିସ ପଠାଇଥିଲେ। ଯାହା ପରେ ପୁଲିସ ରସାଙ୍ଗାଙ୍କୁ ଗିରଫ କରିଥିଲା। ଘଟଣାରୁ ଜଣାପଡ଼ିଛି ଯେ ଭାନୁକା ଅସ୍ଥାୟୀ ଭାବରେ ଏକ ସୁନା ଚେନ ପୂର୍ବତନ ବାନ୍ଧବୀ ଅଭିନେତ୍ରୀଙ୍କୁ ଦେଇଥିଲେ। କିନ୍ତୁ ଭାନୁକାଙ୍କୁ ନ ଜଣାଇ ରସାଙ୍ଗା ୯ ଲକ୍ଷ ଟଙ୍କା ମୂଲ୍ୟରେ ଚେନ ବନ୍ଧକ ରଖିଥିଲେ। ତେବେ ଶ୍ରୀଲଙ୍କାର ଏକ କୋର୍ଟ ଏହି ମାମଲାର ଶୁଣାଣି କରି ୫-୫ ଲକ୍ଷ ଟଙ୍କାର ଦୁଇ ଜାମିନଦାରରେ ଅଭିନେତ୍ରୀ ହର୍ଷିଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇବା ପରେ ହର୍ଷି ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଭାନୁକାଙ୍କ ସହ ସମ୍ପର୍କରେ ଥିବା ସମୟରେ ଏହି ଚେନ୍ ତାଙ୍କୁ ଉପହାର ଆକାରରେ ମିଳିଥିଲା। ତେବେ ହର୍ଷିଙ୍କ ଏହି ଦାବିକୁ ନେଇ କ୍ରିକେଟର୍ ଭାନୁକାଙ୍କ ପକ୍ଷରୁ କୌଣସି ମତାମତ ମିଳିନାହିଁ। ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୨୨ରେ ହେବ ବୋଲି ଜଣାପଡ଼ିଛି।

### ଓସିଏ କ୍ଲବ୍ ଲିଗ୍: ଶୁଭ୍ରାଂଶୁଙ୍କ କ୍ରମାଗତ ଶତକ

## ରାଇଜିଂ ଷ୍ଟୁଡେଣ୍ଟ୍ସ-ବିଶ୍ୱଭାରତୀ ଫାଇନାଲ





ଭୁବନେଶ୍ୱର, ୨।୪ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଉଥିବା ଫାଇନାଲରେ ଦୁଇ କଟକ କ୍ଲବ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ବିଶ୍ୱଭାରତୀ ମଧ୍ୟରେ ଲଢ଼େଇ ହେବ। ଗୁରୁବାର ବାରବାଟୀରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୧୪୫ ରନରେ ୟୁନିୟନ ସ୍ପୋର୍ଟିଂ କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ଶୁଭ୍ରାଂଶୁ ସେନାପତି (୧୧୨ ବଲରେ ୧୪୯ ରନ) ଓ ଗୋବିନ୍ଦ ପୋଦ୍ଦାର (୮୬ ବଲରେ ୧୧୯ ରନ)ଙ୍କ ଦ୍ରୁତ ଶତକୀୟ ପାଳି ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୬୧ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ କ୍ଲବ ଲଢ଼ୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୪୯.୨ ଓଭରରେ ୩୧୬ ରନ କରିଥିଲା। ଗୋବିନ୍ଦ ବୋଲିଂରେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ୩ଟି ୱିକେଟ ନେଇଥିଲେ। ଗୋବିନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନ୍ୟ ଏକ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ୱିକେଟରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଥିଲା। ଅପରାଜିତ ୫୧ ରନ ସହ ଗୋଟିଏ ୱିକେଟ୍ ନେଇଥିବା ଗୌରବ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

## ସେମିରେ ରେଡ୍‌ଷ୍ଟାର




ଭୁବନେଶ୍ୱର,୨।୪(ସମିସ): ଭୁବନେଶ୍ୱରର ରେଡ୍‌ଷ୍ଟାର କ୍ଲବ୍ ପ୍ରଥମ ଦଳ ଭାବେ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ ରେଡ ଷ୍ଟାର ୨୮ ରନ୍‌ରେ ସହରର ପ୍ରତିଷ୍ଠିତ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୬ ଓଭର ବୋଲି କରି ୨୬ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ସାଲିକ୍ ମହମ୍ମଦ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆଜିର ଅତିଥି ତଥା କିଂବଦନ୍ତି ସିନେ ତାରକା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରଦାନ କରିଥିଲେ। ଆସନ୍ତାକାଲି ବା ଶୁକ୍ରବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ଟାଉନ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

### ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଲେ ଡୁସେନ

ଜୋହାନ୍ସବର୍ଗ, ୨।୪ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ବ୍ୟାଟର୍ ରାସି ଭାନ ଡର୍ ଡୁସେନ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଡୁସେନଙ୍କୁ ଦକ୍ଷିଣ ଆଫ୍ରିକାର କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ବାଦ୍ ଦିଆଯାଇଥିଲା। ୮ ବର୍ଷର କ୍ୟାରିୟରରେ ଡୁସେନ ଦକ୍ଷିଣ ଆଫ୍ରିକା ପାଇଁ ୧୮ ଟେଷ୍ଟ, ୭୧ ଦିନିକିଆ ଓ ୫୭ ଟି-୨୦ ମ୍ୟାଚ ଖେଳିଛନ୍ତି। ଏହି ୩ଟି ଫର୍ମାଟ୍‌ରେ ସେ ଯଥାକ୍ରମେ ୯୦୫, ୨୬୫୭ ଓ ୧୪୦୬ ରନ ସଂଗ୍ରହ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS